# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ନଭେମ୍ବର ୧୦/୨୦୨୫ (୧୨ ପୃଷ୍ଠା) | Bhubaneswar, Monday, November 10/2025 | Page 12 | ₹ 7.00 | BALASORE

୫୧ଶ ଭାଗ ୩୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 344 | ମୂଲ୍ୟ ₹୭/-




## ପ୍ରମୋଦ ଭଗତଙ୍କୁ ସ୍ୱର୍ଣ୍ଣିମ ସଫଳତା

ଜାପାନର ଟୋକିଓରେ ଅନୁଷ୍ଠିତ ହୁଲିକ୍ ଦାଇହାତସୁ ଜାପାନ ପାରା ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ୩ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୨

୦୨

## 'ମୁଁ ପୁରୁଷଙ୍କୁ ଈର୍ଷା କରେ': ଟ୍ୱିଙ୍କଲ ଖାନ୍ନା

ବଲିଉଡ ଅଭିନେତ୍ରୀରୁ ଲେଖିକା ପାଲଟିଥିବା ଟ୍ୱିଙ୍କଲ ଖାନ୍ନା 'ମେନୋପଜ' ଉପରେ ଲେଖିଲା ବେଳେ ପୁରୁଷମାନଙ୍କୁ ଈର୍ଷା କରୁଥିବା ମଜାଳିଆ ଢଙ୍ଗରେ କହିଛନ୍ତି।



## ବଢୁଛି ଶୀତ, ୧୫ ଡିଗ୍ରୀ ତଳେ ୮ ସହର

ଭୁବନେଶ୍ୱର,୯।୧୧(ବନ୍ଦନା ସେଠୀ)

ରାଜ୍ୟକୁ ବିଳମ୍ବରେ ଶୀତ ଆସିଥିଲେ ମଧ୍ୟ ଧୀରେ ଧୀରେ ବଢ଼ିବାରେ ଲାଗିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୮ ସହରର ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିଲା। ଦାରିଙ୍ଗବାଡିଠାରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ଛୁଇଁଥିବାବେଳେ ଝାରସୁଗୁଡା ୧୧.୭ ଡିଗ୍ରୀ, ଫୁଲବାଣୀ ୧୨ଡିଗ୍ରୀ, ରାଉରକେଲା ୧୩.୨ଡିଗ୍ରୀ, ଭଦ୍ରକ ୧୪ଡିଗ୍ରୀ ଏବଂ କୋରାପୁଟ, କେନ୍ଦୁଝରଗଡ଼ ଓ ଅନୁଗୋଳରେ ୧୪.୬ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଆଗାମୀ ୨୪ ଘଣ୍ଟା ପାଇଁ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘୁଆ ରହିବା ନେଇ ଆଞ୍ଚଳିକ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ଆଗ ଆମେରିକା



ଐତିହାସିକ କଟକ ବାଲିଯାତ୍ରା ପଡ଼ିଆରେ ରବିବାର ଅପରାହ୍ନରେ ଦେଖାଯାଇଥିବା ଗହଳି। (ଫଟୋ: ରାଜକିଶୋର ମହାନ୍ତି)

# ସରିଲା ପ୍ରଚାର, ଏବେ ଗାଁ ନେତା ଭରସା

ନୂଆପଡ଼ା,୯।୧୧(ସୁନିତ୍ ମିଶ୍ର)

- ନିର୍ବାଚନମଣ୍ଡଳୀ ଛାଡ଼ିଲେ ବାହାର ନେତା, ମନ୍ତ୍ରୀ, ବିଧାୟକ
- ଅନ୍ଧାରି ବିଜେ ଉପରେ ନଜର ରଖିବ ଜିଲା ପ୍ରଶାସନ
- ଅସନ୍ତୁଷ୍ଟଙ୍କ କାର୍ଯ୍ୟକଳାପକୁ ନେଇ ଭାଳେଣି

ନୂଆପଡ଼ା ଉପନିର୍ବାଚନ ଲାଗି ଚାଲିଥିବା ପ୍ରଚାର ରବିବାର ସନ୍ଧ୍ୟା ୬ଟାରେ ଶେଷ ହୋଇଛି। ମଙ୍ଗଳବାର ସକାଳେ ମତଦାନ ଆରମ୍ଭ ହେବାକୁ ଥିବାରୁ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଲଗାଯାଇଥିବା କଟକଣା ମୁତାବକ ସବୁ ଦଳ ସେମାନଙ୍କ ପ୍ରଚାର ବନ୍ଦ କରିଛନ୍ତି। ଏହି ଆସନକୁ ନିଜ ଦଖଲରେ ନେବା ଲାଗି ରାଜ୍ୟର ୩ ପ୍ରମୁଖ ଦଳ ଭାଜପା,ବିଜେଡି ଓ କଂଗ୍ରେସର ମାଳମାଳ ନେତାକର୍ମୀ ୧ ମାସ ଧରି ପକାଇଥିବା ଡେରା ଶେଷରେ ଉଠାଇଛନ୍ତି। ଏଣିକି ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଯାଇଥିବା ନେତାମାନେ ଆଉ ନିଜ ଦଳର ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ☞ପୃଷ୍ଠା–୪

## ବିଜେଡି, କଂଗ୍ରେସ ନେତାଙ୍କ ଘରେ ଆଇଟି ଚଢ଼ାଉ

ନୂଆପଡ଼ା,୯।୧୧(ମକାରୁ ବେମାଲ)





ମନୋଜ ମିଶ୍ର, ଅଙ୍କିତ ସିଂଘାଇ

ନୂଆପଡ଼ା ଉପନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବରେ ପରିଚାଳନା କରିବା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଯାଞ୍ଚ ପ୍ରକ୍ରିୟାକୁ କଡାକଡ଼ି କରାଯାଇଛି। ରବିବାର ବିଜେଡି ନେତା ମନୋଜ ମିଶ୍ର ଓ କଂଗ୍ରେସ ନେତା ଅଙ୍କିତ ସିଂଘାଇଙ୍କ ଘର ଉପରେ ଆୟକର (ଆଇଟି) ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। କୋମନାର ପୂର୍ବତନ ବ୍ଲକ ଅଧ୍ୟକ୍ଷ, ବିଜେଡି ପୂର୍ବତନ ଜିଲା ସଭାପତି ☞ପୃଷ୍ଠା–୪

# ରାଜ୍ୟ ବାହାରେ ଅସୁରକ୍ଷିତ ଓଡ଼ିଆ ଯୁବତୀ

ରାଜ୍ୟ ବାହାରେ ଓଡ଼ିଶାର ଯୁବତୀ ଏବଂ ମହିଳାମାନେ ଏବେ ଅସୁରକ୍ଷିତ ହୋଇପଡ଼ିଛନ୍ତି । କେଉଁଠି ଗଣବଳାତ୍କାର ତ ଆଉ କେଉଁଠି ହତ୍ୟାର ଶିକାର ହେଉଛନ୍ତି । ପଶ୍ଚିମବଙ୍ଗରେ ଗତ ମାସରେ ଜଣେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା ମନରୁ ଲିଭି ନ ଥିବାବେଳେ ନିକଟରେ ଉତ୍ତରାଖଣ୍ଡରେ ରାୟଗଡ଼ାର ଜଣେ ଓଡ଼ିଆ ଯୁବତୀଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଛି । ଏପରି କି ଗତ ମାସରେ ହାଇଦ୍ରାବାଦରେ ଜଣେ ଓଡ଼ିଆ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ମାସକ ମଧ୍ୟରେ ୩ଟି ବର୍ବରତା ପରେ ମହିଳା ଓ ଯୁବତୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଶେଷକରି ଝିଅପିଲାଙ୍କୁ ବାହାରକୁ ଛାଡ଼ିବାକୁ ମା'ବାପାମାନେ ଏବେ ଅନିଚ୍ଛା ପ୍ରକାଶ କଲେଣି । ବାହାର ରାଜ୍ୟରେ ଯୁବତୀ ଏବଂ ମହିଳାଙ୍କ କିଛି ହେଲେ, ସେଠାରେ ପୋଲିସ ପୀଡ଼ିତାଙ୍କୁ ସୁରକ୍ଷା ଦେବାକୁ ଯେଉଁଭଳି ସହଯୋଗ କରିବା କଥା ତାହା ନ କରି ଅଭିଯୁକ୍ତମାନଙ୍କୁ ଖସାଇ ଦେବାକୁ ଉଦ୍ୟମ କରୁଛି, ଯାହା ପଶ୍ଚିମବଙ୍ଗ ଘଟଣାରେ ଦେଖିବାକୁ ମିଳିଥିଲା ବୋଲି ପୀଡ଼ିତାଙ୍କ ବାପା ଅଭିଯୋଗ ଆଣିଥିଲେ।

ଭୁବନେଶ୍ୱର,୯।୧୧(ତ୍ରିନାଥ ମହାନ୍ତି)

- ମାସକରେ ୩ଜଣ ବଳାତ୍କାର ସହ ହତ୍ୟାର ଶିକାର
- ନ୍ୟାୟ ପାଇବାରେ ସହଯୋଗ କରୁନି ବାହାର ପୋଲିସ

ରାୟଗଡ଼ା ଜିଲାର ଜଣେ ୨୩ ବର୍ଷୀୟା ଯୁବତୀଙ୍କୁ ଗତ ୫ତାରିଖରେ ଉତ୍ତରାଖଣ୍ଡ ଲାଲ୍‌ପୁରରେ ଗଣବଳାତ୍କାର ପରେ ହତ୍ୟା କରାଯାଇଛି। ଯୁବତୀଙ୍କୁ ତଣ୍ଟିଚିପି ହତ୍ୟା କରିବା ପରେ ବାଇକ୍‌ରେ ନେଇ ଦେହରେ ପଥର ବାନ୍ଧି ନଦୀକୁ ଫିଙ୍ଗି ଦେଇଥିଲେ ଅଭିଯୁକ୍ତ। ୬ମାସ ହେଲା ଉକ୍ତ ଯୁବତୀଜଣଙ୍କ ଉତ୍ତରାଖଣ୍ଡ ଲାଲ୍‌ପୁରରେ ଏକ ଘରଭଡ଼ା ନେଇ ରହିବା ସହ ସେଠାକାର ଏକ କମ୍ପାନୀରେ ଇଣ୍ଟର୍ନସିପ୍ କରୁଥିଲେ। ଯୁବତୀଙ୍କୁ ଘର ମାଲିକଙ୍କ ପୁଅ ଏବଂ ତାଙ୍କ ସାଙ୍ଗମାନେ ଗଣବଳାତ୍କାର କରି ହତ୍ୟା କରିଥିଲେ। ସେହିପରି ଗତ ଅକ୍ଟୋବର ୧୭ରେ ହାଇଦ୍ରାବାଦରେ ଜଣେ ଓଡ଼ିଆ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ମହିଳା ଜଣଙ୍କ ଘର ଭରତପୁର ଥାନା ଅଞ୍ଚଳରେ ହୋଇଥିବାବେଳେ ପରିବାର ଋଣ ସୁଝିବା ପାଇଁ ସ୍ୱାମୀ ଏବଂ ଛୋଟ ଛୁଆକୁ ଧରି ହାଇଦ୍ରାବାଦ ଯାଇଥିଲେ। ସେଠାରେ କମ୍ପାନୀରେ ରହି ଶ୍ରମିକଙ୍କ ଛୋଟ ପିଲାଙ୍କୁ ମହିଳା ପାଠ ପଢ଼ାଉଥିଲେ। ହେଲେ ସ୍ୱାମୀ ପାସ୍‌ପୋର୍ଟ କରିବା ପାଇଁ ଭୁବନେଶ୍ୱର ଆସିଥିବା ବେଳେ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ☞ପୃଷ୍ଠା–୪

# ଦିନକ ପରେ ୧୨୨ ଆସନରେ ଭୋଟ

ପାଟନା/ନୂଆଦିଲ୍ଲୀ,୯।୧୧

**ବିହାର ପ୍ରଚାର ଶେଷ**

ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପ୍ରଚାର ରବିବାର ସନ୍ଧ୍ୟା ୬ଟାରେ ଥମିଯାଇଛି। ନଭେମ୍ବର ୬ରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ନିର୍ବାଚନବେଳେ ୧୨୧ ଆସନରେ ରେକର୍ଡ ୬୫.୦୮% ମତଦାନ ହୋଇଥିଲା, ଯାହାକି ରାଜ୍ୟର ନିର୍ବାଚନୀ ଇତିହାସରେ ସର୍ବାଧିକ। ଏଭଳି ସ୍ଥିତିରେ ପୋଲିସ ପ୍ରଶାସନ ଓ ନିର୍ବାଚନ କମିଶନଙ୍କ କଡ଼ା ବ୍ୟବସ୍ଥା ମଧ୍ୟରେ ଆସନ୍ତା ମଙ୍ଗଳବାର ୧୨୨ ଆସନରେ ଭୋଟ ଗ୍ରହଣ କରାଯିବ। ହାତରେ କମ୍ ସମୟ ଥିବାରୁ ଉଭୟ ଶାସକ ଓ ବିରୋଧୀ ପକ୍ଷର ସବୁ ଦଳ ସୁଫଳ ଆଶାରେ ଶେଷ ଗୋଟି ଚଳାଇବାରେ ଲାଗିଛନ୍ତି। ୧୪ରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବ। ବିହାର ବିଧାନସଭାକୁ ପୁନଃ ଦଖଲ ପାଇଁ ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପକ୍ଷରୁ ସର୍ବାଧିକ ପ୍ରଚାର କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ଅନ୍ୟ କେନ୍ଦ୍ରୀୟ ମନ୍ତ୍ରୀମାନଙ୍କ ସହ ଏନ୍‌ଡିଏ ଶାସିତ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀମାନେ ପ୍ରଚାର ମଇଦାନକୁ ଓହ୍ଲାଇଥିଲେ। ବିଶେଷକରି ମୋଦି ଓ ଶାହାଙ୍କ ମାରାଥନ୍ ପ୍ରଚାର ବିହାରୀ ଭୋଟରଙ୍କୁ ଅଧିକ ଆକର୍ଷିତ କରିଥିବା ପରିଲକ୍ଷିତ ହୋଇଛି। ସେହିପରି ମୁଖ୍ୟମନ୍ତ୍ରୀ ନୀତିଶ କୁମାର ନିଜ ଗାଦି ରକ୍ଷା ପାଇଁ ସଂଯୁକ୍ତ ଜନତା ଦଳ (ଜେଡିୟୁ) ପ୍ରାର୍ଥୀଙ୍କ ପାଇଁ ଧୂଆଁଧାର ପ୍ରଚାର କରିଥିଲେ। ଏନ୍‌ଡିଏର ଅନ୍ୟ ୨ ସହଯୋଗୀ ଏଲ୍‌ଜେପି ରାମବିଳାଶର ମୁଖ୍ୟ ଚିରାଗ ପାଶ୍ୱାନ ଏବଂ ହିନ୍ଦୁସ୍ତାନୀ ଆୱାମ ପାର୍ଟି (ଧର୍ମନିରପେକ୍ଷ)ର ଜିତନ୍‌ରାମ ମାଞ୍ଝି ମୋଦିଙ୍କ ଲୋକପ୍ରିୟତା ସାଙ୍ଗକୁ ବିହାରରେ ବିକାଶକୁ ପ୍ରସଙ୍ଗ କରି ବୈତରଣୀ ପାର ହେବାକୁ ଉଦ୍ୟମ କରିଛନ୍ତି। ଏଭଳି ସ୍ଥିତିରେ ବିରୋଧୀ ଇଣ୍ଡିଆ ବ୍ଲକ୍ ନୀତିଶଙ୍କଠାରୁ କ୍ଷମତା ଛଡ଼ାଇ ଆଣିବା ପାଇଁ ରଣନୀତି ପ୍ରୟୋଗ କରିଛି। ଗତ ନିର୍ବାଚନରେ ସବୁଠୁ ବଡ଼ ଦଳ ଭାବେ ☞ପୃଷ୍ଠା–୪






## ଆଣ୍ଡାମାନ ନିକୋବରରେ ଭୂକମ୍ପ

ପୋର୍ଟ ବ୍ଲେୟାର,୯।୧୧

ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ରବିବାର ଦିନ ୧୨ଟା ୬ ମିନିଟ୍ ସମୟରେ ଭୂକମ୍ପ ଅନୁଭୂତ ହୋଇଛି। ଏହାର ତୀବ୍ରତା ୫.୪ ଏବଂ କେନ୍ଦ୍ରସ୍ଥଳ ଆଣ୍ଡାମାନ ସାଗର ନିକଟରେ ୯୦ କିଲୋମିଟର ଗଭୀରରେ ବୋଲି ନ୍ୟାଶନାଲ ସେଣ୍ଟର ଫର୍ ସିସ୍ମୋଲୋଜି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଭୂକମ୍ପର ତୀବ୍ରତା ୬.୦୭ ବୋଲି ଜର୍ମାନ ରିସର୍ଚ୍ଚ ସେଣ୍ଟର ଫର୍ ଜିଓସାଇନ୍ସ ପକ୍ଷରୁ ଆକଳନ କରାଯାଇଛି। ଏଥିରେ ଧନଜୀବନ ହାନିର କୌଣସି ଖବର ମିଳିନାହିଁ। ମାୟାବୁନ୍ଦର, ରଙ୍ଗାତ ଏବଂ ଉତ୍ତର ଓ ମଧ୍ୟ ଆଣ୍ଡାମାନ୍‌ର ଆଖପାଖ ଅଞ୍ଚଳରେ କମ୍ପନ ଅନୁଭୂତ ହୋଇଥିଲା। ସତର୍କତା ପଦକ୍ଷେପ ସ୍ୱରୂପ ମତ୍ସ୍ୟଜୀବୀ ଓ ପର୍ଯ୍ୟଟକମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି।

# ଆମେରିକାରେ ଓଡ଼ିଆ ପୋଷ୍ୟକନ୍ୟାଙ୍କୁ ନିର୍ଯାତନା

## ଓଡ଼ିଶା ଫେରାଇ ଆଣିବାକୁ ଆକୁଳ ନିବେଦନ

ଭୁବନେଶ୍ୱର,୯।୧୧(ସତ୍ୟଜିତ ରାଉତ)

- ୮ବର୍ଷ ତଳେ ସାଙ୍ଗରେ ନେଇଯାଇଥିଲେ ଆମେରିକା ଦମ୍ପତି
- ସାଙ୍ଗଙ୍କୁ ଭିଡିଓ ପଠାଇ ମୁଖ୍ୟମନ୍ତ୍ରୀ, ଓଡ଼ିଶାବାସୀଙ୍କୁ ଅନୁରୋଧ କଲେ

ଛୋଟବେଳେ ଟ୍ରେନ୍‌ରେ ମା' ଓ ବାପାଙ୍କଠାରୁ ଅଲଗା ହୋଇଯାଇଥିଲେ। ଭୁବନେଶ୍ୱରର ଏକ ଅନାଥ ଆଶ୍ରମରେ ରହୁଥିବାବେଳେ ଆମେରିକାର ଜଣେ ମହିଳା ତାଙ୍କୁ ପୋଷ୍ୟକନ୍ୟା ଭାବେ ଗ୍ରହଣ କରି ସାଙ୍ଗରେ ନେଇଯାଇଥିଲେ। ଆମେରିକୀୟ ମା', ବାପାଙ୍କୁ ପାଇ ନୂଆ ଜୀବନ ଜିଇବାକୁ ସ୍ୱପ୍ନ ଦେଖି ବଡ଼ ହୋଇଥିବା ଏହି ଯୁବତୀଙ୍କ ଆଖିରେ ଏବେ ଲୁହ। ସେ ହେଲେ ପୂଜା ନାୟକ ଓରଫ ସେଜଲ ଜୋହନ (୨୧)। ଆମେରିକାରେ ପୋଷ୍ୟକନ୍ୟା ଭାବେ ରହୁଥିବା ପୂଜା ଓଡ଼ିଶା ଫେରି ଆସିବାକୁ ଆକୁଳ ନିବେଦନ କରିଛନ୍ତି। ବାଲେଶ୍ୱରରେ ରହୁଥିବା ସାଙ୍ଗ ଅମର ଦାସଙ୍କୁ ଭିଡିଓ ପଠାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରବିବାର ଏହି ଘଟଣା ପଦାକୁ ଆସିଛି।

ଅମର କହିଛନ୍ତି, ପୂଜା ନହରକଣ୍ଟାସ୍ଥିତ ପଲ୍ଲୀ ଉନ୍ନୟନ ସେବା ସମିତି କନ୍ୟା ଆଶ୍ରମରେ ରହି ପଢୁଥିବାବେଳେ ତାଙ୍କ ସହ ପରିଚିତ ହୋଇଥିଲା। ପୂଜା ଟ୍ରେନରେ ହଜିଯିବା ପରେ ☞ପୃଷ୍ଠା–୪




## ଦିଲ୍ଲୀରେ ଆଜି




ଦିଲ୍ଲୀରେ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଥିବାବେଳେ ପ୍ରତିକାର ଦିଗରେ ଉଦାସୀନ ରହୁଥିବା ପ୍ରଶାସନ ବିରୋଧରେ ଇଣ୍ଡିଆ ଗେଟ୍ ନିକଟରେ ଲୋକେ ବିକ୍ଷୋଭ କରୁଛନ୍ତି। (ଫଟୋ- ଚମନ ଗୌତମ)

# ବାୟୁ ପ୍ରଦୂଷଣରେ ଦିଲ୍ଲୀବାସୀ ଅତିଷ୍ଠ

## କାର୍ଯ୍ୟାନୁଷ୍ଠାନ ଦାବିରେ ରାଲି

ନୂଆଦିଲ୍ଲୀ,୯।୧୧

ଦିଲ୍ଲୀ ବାୟୁ ପ୍ରଦୂଷଣ କ୍ରମଶଃ ଉତ୍କଟ ହୋଇ ଶନିବାର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୦୦ ଅତିକ୍ରମ କରିଥିଲା। ଦିଲ୍ଲୀ ରେଡ୍ ଜୋନ୍‌ରେ ପ୍ରବେଶ କରିଥିବାବେଳେ ପ୍ରଦୂଷଣ ରୋକିବା ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବା ଦାବିରେ ରବିବାର ଜନସାଧାରଣ ବିକ୍ଷୋଭ ଶୋଭାଯାତ୍ରାରେ ଇଣ୍ଡିଆ ଗେଟ୍ ପର୍ଯ୍ୟନ୍ତ ଯାଇଥିଲେ। ଆକ୍ଟିଭିଷ୍ଟ ଏବଂ ବିକ୍ଷୋଭକାରୀଙ୍କ ସହ ବିରୋଧୀ ଆମ୍ ଆଦ୍‌ମୀ ପାର୍ଟି ଓ କଂଗ୍ରେସ ନେତାମାନେ ସାମିଲ ହୋଇଥିଲେ। ଜାତୀୟ ରାଜଧାନୀରେ ବାୟୁ ପ୍ରଦୂଷଣ ରୋକିବା ଦିଗରେ ସରକାର ପ୍ରଭାବଶାଳୀ ନୀତି ପ୍ରଣୟନ କରିବାକୁ ସେମାନେ ଦାବି କରିଛନ୍ତି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଅନୁଯାୟୀ କେବଳ ଯନ୍ତର ମନ୍ତରରେ ବିକ୍ଷୋଭ ଲାଗି ଅନୁମତି ଦିଆଯାଇଥିବାରୁ ଇଣ୍ଡିଆ ଗେଟ୍ ନିକଟରେ ରାଲି କରୁଥିବା ଅନେକ ବିକ୍ଷୋଭକାରୀଙ୍କୁ ପୋଲିସ ଅଟକ ରଖିଥିଲା। ଗାଇଡ୍‌ଲାଇନ୍‌କୁ ସମସ୍ତେ ମାନିବା ଆବଶ୍ୟକ ବୋଲି ବରିଷ୍ଠ ପୋଲିସ ଅଧିକାରୀ ଦେବେଶ କୁମାର ମହଲା କହିଛନ୍ତି। ପୋଲିସ ଚଢ଼ାଉ ପୂର୍ବରୁ ଇଣ୍ଡିଆ ଗେଟ୍‌ଠାରେ ୩୦ ମିନିଟ୍ ଧରି ବିକ୍ଷୋଭ ହୋଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ସମ୍ପର୍କରେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଛନ୍ତି, ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରିବା ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର। ଏକାଧିକ ଘଟଣାରେ ସୁପ୍ରିମକୋର୍ଟ ଏହାକୁ କାଏମ ରଖିଛନ୍ତି। ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଚାଲିଥିବାବେଳେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ସରକାର ନିର୍ଦ୍ଦେଶ ଦେବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

# ବିହାର ଭୋଟ: ମହିଳା ନେବେ ନିର୍ଣ୍ଣାୟକ ଭୂମିକା

ପାଟନା/ନୂଆଦିଲ୍ଲୀ, ୯।୧୧(ପି.ଟି./ଏଜେନ୍ସି)

ବିହାର ବିଧାନସଭାର ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଶେଷ ହୋଇଯାଇଛି। ହାତରେ ମାତ୍ର ୨ ଦିନ ଥିବାରୁ ସବୁ ଦଳ ଭୋଟରଙ୍କୁ ନିଜ ସପକ୍ଷକୁ ଟାଣିବା ପାଇଁ କୌଣସି ସୁଯୋଗ ହାତଛଡ଼ା କରୁନାହାନ୍ତି। ମୁଖ୍ୟମନ୍ତ୍ରୀ ନୀତିଶ କୁମାର ବିଶେଷକରି ମହିଳା ଭୋଟରଙ୍କୁ ନିଜ ସପକ୍ଷକୁ ଟାଣି ସଫଳତା ଦୋହରାଇବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ନଗଦ ଅର୍ଥରାଶି ପ୍ରଦାନ, ଶିକ୍ଷା ଓ ଅନ୍ୟ ସୁବିଧା ସମେତ ମଦ ବନ୍ଦ ଉପରେ ନୀତିଶ ଗୁରୁତ୍ୱ ଦେଉଥିବାବେଳେ ବିରୋଧୀ ପକ୍ଷ ଶେଷ ମୁହୂର୍ତ୍ତରେ ମଧ୍ୟ ମହିଳା ମତଦାତାଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି। ମହିଳା ଭୋଟରଙ୍କ ମତଦାନ ପ୍ରଥମ ପର୍ଯ୍ୟାୟ ତୁଳନାରେ ଦ୍ୱିତୀୟ ପର୍ଯ୍ୟାୟରେ ଅଧିକ ରହିବା ଅନୁମାନ କରାଯାଉଛି।



ବିହାରରେ ରାଜନୈତିକ ପରିବର୍ତ୍ତନର ପବନ ପ୍ରବାହିତ ହୋଇଛି ନା ନାହିଁ, ମଙ୍ଗଳବାର ୧୨୨ ଆସନରେ ହେବାକୁ ଥିବା ମତଦାନରୁ ତାହା ଏକପ୍ରକାର ଠଉରାଇ ହେବ। ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହାର ମହିଳା ଭୋଟରଙ୍କ ଉପରେ ନିର୍ଭର କରେ ବୋଲି କୁହାଯାଉଛି। ବିହାରରେ ମୋଟ ୭.୪୩ କୋଟି ପଞ୍ଜୀକୃତ ଭୋଟର ଥିବାବେଳେ ସେମାନଙ୍କ ମଧ୍ୟରୁ ୩.୫ କୋଟି ଅର୍ଥାତ୍ ୪୭% ହେଉଛନ୍ତି ମହିଳା। ଗତ କିଛି ନିର୍ବାଚନରେ ଏମାନେ ବଡ଼ ଭୂମିକା ନେଇଆସିଛନ୍ତି। ୨୦୧୦ ପରଠାରୁ ପୁରୁଷଙ୍କ ତୁଳନାରେ ମହିଳାଙ୍କ ମତଦାନ ହାର ଅଧିକ ରହିଆସିଛି। ନଭେମ୍ବର ୬ରେ ରେକର୍ଡ ୬୫.୮% ମତଦାନ ପଛରେ ମଧ୍ୟ ମହିଳାଙ୍କ ଯୋଗଦାନ ରହିଥିବା ରାଜନୈତିକ ବିଶ୍ଳେଷକ ଡ. ରବି କେ. ସିହ୍ନା କହିଛନ୍ତି। ମାସେ ଧରି ଚାଲିଥିବା ପ୍ରଚାର ବେଳେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମହିଳାଙ୍କ ପାଇଁ କରାଯାଇଥିବା କଲ୍ୟାଣକାରୀ ଯୋଜନାଗୁଡ଼ିକ ଉପରେ ଫୋକସ୍ କରିଥିଲେ। ତାଙ୍କ ସରକାର ନିକଟରେ ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା ଅଧୀନରେ ୨ କୋଟିରୁ ଅଧିକ ମହିଳାଙ୍କୁ ୧୦,୦୦୦ ଟଙ୍କା ଲେଖାଏ ପ୍ରତ୍ୟକ୍ଷ ନଗଦ ସହାୟତା ଘୋଷଣା କରିଛନ୍ତି। ଏହାଦ୍ୱାରା ମହିଳାମାନେ ଆର୍ଥିକ ସ୍ୱାବଲମ୍ବୀ ହେବା ସହ ପରିବାରରେ ସ୍ଥିରତା ଆଣିପାରିବେ ବୋଲି ନୀତିଶ ସରକାର ଆଶା କରିଛନ୍ତି। ଶାସକ ମେଣ୍ଟ ଆର୍‌ଜେଡିର ପୂର୍ବ ଶାସନ ଅମଳରେ ଚାଲିଥିବା 'ଜଙ୍ଗଲରାଜ' ପ୍ରସଙ୍ଗ ଉଠାଇ ବିରୋଧୀ ମହାମେଣ୍ଟକୁ ଟାର୍ଗେଟ କରୁଛି। ତେବେ ଏହାର ମୁକାବିଲା ପାଇଁ ବିରୋଧୀ ଦଳ ନେତା ତଥା ମହାମେଣ୍ଟର ମୁଖ୍ୟମନ୍ତ୍ରୀ ଚେହେରା ତେଜସ୍ୱୀ ଯାଦବ ଜୀବିକା ଦିଦିଙ୍କ ଦରମା ବୃଦ୍ଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟଙ୍କ ଉନ୍ନତି ଏବଂ ମହିଳାଙ୍କ ପାଇଁ ଅନ୍ୟ କେତେକ ଯୋଜନାର ପ୍ରତିଶ୍ରୁତି ଦେଇଛନ୍ତି। ସରକାରୀ ତଥ୍ୟ ଅନୁସାରେ ମଙ୍ଗଳବାର ଭୋଟ ଦେବାକୁ ଥିବା ୩.୭ କୋଟି ମତଦାତାଙ୍କ ମଧ୍ୟରୁ ୧.୭୪ କୋଟି ମହିଳା। ଏହି ଭୋଟରମାନେ ୧୨୨ ନିର୍ବାଚନମଣ୍ଡଳୀରେ ୧୩୬ ମହିଳା ପ୍ରାର୍ଥୀଙ୍କ ସମେତ ମୋଟ ୧,୩୦୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ। ଦ୍ୱିତୀୟ ପର୍ଯ୍ୟାୟରେ ଭାଜପା ୫୩ ଆସନରେ ଲଢ଼ୁଥିବାବେଳେ ଜେଡିୟୁ ୪୪, ଏଲ୍‌ଜେପି (ଆର୍‌ଭି) ୧୫, ଆର୍‌ଏଲ୍‌ଏମ୍ ୪, ଏଚ୍‌ଏମ୍ ୬ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ମହାମେଣ୍ଟର ଆର୍‌ଜେଡି ୭୨, କଂଗ୍ରେସ ୩୭, ଭିଆଇପି ୧୦ ଓ ଅନ୍ୟ ୫ ଆସନରେ ଲଢ଼ୁଛନ୍ତି।

### ବିହାରରେ ଅନୁପ୍ରବେଶକାରୀଙ୍କ କରିଡର ଗଢ଼ିବାକୁ ଚାହୁଁଛନ୍ତି ବିରୋଧୀ: ଶାହା



ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ରବିବାର ଇଣ୍ଡିଆ ବ୍ଲକ୍‌କୁ ଟାର୍ଗେଟ କରି କହିଛନ୍ତି, ଏମାନେ ବିହାରକୁ ଅନୁପ୍ରବେଶକାରୀଙ୍କ କରିଡର ରୂପେ ଗଢ଼ିବାକୁ ଉଦ୍ୟମ ଚଳାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଠାରେ ଇଣ୍ଡଷ୍ଟ୍ରିଆଲ୍ କରିଡର କରିବାକୁ ଚାହୁଁଥିବାବେଳେ ବିରୋଧୀ ଅନୁପ୍ରବେଶକାରୀଙ୍କ କରିଡର ନିର୍ମାଣ ଯୋଜନା କରୁଛନ୍ତି। ନିକଟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଲାଲୁଙ୍କ ପୁଅ ତେଜସ୍ୱୀ ଭୋଟର ଅଧିକାର ଯାତ୍ରା କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ଅନୁପ୍ରବେଶକାରୀଙ୍କୁ ବିହାରରେ ସୁରକ୍ଷା ଦେବା।

### ତେଜସ୍ୱୀଙ୍କୁ ୩୬, ଜିତିଲେ ରିଟର୍ନ ଗିଫ୍ଟ ପ୍ରତିଶ୍ରୁତି



ଇଣ୍ଡିଆ ବ୍ଲକ୍ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଜେଜସ୍ୱୀ ଯାଦବ ରବିବାର ୩୬ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ତେଜସ୍ୱୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଆମେ ପରିବର୍ତ୍ତନ ଆଣିବା। ବିହାରବାସୀଙ୍କ ପାଇଁ ନିଯୁକ୍ତି, ସମାନତା ଓ ପ୍ରଗତି ଆଣିବା ବୋଲି ରାହୁଲ 'X' ରେ ଉଲ୍ଲେଖ କରିଛନ୍ତି। ତେଜସ୍ୱୀ କାରାକଟ୍ ସଭାରେ କହିଛନ୍ତି, ବିହାର ଭୋଟର ତାଙ୍କୁ ଜନ୍ମଦିନରେ ଆଶୀର୍ବାଦ କରନ୍ତୁ। ନଭେମ୍ବର ୧୪ ଫଳାଫଳ ତାଙ୍କୁ ସରକାର ଗଠନ ପାଇଁ ସୁଯୋଗ ଦେଲେ ସେ ରିଟର୍ନ ଗିଫ୍ଟ ଦେବେ।

### ୨ୟ ପର୍ଯ୍ୟାୟ ଭୋଟ ପୂର୍ବରୁ ମୋତେ ହତ୍ୟା କରିବେ: ତେଜ ପ୍ରତାପ



ଜନଶକ୍ତି ଜନତା ପାର୍ଟି ମୁଖ୍ୟ ତେଜ ପ୍ରତାପ ଯାଦବ ତାଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ହତ୍ୟା କରାଯାଇପାରେ ବୋଲି ରବିବାର ଆଶଙ୍କା ବ୍ୟକ୍ତ କରିଛନ୍ତି। ତେଜ ପ୍ରତାପ କହିଛନ୍ତି, ତାଙ୍କ ଜୀବନ ପ୍ରତି ବିପଦ ରହିଥିବାରୁ ସୁରକ୍ଷା ବଢ଼ାଯାଇଛି। ଲୋକେ ତାଙ୍କୁ ହତ୍ୟା କରିବେ। ଅନେକ ଶତ୍ରୁ ରହିଛନ୍ତି। ତେବେ ତେଜସ୍ୱୀଙ୍କ ଜନ୍ମଦିନ ପାଇଁ ତାଙ୍କୁ ସେ ଶୁଭେଚ୍ଛା ଜଣାଇବା ସହ ଆଶୀର୍ବାଦ ଦେଇଛନ୍ତି।

## ଆସାମରୁ ୬୦୦ ବଙ୍ଗଳାଭାଷୀ ମୁସଲମାନ ପରିବାର ଉଚ୍ଛେଦ

ଗୁଆହାଟୀ,୯।୧୧

ଆସାମ ସରକାର ଡାହିକାଟା ରିଜର୍ଭ ଫରେଷ୍ଟ ମଧ୍ୟରେ ୧,୧୪୦ ବିଘା (୩୭୬ ଏକରରୁ ଊର୍ଦ୍ଧ୍ୱ) ଜଙ୍ଗଲ ଜମିକୁ ଜବରଦଖଲ ମୁକ୍ତ କରିବା ପାଇଁ ଗୋଲପରା ଜିଲାରେ ରବିବାର ପୁନର୍ବାର ଉଚ୍ଛେଦ ଅଭିଯାନ ଆରମ୍ଭ କରିଛନ୍ତି। ଫଳରେ ୬୦୦ ପରିବାର ପ୍ରଭାବିତ ହୋଇଛନ୍ତି। ସେମାନେ ମୁଖ୍ୟତଃ ବଙ୍ଗଳାଭାଷୀ ମୁସଲମାନ ବୋଲି ଜଣାପଡ଼ିଛି। ଉଚ୍ଛେଦ ପାଇଁ ୨ ସପ୍ତାହ ପୂର୍ବରୁ ନୋଟିସ୍ ଜାରି କରାଯାଇ ସ୍ଥାନ ଖାଲି କରିବାକୁ ବାସିନ୍ଦାମାନଙ୍କୁ କୁହାଯାଇଥିଲା। ତଦନୁଯାୟୀ ରବିବାର ଉଚ୍ଛେଦ ଅଭିଯାନ ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିବା ଗୋଲପରା ଡେପୁଟି କମିଶନର କହିଛନ୍ତି। ନୋଟିସ୍ ପାଇବା ପରେ ପ୍ରାୟ ୭୦ ପ୍ରତିଶତ ପରିବାର ସ୍ଥାନ ଛାଡ଼ି ଚାଲିଯାଇଥିଲେ। ଅବଶିଷ୍ଟ ପରିବାରକୁ ଉଚ୍ଛେଦ କରାଯାଇଛି। ଏଥିପାଇଁ ବ୍ୟାପକ ସୁରକ୍ଷା ବଳ ଓ ମେଶିନ୍ ବ୍ୟବହାର କରାଯାଇଛି।

## ଉତ୍ତରାଖଣ୍ଡରେ ୮,୨୬୦ କୋଟିର ପ୍ରକଳ୍ପ ଉଦ୍‌ଘାଟନ କଲେ ମୋଦି

ଡେରାଡୁନ୍,୯।୧୧

ଉତ୍ତରାଖଣ୍ଡର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଡେରାଡୁନ୍‌ରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ୮,୨୬୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଉତ୍ତରାଖଣ୍ଡ 'ବିଶ୍ୱର ଆଧ୍ୟାତ୍ମିକ ରାଜଧାନୀ' ହେବାର ସାମର୍ଥ୍ୟ ରଖିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଉତ୍ତରାଖଣ୍ଡରେ ଜନସାଂଖ୍ୟିକୀୟ ପରିବର୍ତ୍ତନ, ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରିବା ଏବଂ ବେଆଇନ ଧର୍ମାନ୍ତରୀକରଣକୁ ରୋକିବାରେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିବା ସହ ଅନ୍ୟ ରାଜ୍ୟଗୁଡ଼ିକ ସେଗୁଡ଼ିକୁ ଅନୁକରଣ କରିବାକୁ ପ୍ରସ୍ତାବ ଦେଇଛନ୍ତି। ପୁଷ୍କର ସିଂ ଧାମି ସରକାର ରାଜ୍ୟରେ ୟୁସିସି ଲାଗୁ କରି ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଦୃଷ୍ଟାନ୍ତ ପାଲଟିଛନ୍ତି। ଏଥିସହିତ ଧର୍ମାନ୍ତରୀକରଣ ବିରୋଧୀ ଆଇନ, ଦଙ୍ଗା ନିୟନ୍ତ୍ରଣ ଆଇନ ଆଦି ଜାତୀୟ ସ୍ୱାର୍ଥ ସହ ଜଡ଼ିତ ବଳିଷ୍ଠ ନୀତି ଗ୍ରହଣ କରିଥିବା ମୋଦି କହିଛନ୍ତି।

## ପାକିସ୍ତାନରେ ୨୭ତମ ସମ୍ବିଧାନ ସଂଶୋଧନକୁ ବିରୋଧ

### ଦେଶବ୍ୟାପୀ ବିରୋଧୀଙ୍କ ଆନ୍ଦୋଳନ

ଇସ୍‌ଲାମାବାଦ,୯।୧୧(ପି.ଟି.)

ପାକିସ୍ତାନ ସେନାମୁଖ୍ୟ ଜେନେରାଲ ଅସିମ୍ ମୁନିରଙ୍କୁ ଅଧିକ କ୍ଷମତା ଦେବା ଲାଗି ଦେଶର ପାର୍ଲାମେଣ୍ଟ ପ୍ରସ୍ତାବିତ ୨୭ତମ ସମ୍ବିଧାନ ସଂଶୋଧନ ବିଲ୍ ଗୃହୀତ କରାଇବାକୁ ଯାଉଥିବାବେଳେ ସରକାରଙ୍କ ଏଭଳି ପଦକ୍ଷେପକୁ ବିପକ୍ଷ ଦଳଗୁଡ଼ିକ ତୀବ୍ର ନିନ୍ଦା କରିଛନ୍ତି। ଏଭଳି ପଦକ୍ଷେପ ସମ୍ବିଧାନର ମୂଳଦୁଆକୁ ଦୋହଲାଇଦେବ ବୋଲି ସେମାନେ କହିବା ସହ ରବିବାରଠାରୁ ଦେଶବ୍ୟାପୀ ଆନ୍ଦୋଳନ ଆରମ୍ଭ କରିଛନ୍ତି।

ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ ସମ୍ବିଧାନର ଅନୁଚ୍ଛେଦ ୨୪୩ରେ ପରିବର୍ତ୍ତନ କରାଯାଇ ଜଏଣ୍ଟ ଚିଫ୍‌ସ ଅଫ୍ ଷ୍ଟାଫ୍ କମିଟି ଅଧ୍ୟକ୍ଷ ପଦବୀ ହଟାଇ ଦିଆଯିବ। ଏଥିସହିତ ଚିଫ୍ ଅଫ୍ ଡିଫେନ୍ସ ଫୋର୍ସେସ ପଦବୀ ସୃଷ୍ଟି ହେବାକୁ ଯାଉଛି। ଏହା ବ୍ୟତୀତ ହାଇକୋର୍ଟ ବିଚାରପତିମାନଙ୍କ ନିଯୁକ୍ତି ପ୍ରକ୍ରିୟାରେ ସଂଶୋଧନ କରାଯିବା ସହ ଏକ ସଂଘୀୟ ସାମ୍ବିଧାନିକ ଅଦାଲତ ପ୍ରତିଷ୍ଠା କରାଯିବ। ସୁପ୍ରିମକୋର୍ଟଙ୍କ କ୍ଷମତା ସଙ୍କୁଚିତ କରିବା ଏହାର ଲକ୍ଷ୍ୟ। କେତେଜଣ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବିତ ସାମ୍ବିଧାନିକ ଅଦାଲତକୁ ସ୍ଥାନାନ୍ତର କରାଯିବ ଏବଂ ରାଷ୍ଟ୍ରପତିଙ୍କୁ ସାରା ଜୀବନ ପାଇଁ ଆପରାଧିକ ମାମଲାରୁ ଦୂରେଇ ରଖାଯିବ। ଶନିବାର ପାକ୍ ସିନେଟରେ ବିଲ୍ ଆଗତ ହୋଇଥିବାବେଳେ ସୋମବାର ଏହା ଉପରେ ଭୋଟ ନିଆଯିବ। ପରେ ଏହା ନ୍ୟାଶନାଲ ଆସେମ୍ବ୍ଲିର ଅନୁମୋଦନ ପାଇଁ ପଠାଯିବ। ଏହାକୁ ବିରୋଧ କରି ବିରୋଧୀ ଦଳଗୁଡ଼ିକର ମେଣ୍ଟ ତେହରିକ୍-ଇ-ତାହାଫୁଜ୍ ଅୟିନ-ଇ-ପାକିସ୍ତାନ (ଟିଟିଏପି) ଦେଶବ୍ୟାପୀ ବିକ୍ଷୋଭ ଡାକରା ଦେଇଛି। ସମ୍ବିଧାନ ସଂଶୋଧନ ଦ୍ୱାରା ପାକିସ୍ତାନର ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକ ପଙ୍ଗୁ ହୋଇଯିବ। ତେଣୁ ଏହା ବିରୋଧରେ ସାରା ଦେଶ ସ୍ୱର ଉତ୍ତୋଳନ କରିବାକୁ ହେବ ବୋଲି ମଜଲିସ୍ ୱାହଦାତ-ଇ-ମିସଲିମିନ୍ (ଏମ୍‌ଡବ୍ଲ୍ୟୁଏମ୍) ମୁଖ୍ୟ ଆଲ୍ଲାମା ରାଜା ନସିର ଆବ୍ବାସ କହିଛନ୍ତି। ଟିଟିଏପି ମେଣ୍ଟରେ ଏମ୍‌ଡବ୍ଲ୍ୟୁଏମ୍ ସହ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ ଆଦି ଦଳ ରହିଛନ୍ତି।

# ଜାପାନ ଉପକୂଳରେ ଭୂକମ୍ପ

ଟୋକିଓ,୯।୧୧

ଜାପାନର ଉତ୍ତର ଉପକୂଳରେ ରବିବାର ସନ୍ଧ୍ୟାରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ୬.୯ ତୀବ୍ରତାର ଏହି ଭୂକମ୍ପ ପ୍ରଭାବରେ ଅନେକ ଅଞ୍ଚଳ ଦୋହଲି ଯାଇଥିଲା। ପାଣିପାଗ ବିଭାଗ ପକ୍ଷରୁ ସୁନାମି ସତର୍କ ସୂଚନା ଜାରି ହୋଇଥିବାବେଳେ ୩ ଘଣ୍ଟା ପରେ ଏହାକୁ ପ୍ରତ୍ୟାହାର କରିନିଆଯାଇଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ ସ୍ଥାନୀୟ ସମୟ ସନ୍ଧ୍ୟା ୫ଟା ୩ ମିନିଟ୍ ସମୟରେ ଇୱାତେ ଉପକୂଳରେ ଭୂକମ୍ପ ଅନୁଭୂତ ହୋଇଥିବାବେଳେ ଏହାର କେନ୍ଦ୍ରସ୍ଥଳ ୧୬ କିଲୋମିଟର ଗଭୀରରେ ରହିଛି। ଭୂକମ୍ପରେ କେହି ମୃତାହତ ହୋଇଥିବା ଖବର ମିଳିନାହିଁ। ସେହିପରି ଉକ୍ତ ଅଞ୍ଚଳରେ ରହିଥିବା ୨ଟି ଆଣବିକ ବିଦ୍ୟୁତ୍ ପ୍ଲାଣ୍ଟରେ ମଧ୍ୟ କୌଣସି ଅସ୍ୱାଭାବିକତା ଦେଖାଦେଇନାହିଁ। ଉତ୍ତର ଉପକୂଳରେ ୧ରୁ ୩ ମିଟର ଉଚ୍ଚରେ ସୁନାମି ଆସିବା ନେଇ ସତର୍କ ସୂଚନା ଜାରି କରାଯାଇଥିଲା। ଲୋକଙ୍କୁ ଉପକୂଳଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଥିଲା। ସତର୍କ ସୂଚନା ପ୍ରତ୍ୟାହାର କରାଯାଇଥିଲେ ମଧ୍ୟ ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ଅଧିକ ଶକ୍ତିଶାଳୀ ଭୂକମ୍ପ ଆଶଙ୍କା ଥିବା ପାଣିପାଗ ବିଭାଗ କହିଛି।

## ଗୁଜରାଟରୁ ୩ ଆଇଏସ୍ ଆତଙ୍କବାଦୀ ଗିରଫ

ଅହମଦାବାଦ,୯।୧୧

ଗୁଜରାଟର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ରବିବାର ଅହମଦାବାଦରୁ ୩ ଜଣ ଆଇଏସ୍ ଆତଙ୍କବାଦୀଙ୍କୁ ଗିରଫ କରିଛି। ସେମାନେ ଦେଶର ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର ଚଳାଇଥିଲେ ବୋଲି ଜଣାପଡ଼ିଛି। ସେମାନଙ୍କ ଉପରେ ଗୁଜରାଟ ଏଟିଏସ୍ ବର୍ଷେ ହେଲା ନଜର ରଖିଥିଲା। ଆତଙ୍କବାଦୀମାନେ ଅସ୍ତ୍ର ଯୋଗାଣ ପାଇଁ ଗୁଜରାଟ ଆସିଥିବାବେଳେ ଏଟିଏସ୍ ସେମାନଙ୍କୁ ଗିରଫ କରିଛି। ସେମାନେ ଦୁଇଟି ଭିନ୍ନ ମଡ୍ୟୁଲ୍‌ର। କେଉଁ ଅଞ୍ଚଳ ସେମାନଙ୍କ ଟାର୍ଗେଟରେ ଥିଲା, ତାହା ଜାଣିବା ପାଇଁ ତଦନ୍ତ ଜାରି ରହିଛି। ଜୁଲାଇ ୨୨ରେ ଗୁଜରାଟ ଏଟିଏସ୍ ଅଲ୍‌କାଏଦାର ୫ ଆତଙ୍କବାଦୀଙ୍କୁ ଗିରଫ କରିଥିଲା। ବେଙ୍ଗାଲୁରୁର ଜଣେ ମହିଳା ପାକିସ୍ତାନୀ ପରିଚାଳକଙ୍କ ସହ ଯୋଗସୂତ୍ର ରଖି ଏହି ଅନ୍‌ଲାଇନ୍ ଟେରୋର ମଡ୍ୟୁଲ ଚଳାଇଥିଲେ।

## 'ମୁଁ ପୁରୁଷମାନଙ୍କୁ ଈର୍ଷା କରେ': ଟ୍ୱିଙ୍କଲ



ଟ୍ୱିଙ୍କଲ ଖାନ୍ନା


**ମୁମ୍ବାଇ:** ବଲିଉଡ ଅଭିନେତ୍ରୀରୁ ଲେଖିକା ପାଲଟିଥିବା ଟ୍ୱିଙ୍କଲ ଖାନ୍ନା ତାଙ୍କର ସ୍ପଷ୍ଟବାଦିତା ପାଇଁ ସର୍ବଦା ଚର୍ଚ୍ଚାରେ ରୁହନ୍ତି। ନିକଟରେ ସେ ତାଙ୍କ ସାପ୍ତାହିକ କଲମରେ 'ମେନୋପଜ' ବିଷୟରେ ଏଭଳି କିଛି ଲେଖିଛନ୍ତି, ଯାହା ପ୍ରତ୍ୟେକ ମହିଳାଙ୍କୁ ଚିନ୍ତା କରିବାକୁ ବାଧ୍ୟ କରିଛି। ଟ୍ୱିଙ୍କଲ ମେନୋପଜକୁ ଏକ ଭିନ୍ନ ଢଙ୍ଗରେ ବର୍ଣ୍ଣନା କରି କହିଛନ୍ତି, 'ମେନୋପଜ ହେଉଛି ସେହିପରି, ଯେପରି କୌଣସି ଚୋର ଆପଣଙ୍କ ଘରେ ପଶି କେବଳ ଜିନିଷ ଚୋରି କରେ ନାହିଁ, ବରଂ ଘରର ସମସ୍ତ ଆସବାବପତ୍ରକୁ ମଧ୍ୟ ନିଜ ଇଚ୍ଛାରେ ବଦଳାଇ ଦିଏ।' ଏହା ମହିଳାଙ୍କ ଜୀବନର ଏପରି ଏକ ପର୍ଯ୍ୟାୟ ଯାହା କେବଳ ଶରୀର ନୁହେଁ, ଚିନ୍ତାଧାରା ଏବଂ ବ୍ୟବହାରକୁ ମଧ୍ୟ ପ୍ରଭାବିତ କରେ।

ସେ ମଜାଳିଆ ଢଙ୍ଗରେ ପୁରୁଷମାନଙ୍କୁ ଈର୍ଷା କରୁଥିବା ଲେଖିଛନ୍ତି। ଟ୍ୱିଙ୍କଲ କହିଛନ୍ତି, 'ପୁରୁଷମାନଙ୍କ ହରମୋନ ସହିତ କେବେ ଏପରି ହୁଏ ନାହିଁ, କିନ୍ତୁ ଆମ ମହିଳାମାନଙ୍କ ହରମୋନରେ ଏମିତି ଓଲଟପାଲଟ ଲାଗି ରହେ'।

## ଆର୍‌ଏସ୍‌ଏସ୍ ରାଷ୍ଟ୍ରନୀତିକୁ ସମର୍ଥନ କରେ: ଭାଗବତ

ନୂଆଦିଲ୍ଲୀ,୯।୧୧

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) କୌଣସି ବ୍ୟକ୍ତିବିଶେଷ କିମ୍ବା ରାଜନୈତିକ ଦଳକୁ ନୁହେଁ, ବରଂ ନୀତିକୁ ସମର୍ଥନ କରେ ବୋଲି ଏହାର ମୁଖ୍ୟ ମୋହନ ଭାଗବତ କହିଛନ୍ତି। ସଂଘ ନିର୍ବାଚନୀ ରାଜନୀତିରେ ଅଂଶଗ୍ରହଣ କରେନାହିଁ। ସମାଜକୁ ଏକାଠି କରିବା ଏହାର କାର୍ଯ୍ୟ। ସଂଘ ଅଯୋଧ୍ୟାରେ ରାମମନ୍ଦିର ଚାହୁଁଥିଲା। ଏହାର ନିର୍ମାଣ ପାଇଁ ଯେଉଁମାନେ ଛିଡ଼ାହେଲେ, ଆମ ସ୍ୱୟଂସେବକମାନେ ସେମାନଙ୍କୁ ଭୋଟ ଦେଲେ। ଭାଜପା ଏହି ସୁବିଧା ହାସଲ କଲା। ରାମମନ୍ଦିର ନିର୍ମାଣ ଦାବିକୁ କଂଗ୍ରେସ ସମର୍ଥନ କରିଥିଲେ, ଆର୍‌ଏସ୍‌ଏସ୍ କର୍ମୀମାନେ ଉକ୍ତ ଦଳକୁ ସମର୍ଥନ ଦେଇଥାନ୍ତେ ବୋଲି ଭାଗବତ କହିଛନ୍ତି।



ମୋହନ ଭାଗବତ

କୌଣସି ଦଳ ସହ ଆମର ସ୍ୱତନ୍ତ୍ର ଆତ୍ମୀୟତା ନାହିଁ। ଆମେ ରାଜନୀତିକୁ ନୁହେଁ, ରାଷ୍ଟ୍ରନୀତିକୁ ସମର୍ଥନ କରୁ। ଦେଶକୁ ଏକ ନିର୍ଦ୍ଦିଷ୍ଟ ଦିଶାରେ ନେଇଯିବା ଲାଗି ଆମେ ଚାହୁଁ ଏବଂ ଯେଉଁମାନେ ସେହି ଦିଗରେ କାର୍ଯ୍ୟ କରନ୍ତି, ଆମେ ସେମାନଙ୍କୁ ସମର୍ଥନ ଜଣାଉ ବୋଲି ଭାଗବତ ବେଙ୍ଗାଲୁରୁରେ ଆର୍‌ଏସ୍‌ଏସ୍‌ର ଶତବାର୍ଷିକୀ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କହିଛନ୍ତି।

ଆର୍‌ଏସ୍‌ଏସ୍‌ରେ ଭାଗନେବାକୁ ମୁସଲମାନଙ୍କୁ ଅନୁମତି ମିଳେ କି ବୋଲି ପ୍ରଶ୍ନ ହେବାରୁ ଭାଗବତ କହିଥିଲେ, ମୁସଲମାନ, ଖ୍ରୀଷ୍ଟିଆନଙ୍କ ସମେତ ବିଭିନ୍ନ ବର୍ଗର ଲୋକ ସଂଘକୁ ଆସିପାରିବେ। ଭିନ୍ନତାକୁ ସେମାନେ ଦୂରେଇ ରଖିବାକୁ ହେବ। ଯେତେବେଳେ ଆପଣମାନେ ସଂଘକୁ ଆସୁଛନ୍ତି, ସେତେବେଳେ ଭାରତ ମାତାର ପୁତ୍ର ଭାବେ ଆସୁଛନ୍ତି। ମୁସଲମାନ, ଖ୍ରୀଷ୍ଟିଆନ୍ ଶାଖାକୁ ଆସୁଥିବାବେଳେ ଆମେ ସେମାନଙ୍କୁ ଗଣି ନ ଥାଉ କି ସେମାନେ କିଏ ବୋଲି ପଚାରି ନ ଥାଉ। ସଂଘ ୧୯୨୫ରେ ସ୍ଥାପନ ହୋଇଥିଲା। ବ୍ରିଟିଶ ସରକାର ଅଧୀନରେ ଏହା ପଞ୍ଜୀକୃତ ହେବା ଆପଣମାନେ ଆଶା କରୁଛନ୍ତି କି ବୋଲି ଭାଗବତ ପ୍ରଶ୍ନ କରିଛନ୍ତି।

## କଟକରେ ବିପଦସଙ୍କୁଳ କୋଠା



ବାଦାମବାଡ଼ି ନିକଟସ୍ଥ ସେସୁ କଲୋନୀ କ୍ୱାର୍ଟର୍ସ।




ନୟାସଡ଼କସ୍ଥିତ ଏକ କୋଠା।




ଚୌଧୁରୀ ବଜାର ନିକଟସ୍ଥ କଟକ ମହାନଗର ନିଗମର କାର୍ଯ୍ୟାଳୟ। (ଫଟୋ: ରାଜକିଶୋର ମହାନ୍ତି)

# ୨୪ ଘଣ୍ଟାରେ ତଦନ୍ତ ରିପୋର୍ଟ ଦିଅ: ଜିଲାପାଳ

### ଆପାର୍ଟମେଣ୍ଟ ବାଲକୋନି ଭୁଶୁଡ଼ି ୩ ମୃତ୍ୟୁ ଘଟଣା

### ବାଲିଯାତ୍ରା ପରେ ହେବ ଅସୁରକ୍ଷିତ କୋଠା ଯାଞ୍ଚ, ଉଚ୍ଛେଦ

କଟକ,୯।୧୧(କାର୍ତ୍ତିକ ସାହୁ)

ବକ୍ସିବଜାର ଅଞ୍ଚଳର ମଣିସାହୁ ଛକଠାରେ ଏକ ୫ ମହଲା ଆପାର୍ଟମେଣ୍ଟର ବାଲକୋନି ଭୁଶୁଡ଼ି ଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁ ଘଟଣାରେ ୨୪ ଘଣ୍ଟାରେ ତଦନ୍ତ ରିପୋର୍ଟ ପ୍ରଦାନ ପାଇଁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବାଲିଯାତ୍ରା ପରେ ଅସୁରକ୍ଷିତ କୋଠା ଯାଞ୍ଚ କରାଯାଇ ତୁରନ୍ତ ଉଚ୍ଛେଦ କରାଯିବ ବୋଲି ଜିଲାପାଳ କହିଛନ୍ତି। ଅପରପକ୍ଷେ ପ୍ରତ୍ୟେକ ମୃତକଙ୍କ ସମ୍ପର୍କୀୟଙ୍କୁ ୪ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି।

ସୂଚନା ଅନୁଯାୟୀ, ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କଟକ ମହାନଗର ନିଗମର ଅତିରିକ୍ତ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଏକ ତଦନ୍ତ କମିଟି ଗଠନ କରାଯାଇଛି। କମିଟିରେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ମହାନଗର ନିଗମର ନଗର ଯନ୍ତ୍ରୀ, କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ସହକାରୀ ସହର ଯୋଜନାକାରୀ ସଦସ୍ୟ ଭାବେ ରହିଛନ୍ତି। ଏହି ଦୁର୍ଘଟଣା ଘଟିଥିବା କୋଠାର ନିର୍ମାଣ ବୈଧତା ତଥା ଆବଶ୍ୟକ ଅନୁମତି ହାସଲ ବିଷୟରେ ତଦନ୍ତ କରାଯିବ। ଏହି କୋଠା ନିର୍ମାଣର ମୂଳ ଅନୁମତି କଟକ ଉନ୍ନୟନ କର୍ତ୍ତୃପକ୍ଷ ଦେଇଥିବାରୁ ଆବଶ୍ୟକ ଦସ୍ତାବିଜ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରୁ ହାସଲ କରାଯାଇ ଯାଞ୍ଚ କରାଯିବ। ତଦନ୍ତ କମିଟି ସଂପୃକ୍ତ କୋଠାର ନିର୍ମାଣଜନିତ ଦୃଢ଼ତା ଏବଂ ସ୍ଥାୟିତ୍ୱକୁ ପରୀକ୍ଷା ନିରୀକ୍ଷା କରିବ। ଏହି ଅଟ୍ଟାଳିକା ନିର୍ମାଣ ନିମନ୍ତେ କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ହାସଲ କରାଯାଇଛି କି ନାହିଁ ଏବଂ ଅନୁମୋଦିତ ଯୋଜନା ତଥା ନିର୍ମାଣ ନିୟମାବଳୀ ଅନୁଯାୟୀ କରାଯାଇଛି କି ନାହିଁ, ତାହା ମଧ୍ୟ କମିଟି ଯାଞ୍ଚ କରିବ। ଏଥିରେ କୌଣସି ପ୍ରକାର ଅବହେଳା ବା ବିଚ୍ୟୁତି ପରିଲକ୍ଷିତ ହେଲେ ସମ୍ପୃକ୍ତ ବ୍ୟକ୍ତି ବା ଅଧିକାରୀଙ୍କୁ ଆଇନ ଅନୁଯାୟୀ ଦଣ୍ଡ ବିଧାନ କରାଯିବ। ତଦନ୍ତର ସାରାଂଶ ଓ ସୁପାରିସ ସହ ଏକ ସମ୍ପୂର୍ଣ୍ଣ ରିପୋର୍ଟ କଟକ ମହାନଗର ନିଗମ ଆୟୁକ୍ତ ଏବଂ କଟକ ଉନ୍ନୟନ କର୍ତ୍ତୃପକ୍ଷ ଉପାଧ୍ୟକ୍ଷଙ୍କ ମାଧ୍ୟମରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦାଖଲ କରିବାକୁ ଜିଲାପାଳ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି।

## ଭଙ୍ଗାଯାଇନି ୨୨୧ ବିପଦସଙ୍କୁଳ କୋଠା

### ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପ୍ରଶାସନର ଅଣଦେଖା

କଟକ,୯।୧୧(କାର୍ତ୍ତିକ ସାହୁ)

କଟକ ସହରରେ ବିପଦସଙ୍କୁଳ ଅବସ୍ଥାରେ ଥିବା ୨୨୧ଟି କୋଠାକୁ ଭାଙ୍ଗିବା ପାଇଁ ହାଇକୋର୍ଟ ଗତ ସେପ୍ଟେମ୍ବରରେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ବାଦାମବାଡ଼ି ସେସୁ କଲୋନୀ, ସିଏମ୍‌ସିର କେତେକ ବିଲ୍‌ଡିଂ, ଚୌଧୁରୀବଜାର, ବାଲୁବଜାର, ନୟାସଡ଼କ, ନୂଆବଜାର, କଲେଜ ଛକ, ମଣିସାହୁ ଛକ, ମଙ୍ଗଳାବାଗ, ରାଣୀହାଟ, ପିଠାପୁର, ତିନିକୋଣିଆ ବଗିଚା ଆଦି ଅଞ୍ଚଳରେ ଅନେକ ଅସୁରକ୍ଷିତ କୋଠା ରହିଛି। କେତେକ ବିପଦସଙ୍କୁଳ କୋଠାରେ ଲୋକେ ବସବାସ କରୁଛନ୍ତି। ତେବେ କେତେବେଳେ ଯେ ଏସବୁ କୋଠା ଭୁଶୁଡ଼ିପଡ଼ିବ ତାହାକୁ ନେଇ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଶନିବାର ବକ୍ସିବଜାର ଅଞ୍ଚଳର ମଣିସାହୁ ଛକଠାରେ ଏକ ୫ମହଲା ଆପାର୍ଟମେଣ୍ଟର ବାଲକୋନି ଭୁଶୁଡ଼ି ଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏହି ଆପାର୍ଟମେଣ୍ଟର ଅନ୍ୟ କେତେକ କୋଠାରେ ଲୋକେ ବାସ କରୁଛନ୍ତି। ପ୍ରଶାସନ ଏ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସାଧାରଣରେ ସ୍ୱର ଉଠିଛି।

# ସୁନାବେଡ଼ାରେ ବାଘ ବୁଲୁଥିବା ଭିଡିଓ ଭାଇରାଲ

### ୪ ଟ୍ରେସ୍ କ୍ୟାମେରା ଲଗାଇଲା ବନ ବିଭାଗ

ସୁନାବେଡ଼ା,୯।୧୧
(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ପୁରୁଣା ସୁନାବେଡ଼ାସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗର ପମ୍ପ ହାଉସ୍ ଅଞ୍ଚଳରେ ବାଘ ବୁଲୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହାକୁ ନେଇ ବନ ବିଭାଗ ଟିମ୍ ତଦନ୍ତ ସହ ସ୍ଥିତିକୁ ଅନୁଧ୍ୟାନ କରୁଥିବା ଦେଖିବାକୁ ମିଳିଛି। ଭିଡିଓ ଭାଇରାଲ ପରେ ସେମିଳିଗୁଡ଼ା ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ବାଘର ଗତିବିଧି ଉପରେ ନଜର ରଖିବାକୁ ୪ଟି ଟ୍ରେସ କ୍ୟାମେରା ଲଗାଯାଇଛି। ପ୍ରକୃତରେ ବାଘ ନା ଅନ୍ୟ କିଛି ବନ୍ୟଜନ୍ତୁ ସ୍ପଷ୍ଟ ହୋଇ ନ ଥିବାରୁ ଏହାର ଗତିବିଧି ଉପରେ ବିଭାଗ ନଜର ରଖିଛି। ଏହି ଅଞ୍ଚଳର ଆଖପାଖ ଗାଁ ଓ ବସ୍ତିରେ ବିଭାଗର କର୍ମଚାରୀ ଲୋକମାନଙ୍କୁ ସଚେତନ କରିବା ସହ କେହି କିଛି ଦେଖିଲେ ବିଭାଗକୁ ଖବର ଦେବାକୁ କହିଛନ୍ତି। ୩ ଦିନ ଧରି ଏହି ଅଞ୍ଚଳ ଉପରେ ବନ ବିଭାଗ ଟିମ୍ ନଜର ରଖିଛି। ଶନିବାର ରାତିରେ କୋରାପୁଟ ବନଖଣ୍ଡ ଅଧିକାରୀ କେ.ଭି. ଭାସ୍କର ରାଓ, ଏସିଏଫ ଜଗନ୍ନାଥ ପ୍ରସାଦ ବିଷୋୟୀ, କୋରାପୁଟ ବନାଞ୍ଚଳ ଅଧିକାରୀ ଏସ୍.କେ. ପାହାଡ଼ସିଂ, ସେମିଳିଗୁଡ଼ା ବନାଞ୍ଚଳ ଅଧିକାରୀ ସୁଶାନ୍ତ କୁମାର ଦଲେଇ, ବନପାଳ ନିରଞ୍ଜନ ଶତପଥୀ ଓ ଅନ୍ୟ ବନ କର୍ମଚାରୀ ଅଞ୍ଚଳର ଅନୁଧ୍ୟାନ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ଗୁରୁବାର ରାତିରେ ପମ୍ପ ହାଉସ୍‌ରେ ଥିବା ଜଗୁଆଳି ବାହାରେ ପଇଁତରା ମାରୁଥିବା ବେଳେ ବାଘ ଭଳି ଏକ ବନ୍ୟଜନ୍ତୁ ବୁଲୁଥିବା ଦେଖି ଭିଡିଓ ଉତ୍ତୋଳନ କରିଥିଲେ। ଏ ସମ୍ପର୍କରେ ସେମିଳିଗୁଡ଼ା ବନାଞ୍ଚଳ ଅଧିକାରୀ ସୁଶାନ୍ତ କୁମାର ଦଲେଇଙ୍କୁ ଯୋଗାଯୋଗ କରିବାରୁ, ବିଭାଗ ପକ୍ଷରୁ ଉକ୍ତ ଅଞ୍ଚଳ ଉପରେ ନଜର ରଖାଯାଇଛି। ବନ୍ୟଜନ୍ତୁର ଗତିବିଧି ଜାଣିବାକୁ ଟ୍ରେସ କ୍ୟାମେରା ଲଗାଯାଇଛି। ବାଘ କି ଆଉ କୌଣସି ବନ୍ୟଜନ୍ତୁ ତାହା ଜାଣିବାକୁ ୩ ଦିନ ହେବ ଅନୁଧ୍ୟାନ କରାଯାଉଥିବା ସେ କହିଛନ୍ତି।



ଭାଇରାଲ ଭିଡିଓର ଦୃଶ୍ୟ।

# ଦିବ୍ୟାଙ୍ଗଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଉନାହାନ୍ତି ଅଧିକାରୀ

### ଆନ୍ତରିକତା ସହ ଆଇନର ଅନୁପାଳନ ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର,୯।୧୧
(ରବିନାରାୟଣ ଜେନା)

ରାଜ୍ୟରେ ଦିବ୍ୟାଙ୍ଗଙ୍କ ସୁରକ୍ଷା ପ୍ରତି ଅନେକ ବିଭାଗ ଆନ୍ତରିକତା ଦେଖାଉ ନାହାନ୍ତି। ଫଳରେ ସେମାନେ ଚାକିରିଠାରୁ ଆରମ୍ଭ କରି ଜମି ଖଣ୍ଡିଏ ପାଇବା କିମ୍ବା ସରକାରୀ ଯୋଜନାରେ ସାମିଲ ହୋଇପାରୁ ନାହାନ୍ତି। ଦିବ୍ୟାଙ୍ଗମାନେ ସମାଜର ମୁଖ୍ୟସ୍ରୋତଠାରୁ ପଛରେ ପଡ଼ି ଯାଉଛନ୍ତି। ଏହିଭଳି ଅଭିଯୋଗର ଦସ୍ତାବିଜ୍ ସରକାରଙ୍କ ନିକଟରେ ପହଞ୍ଚିବା ପରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପ୍ରତ୍ୟେକ ବିଭାଗ ଯେପରି ଆଇନର ଅନୁପାଳନପୂର୍ବକ ସେମାନଙ୍କ ଅଧିକାର ଓ ସୁରକ୍ଷାକୁ ଦୃଷ୍ଟିଦେବେ ସେ ନେଇ ବିଭାଗ ପକ୍ଷରୁ ସମସ୍ତ ବିଭାଗ ସଚିବଙ୍କୁ ପତ୍ର ଲେଖି ଅବଗତ କରାଯାଇଛି।

ଏ ସଂକ୍ରାନ୍ତରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ନିର୍ଦ୍ଦେଶକ ପାରୁଲ ପଟୱାରୀ ସରକାରଙ୍କ ନିର୍ଦ୍ଦେଶକ୍ରମେ ନଭେମ୍ବର ୩ରେ ସମସ୍ତ ବିଭାଗ ସଚିବଙ୍କୁ ପତ୍ର ଲେଖିଛନ୍ତି, ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ଦିବ୍ୟାଙ୍ଗଙ୍କ ଅଧିକାର ପାଇଁ ସେକ୍ସନ-୩୭ର ଅନୁପାଳନ ହେବା ନିହାତି ଆବଶ୍ୟକ। ସେ କହିଛନ୍ତି, ପ୍ରତ୍ୟେକ ଚାଷଜମି ଆବଣ୍ଟନ ବେଳେ ଏହି ବର୍ଗଙ୍କ ପାଇଁ ୫ପ୍ରତିଶତ ପ୍ରଦାନ କରାଯିବା ଦରକାର। ଏହାସହିତ ସରକାରଙ୍କ ସମସ୍ତ ବିକାଶମୂଳକ ଯୋଜନାରେ ସେମାନେ ଯେପରି ସାମିଲ ହୋଇପାରିବେ ସେଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାର ଆବଶ୍ୟକତା ରହିଛି। ବିଶେଷ କରି ମହିଳା ବର୍ଗଙ୍କୁ ପ୍ରାଥମିକତା ଭିତ୍ତିରେ ସାମିଲ କରାଯିବା ଦରକାର।

ଏଥିସହ ଗରିବ ଦୂରୀକରଣ ଲାଗି ସରକାରଙ୍କ ପକ୍ଷରୁ ଯେତେସବୁ ଯୋଜନା ହାତକୁ ନିଆଯାଇଛି ସେଥିରେ ମଧ୍ୟ ଅତି କମ୍‌ରେ ୫ପ୍ରତିଶତ ଏହି ବର୍ଗଙ୍କୁ ସାମିଲ କରାଯିବାର ଆବଶ୍ୟକତା ରହିଛି। ଏହାସହିତ ବିଭିନ୍ନ ବର୍ଗଙ୍କୁ ଘରବାଡ଼ି, ଦୋକାନ କିମ୍ବା ଅନ୍ୟାନ୍ୟ ଉଦ୍ୟୋଗ ପାଇଁ ଜମି ଆବଣ୍ଟନ ବେଳେ ଦିବ୍ୟାଙ୍ଗ ବର୍ଗଙ୍କୁ ରିହାତି ଦରରେ ଜମି ଯୋଗାଇବାକୁ ହେବ ବୋଲି ପଟୱାରୀ ଚିଠିରେ ଉଲ୍ଲେଖ କରିଛନ୍ତି।

ସେ ପୁନଶ୍ଚ ଦର୍ଶାଇଛନ୍ତି, ସରକାରଙ୍କ ଲକ୍ଷ୍ୟ ହେଉଛି ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା। ଏଥିପାଇଁ ସରକାରୀ ନିୟମର ଅନୁପାଳନ ଠିକଣା ଭାବେ କରାଯିବାର ଆବଶ୍ୟକତା ରହିଛି। ବିଭାଗୀୟ ଅଧିକାରୀମାନେ ଆନ୍ତରିକତାର ସହିତ ସେକ୍ସନ-୩୭କୁ ଅନୁପାଳନ କରିବା ସହ ଦିବ୍ୟାଙ୍ଗଙ୍କୁ ତାଙ୍କ ଅଧିକାର ପ୍ରଦାନ କରନ୍ତୁ ବୋଲି ନିର୍ଦ୍ଦେଶକ ପତ୍ରରେ ଦର୍ଶାଇଛନ୍ତି।

# ଜଳପଥରେ ଗୁଆ ଚାଲାଣ

### ୬୦୨ ବସ୍ତା ଗୁଆ ସହ ୪ କଣ୍ଟେନର, ୨ ଟ୍ରଲର ଜବତ







ମେରାଇନ୍ ଥାନା ପକ୍ଷରୁ ଜବତ ଟ୍ରଲର ଓ କଣ୍ଟେନର।

ବାଲେଶ୍ୱର,୯।୧୧(ବାଞ୍ଛାନିଧି ଦେ)

ଜଳପଥରେ ଗୁଆ ଚାଲାଣ ବେଳେ ଧରାପଡ଼ିଛି। ବାଲେଶ୍ୱର ଜିଲା ବାହାବଳପୁର ମେରାଇନ୍ ଥାନା ଓ ବସ୍ତା ଥାନା ଅଞ୍ଚଳରୁ ୪ଟି କଣ୍ଟେନର ଓ ୨ଟି ଟ୍ରଲର୍ ଜବତ ହୋଇଛି। ୪ କଣ୍ଟେନର ଡ୍ରାଇଭରଙ୍କୁ ଅଟକ ରଖାଯାଇ ପୋଲିସ ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ଶନିବାର ରାତିରେ ବାହାବଳପୁର ମତ୍ସ୍ୟ ଅବତରଣ କେନ୍ଦ୍ରଠାରୁ କିଛି ଦୂରରେ ଏହି ଟ୍ରଲର୍ ୨ଟି ଅଟକି ରହିଥିବା ଦେଖିବାକୁ ମିଳିଥିଲା। ସେଥିରେ ଆସିଥିବା ସାମଗ୍ରୀକୁ ୪ଟି କଣ୍ଟେନର ଜରିଆରେ ଚାଲାଣ ବ୍ୟବସ୍ଥା କରାଯାଉଥିଲା। ସ୍ଥାନୀୟ ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ମେରାଇନ୍ ଥାନା ପୋଲିସ ସ୍ଥାନୀୟ ଶିବ ମନ୍ଦିର ନିକଟରୁ ଗୋଟିଏ କଣ୍ଟେନରରେ ଥିବା ୨୮୮ବସ୍ତା ଗୁଆ ଜବତ କରିଥିଲା। ଏନେଇ ମାମଲା (ନଂ.୩୫/୨୫) ରୁଜୁ ପରେ ତଦନ୍ତ ଜାରି ରହିଛି। ସେହିପରି ବସ୍ତା ଥାନା ପୋଲିସ ଛାନୁଆ-ସୁଲପଟା ରାସ୍ତାରେ ୩ଟି କଣ୍ଟେନରକୁ ଅଟକାଇଥିଲା। ସେଥିମଧ୍ୟରୁ ୨ଟି କଣ୍ଟେନରରେ ଥିବା ୩୧୪ ବସ୍ତା ଗୁଆ ଜବତ ହୋଇଥିବା ବେଳେ ଅନ୍ୟଟି ଫାଙ୍କା ଥିଲା। ଏ ସମ୍ପର୍କରେ ବସ୍ତା ଥାନାରେ ମାମଲା (ନଂ. ୪୬୬/୨୫) ରୁଜୁ ହୋଇଛି।

ମେରାଇନ ଥାନା ଆଇଆଇସି ରଶ୍ମିରେଖା ମହାଳିକଙ୍କ ସୂଚନା ମୁତାବକ, କଣ୍ଟେନରଗୁଡ଼ିକରେ ଗୁଆ ବସ୍ତା ଥିଲା। ଟ୍ରଲରଗୁଡ଼ିକରେ ଏହି ଗୁଆ ଆସିଥିବା ଅନୁମାନ କରାଯାଉଛି। ସମ୍ପୂର୍ଣ୍ଣ ଯାଞ୍ଚ ପରେ ସତ୍ୟାସତ୍ୟ ଜଣାପଡ଼ିବ। ଟ୍ରଲର୍‌ଗୁଡ଼ିକ ପଶ୍ଚିମବଙ୍ଗର ବୋଲି ପୋଲିସ ସୂଚନା ଦେଇଛି।

## ଗାଡ଼ି ଧକ୍କାରେ ମା' ପୁଅ ମୃତ

ସମ୍ବଲପୁର,୯।୧୧
(ପ୍ରମୋଦ ବହିଦାର)

ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥର ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଆଦର୍ଶବିଦ୍ୟାଳୟ ଛକରେ ରବିବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ବାଇକରେ ଥିବା ମା' ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚାରମାଳ ଥାନା ଅନ୍ତର୍ଗତ ବଡ଼ମାଳ ପଞ୍ଚାୟତ ପିପିଲିକାନୀ ଗ୍ରାମର ମଞ୍ଜୁ ମାଝୀ(୬୦) ଓ ତାଙ୍କ ପୁଅ ମନୋଜ ମାଝୀ(୩୦)। ସେମାନେ ନାକଟିଦେଉଳରୁ ରେଢ଼ାଖୋଲ ଆସୁଥିବା ବେଳେ ସନ୍ଧ୍ୟା ପ୍ରାୟ ୬ଟା୩୦ରେ ବିପରୀତ ଦିଗରୁ ଆସୁଥିବା ଏକ ଗାଡ଼ି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଏଥିରେ ସେମାନେ ଛିଟିକି ପଡ଼ିଥିବାବେଳେ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ନେଇ ଡ୍ରାଇଭର ଫେରାର ହୋଇଯାଇଥିଲେ। ଖବର ପାଇ ରେଢ଼ାଖୋଲ ଥାନା ପୋଲିସ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ମଞ୍ଜୁ ଓ ମନୋଜଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ଉଭୟଙ୍କ ଶବ ବ୍ୟବଚ୍ଛେଦ କରାଯିବ।




# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଫିଲ୍ମ ହେରିଟେଜ୍ ଫାଉଣ୍ଡେଶନ୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରେସ କ୍ଲବ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୃଜନୀ ଅନୁଷ୍ଠାନ ଆନୁକୂଲ୍ୟରେ ନାରାୟଣ ଶିଶୁ ନାଟ୍ୟ ମହୋତ୍ସବ-୨୦୨୫, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୫ଟା ୩୦।
- ଦିବ୍ୟଦିଗନ୍ତ ସାମାଜିକ ଅନୁଷ୍ଠାନ ପକ୍ଷରୁ ଔଷଧୀୟ ଚାରା ପ୍ରଦର୍ଶନ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଜନ୍ମଦିନ ଉପଲକ୍ଷେ ବିଶାଳ ରକ୍ତଦାନ ଶିବିର, ସ୍ଥାନ: ଡାକବଙ୍ଗଳା ପରିସର, ନୀଳଗିରି, ଔପଦା ଡିଗ୍ରୀ କଲେଜ, ଔପଦା, ମନୀଷା ଜିଏନ୍‌ଏମ୍ କଲେଜ, ଖନ୍ତାପଡ଼ା, ସମୟ: ପୂର୍ବାହ୍ନ ୯ଟା।
- ଆଣ୍ଟି ରାଗିଂ ସମ୍ପର୍କିତ କର୍ମଶାଳା,ସ୍ଥାନ:ନୀଳମଣି ମହାବିଦ୍ୟାଳୟ, ରୂପ୍‌ସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ସାମ୍ବାଦିକ ଦିବସ ଉପଲକ୍ଷେ ଯୁକ୍ତ୨ ଓ ଯୁକ୍ତ ୩ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା, ଶୀର୍ଷକ 'ମୁଁ ବି ହେବି ସାମ୍ବାଦିକ', ସ୍ଥାନ: ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟ, ଭୋଗରାଇ, ସମୟ: ପୂର୍ବାହ୍ନ ୧୧ଟା।

**ଭଦ୍ରକ**
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**
- ସାଧାରଣ ଅଭିଯୋଗ ଶୁଣାଣି, ସ୍ଥାନ: ଚମ୍ପୁଆ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଭଜନ ଓ ସତ୍‌ସଙ୍ଗ, ସ୍ଥାନ: ଶାଳନିଆଁ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୫ଟା।
- ସାଇବାବାଙ୍କ ୧୦୦ତମ ଜନ୍ମ ଉତ୍ସବ ଉପଲକ୍ଷେ ଆଲୋଚନା ଚକ୍ର, ଭଜନ, ସ୍ଥାନ : କପୁଣ୍ଡି , ହାଟଡିହୀ, ସମୟ : ସନ୍ଧ୍ୟା ୬ ଟା।

**ମୟୂରଭଞ୍ଜ**
- ପଦଯାତ୍ରା, ସ୍ଥାନ: ବିର୍ସା ମୁଣ୍ଡା ପାର୍କ, ରାଇରଙ୍ଗପୁର, ସମୟ: ସକାଳ ୭ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ସଂଗୀତା କ୍ରିଏଟିଭ୍ ପ୍ରତିଯୋଗିତା,ସ୍ଥାନ:ଚିତ୍ରଡ଼ା ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟ, ମୋରଡ଼ା,ସମୟ:ପୂର୍ବାହ୍ନ ୧୧ଟା।
- ଗୀତା ଜ୍ଞାନ ଯଜ୍ଞ, ସ୍ଥାନ: ଜୁବୁଲୀ ଲାଇବ୍ରେରୀ, ବାରିପଦା, ସମୟ: ସନ୍ଧ୍ୟା ୬ଟା ୩୦।
- ରୟାଲ କିଙ୍ଗଡମ ଡ୍ୟାନ୍ସ ଗ୍ରୁପ୍‌ର ଡ୍ୟାନ୍ସ ପରିବେଷଣ, ସ୍ଥାନ: ଭପୁର ଜଗଦ୍ଧାତ୍ରୀ ମେଳା ପଡ଼ିଆ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

**ଗଞ୍ଜାମ**
- ହିଞ୍ଜିଳିକାଟୁ ବିଜେଡି ପକ୍ଷରୁ ସାଧାରଣ ସଭା, ସ୍ଥାନ: ବସଷ୍ଟାଣ୍ଡ ହିଞ୍ଜିଳିକାଟୁ, ସମୟ: ପୂର୍ବାହ୍ନ ୧୧ଟା।

**କନ୍ଧମାଳ**
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ୍ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

**ଢେଙ୍କାନାଳ**
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭୁବନ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସୋମନାଥ ଜ୍ୟୋତିର୍ଲିଙ୍ଗ ଦର୍ଶନ ଓ ରୁଦ୍ରାଭିଷେକ, ସ୍ଥାନ: ଢେଙ୍କାନାଳ ରାଜବାଟୀ, ସମୟ: ସନ୍ଧ୍ୟା ୫ଟା।

**ଜଗତ୍‌ସିଂହପୁର**
- ପାରାଦୀପ ଆଦର୍ଶଥାନା ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ନେଇ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗ ବାଲିଯାତ୍ରା ମହୋତ୍ସବ ୨୦୨୫ର ଉଦ୍‌ଯାପନୀ ସଭା, ସ୍ଥାନ: ବାଲିଯାତ୍ରା ମଞ୍ଚ, ବତୀଘର ପାଖ ବେଳାଭୂମି, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ରାଷ୍ଟ୍ରୀୟ ଏକତା ପଦଯାତ୍ରା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା କରୁଣାକର କରଙ୍କ ସ୍ମୃତି ସଭା, ସ୍ଥାନ: ଦୁମୁକାହାଟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ଦିଶା ବୈଠକ, ସ୍ଥାନ: ଡିଆରଡିଏ ସଭାଗୃହ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।
- ଗ୍ରାମବାସୀଙ୍କ ପକ୍ଷରୁ ଅକାଳବାଧକ ମା' ମନସା ଦେବୀଙ୍କ ପୂଜାତ୍ସୋବ, ସ୍ଥାନ: ପୀତାପଲ୍ଲୀ, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।
- ବାଲିଯାତ୍ରା ମହୋତ୍ସବ ଓ ରାସ ଉତ୍ସବ, ସ୍ଥାନ: ଗୋବରୀ ନଦୀ କୂଳ, ଗୁଲନଗର, କେନ୍ଦ୍ରାପଡ଼ା ସହର, ଲୁଣାନଦୀ ତଟ, କଳପଡ଼ା, କେନ୍ଦ୍ରାପଡ଼ା, ମା' ମାଚିଆମଙ୍ଗଳା ପୀଠ, ବାରଗାଁ, ପଟ୍ଟାମୁଣ୍ଡାଇ, ମହାନଦୀ ଘାଟ, ବାହାକୁଦ, ମା' ରାମଚଣ୍ଡୀ ଭାଗବତ ଆଶ୍ରମ, କୋଚିଲା ଭାଗବତ ପୀଠ, ଧ୍ୟାନ ଦାସ ମଠ, ବାରଡାଙ୍ଗ, ମହାକାଳପଡ଼ା, ଶାସନୀପଡ଼ା ସେତୁ, ମାର୍ଶାଘାଇ, ଚନ୍ଦ୍ରମୌଳି ପୀଠ, ଚନ୍ଦନନଗର, ରାଜନଗର, ସମୟ: ସନ୍ଧ୍ୟା ୭ଟା।

**ଯାଜପୁର**
- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ଧର୍ମଶାଳା ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବରୀ ବ୍ଲକ୍ ଅଧୀନ ବାଲିବିଲ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରାହାସ ଉତ୍ସବ, ସ୍ଥାନ : ହରିପୁରର ବିଭିନ୍ନ ମଠ ମନ୍ଦିର, ସମୟ : ସନ୍ଧ୍ୟା ୫ଟା।
- ରାହାସ କୁଞ୍ଜ ଉତ୍ସବ ଓ ଯାତ୍ରା ସମାରୋହ, ସ୍ଥାନ: ମହେଶ୍ୱରପୁର ଛକ, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**
- ବାବା ବଳିଆଙ୍କ ହରି କଥାମୃତ ଉଦ୍‌ଘାଟନ ଦିବସ, ସ୍ଥାନ:କଣ୍ଟିଲୋ ମାଘମେଳା ପଡିଆ, ସମୟ: ସଂଧ୍ୟା ୬ଟା।
- ସାଇବର ଠକେଇ ଉପରେ ସଚେତନତା, ସ୍ଥାନ:ନୟାଗଡ ବ୍ଲକ ଇଟାମାଟି ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

**ରାୟଗଡ଼ା**
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଦ୍ମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- ପୋଲିସ ପକ୍ଷରୁ ସାଇକେଲ ଶୋଭାଯାତ୍ରା, ସ୍ଥାନ: ଉମରକୋଟ, ସମୟ: ସକାଳ ୮ଟା।
- ଝରିଗାଁ ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ, ସ୍ଥାନ: ଝରିଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବାଲ୍ୟବିବାହ ନିରାକରଣ ଦିଗରେ ସ୍ୱତନ୍ତ୍ର ଅଭିଯାନ, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ ସିନ୍ଧିଗୁଡ଼ା ପଞ୍ଚାୟତର ଦଳେଇଗୁଡ଼ା ଗ୍ରାମ, ସମୟ: ଅପରାହ୍ନ ୨ଟା।
- ମୁଖ୍ୟମନ୍ତ୍ରୀ ମକା ମିଶନ ସମୀକ୍ଷା ବୈଠକ, ସ୍ଥାନ: ଆଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ, ସମୟ ଅପରାହ୍ନ ୪ଟା।

**କୋରାପୁଟ**
- ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ଉଚ୍ଚ ବିଦ୍ୟାଳୟ ପଡିଆ, ନନ୍ଦପୁର, ସମୟ: ସକାଳ ୮ଟା ୪୦।
- ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଓ କ୍ଷେତ୍ର ପରିଦର୍ଶନ, ସ୍ଥାନ: ପଞ୍ଚାୟତ ସମିତି ବୈଠକ ଗୃହ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଆଦର୍ଶ ବିଦ୍ୟାଳୟ, ଚନ୍ଦ୍ରପଡା, ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ହାଟଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାମୀ ଚିଦାନନ୍ଦଙ୍କ ପ୍ରବର୍ତ୍ତିତ ସପ୍ତ ବିଧାନ ଉଦ୍‌ଯାପନ, ସ୍ଥାନ: ଆଶ୍ରମ ପରିସର, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ବାଡେଲ ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍‌ସ୍ତରୀୟ ପରବ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର ସଭାଗୃହ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ଆଇନ ସେବା ଦିବସ, ସ୍ଥାନ: ଦଶମନ୍ତପୁର କୋର୍ଟ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ଟା।
- ବ୍ଲକସ୍ତରୀୟ ପରବ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ ସଭାଗୃହ, ଜୟପୁର, ସମୟ:ଅପରାହ୍ନ ୩ଟା।
- କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ହାଲ ସହରାଞ୍ଚଳ ଖେଳପଡ଼ିଆ, ସୁନାବେଡା, ସମୟ: ଅପରାହ୍ନ ୫ଟା।
- ଶାବର ଶ୍ରୀକ୍ଷେତ୍ରରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ପ୍ରବଚନ, ସ୍ଥାନ: ଶାବର ଶ୍ରୀକ୍ଷେତ୍ର ପରିସର, ସମୟ : ସନ୍ଧ୍ୟା ୭ଟା୩୦।

**ମାଲକାନଗିରି**
- ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣି ସମ୍ପଦ ମେଳା, ସ୍ଥାନ: ପଡ଼ିଆ ବ୍ଲକ ସଦର ମହକୁମା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ବାମରା ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଶ୍ରୀଅନ୍ନ ଅଭିଯାନରେ କୃଷକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : ଯୁଯୋମୁରା ନିକଟସ୍ଥ ବୁଢୁବେର୍ଣ୍ଣି ଗ୍ରାମ, ସମୟ : ପୂର୍ବାହ୍ନ ୧୦ଟା।
- ଦୁର୍ଗା-୨ ଚିତ୍ରକଳା ପ୍ରଦର୍ଶନୀର ପ୍ରସ୍ତୁତି ବୈଠକ, ସ୍ଥାନ : ଗୁଜୁରାଟି କଲୋନୀ ସ୍ଥିତ ବନ୍ଦନା ଆର୍ଟ କର୍ଣ୍ଣର ପରସର, ସମୟ : ଅପରାହ୍ନ ୫ଟା।

**ରାଉରକେଲା**
- ଆଦର୍ଶ ଯୁବ ପରିଷଦ ପକ୍ଷରୁ ଶିଶୁ ମହୋତ୍ସବର ଉଦ୍‌ଯାପନୀ ସମାରୋହ ପାଳନ, ସ୍ଥାନ: ସେକ୍ଟର-୭, ସମୟ: ସକାଳ ୮ଟା।
- ଅଲ୍ ଇଣ୍ଡିଆ ଗାର୍ଡ କାଉନସିଲ୍ ପକ୍ଷରୁ ପ୍ରସ୍ତୁତି ବୈଠକ, ସ୍ଥାନ: ରାଉରକେଲା ଷ୍ଟେଶନ ଗାର୍ଡ଼ ରୁମ୍, ସମୟ: ସକାଳ ୯ଟା।
- ରାଉରକେଲା ମହାବିଦ୍ୟାଳୟରେ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପରିସ୍ଥିତିବିଶତଃ ଶାରୀରିକ ଅସୁସ୍ଥତା ମଧ୍ୟରେ କାମ କରିବାକୁ ବାଧ ହେବେ। ପରିବାର, ଯାନବାହନ, ପରିବହନ ଏବଂ ବାଣିଜ୍ୟ ତଥା ଶିଳ୍ପ କ୍ଷେତ୍ରରେ ଶିଥିଳତା ଦେଖାଦେବ। ବିଗତ ଦିନର ସମସ୍ୟା ସମାଧାନ ସକାଶେ ବିଭିନ୍ନ ଚିନ୍ତା ମନକୁ ଆନ୍ଦୋଳିତ କରିବ। ଖଳ ଲୋକଙ୍କ କଥାକୁ ସତ ମଣି ଦ୍ୱିଜା ନକ୍ଷତ୍ର ଘର ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ବୃଷ** ଆଜିର ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। ହାତକୁ ନେଇଥିବା ଅସମ୍ପୂର୍ଣ୍ଣ କାମକୁ ଆତ୍ମୀୟଙ୍କ ସହାୟତାରେ ସମ୍ପୂର୍ଣ୍ଣ କରିବେ। କୃତ୍ତିକା ନକ୍ଷତ୍ର ସକାଶେ ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ର ମନ୍ଦ ହେବନି ତଥାପି ରୋଜଗାରଠାରୁ ଖର୍ଚ୍ଚ ବଳିଯିବ।

**ମିଥୁନ** କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିବେ। ଦୀର୍ଘଦିନର ଆଶା ଫଳବତୀ ହେବାରେ ପୁନର୍ବସୁ ନକ୍ଷତ୍ରର କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ବିବାଦୀୟ ପରିସ୍ଥିତି କିମ୍ବା ମାଲିମକଦ୍ଦମାରେ ସଫଳତା ପାଇବେ ନାହିଁ। ଉଚ୍ଚ ପଦାଧିକାରୀଙ୍କ ନିକଟରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ।

**କର୍କଟ** ପରୋକ୍ଷ ଶତ୍ରୁତା କାରଣରୁ କାର୍ଯ୍ୟ ସାଧନରେ ନିଜ ଲୋକମାନଙ୍କ ତରଫରୁ ସହଯୋଗ ପାଇବେନି। ଯାନବାହନ, ବ୍ୟବସାୟ ଓ ବାଣିଜ୍ୟରୁ ଲାଭବାନ ହେବେ। ନିର୍ମାଣାଧୀନ ଗୃହ, ରାସ୍ତାକାମ, ହଠାତ୍ କିଛିଦିନ ସକାଶେ ଅଟକି ରହି ଯାଇପାରେ। ଲେଖାପଢ଼ା, ଆଲୋଚନା, ଚୁକ୍ତିପତ୍ର କ୍ଷେତ୍ରରେ ସୁଫଳ ପାଇବେ।

**ସିଂହ** ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ମନ ଏକ ପ୍ରକାର ହାଲୁକା ହୋଇଯିବ। ଉତ୍ତରାଫାଲଗୁନୀ ନକ୍ଷତ୍ର ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିଶେଷ ଉନ୍ନତି କରିବେ। କୌଣସି ଗୃହ, ଜମିଜମା ସମ୍ବନ୍ଧୀୟ ବିଷୟରେ ଯୋଗାଯୋଗ କଲେ ଅବଶ୍ୟ ଉପକୃତ ହେବେ। ଧାର କରଜ କରି ଆବଶ୍ୟକତା ପୂରଣ କରିବା ପାଇଁ ମନସ୍ଥ କରିପାରନ୍ତି।

**କନ୍ୟା** ବିଭିନ୍ନ ପ୍ରକାର କାମରେ ଅନୁପ୍ରବେଶ କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିପାରେ। ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ କିନ୍ତୁ କୌଣସି ଉପାୟ ପାଇବେ ନାହିଁ। ଉତ୍ତରାଫାଲଗୁନୀ ନକ୍ଷତ୍ର ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ତୁଳା** ଆଶା କରୁଥିବା ଦିଗରୁ ଅର୍ଥ ପାଇବେ କିନ୍ତୁ ଏଥିପାଇଁ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ବନ୍ଧୁମାନଙ୍କ ଆଚରଣରେ ଅସନ୍ତୁଷ୍ଟ ରହିପାରନ୍ତି। ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ପର ପାଖରେ ମୁଣ୍ଡ ନୁଆଁଇବାକୁ ବାଧ ହେବାକୁ ପଡିପାରେ। ବିଶାଖା ନକ୍ଷତ୍ର ସାଂସ୍କୃତିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ବିଛା** କୌଣସି କାର୍ଯ୍ୟସାଧନ କ୍ଷେତ୍ରରେ ଟେନ୍ସନ ଲାଗି ରହିବାରୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। କାରବାର ବୃଦ୍ଧି ହେତୁ ଆର୍ଥିକ ସ୍ୱଚ୍ଛଳତା ଫେରିଆସିବ। ଅନୁରାଧା ନକ୍ଷତ୍ର ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବାରେ ଗୁରୁଜନଙ୍କ ପୃଷ୍ଠପୋଷକତା ରହିବ। ସଭାସମିତିରେ ଆଲୋଚନା ପରିପ୍ରେକ୍ଷୀରେ ସ୍ୱାମୀଙ୍କ ସହ ଏକମତ ହେବାକୁ ବାଧ ହେବେ।

**ଧନୁ** ଆପଣଙ୍କର ପରାମର୍ଶ ବନ୍ଧୁଙ୍କ ମନକୁ ବେଶ୍ ପାଇବ। ପ୍ରକାଶନ, ଏଜେନ୍ସିପ୍, ଗଣମାଧ୍ୟମ, ବେତାର, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି। ଉପରିସ୍ଥଙ୍କ ନିର୍ଦ୍ଦେଶରେ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ। ମୂଳା ନକ୍ଷତ୍ର ପ୍ରତିଯୋଗିତାରେ ସଫଳତା ହାସଲ କରିବା ସହ ବିବାଦୀୟ ଘଟଣାରେ ବିଜୟୀ ହେବେ।

**ମକର** କର୍ମକ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜିବାରେ ସମର୍ଥ ହେବେ। ଧନିଷ୍ଠା ନକ୍ଷତ୍ର ପ୍ରତୀକ୍ଷା କରିଥିବା ଖବର ପାଇ ଖୁସି ହେବେ। ପାରିବାରିକ ସମସ୍ୟା ଭିତରେ ପିଲାଙ୍କ ବିଷୟ, ଛୋଟଜାତିର ବ୍ୟକ୍ତିଙ୍କ ସହ କଳହ, ହଜି ଯାଇଥିବା ଜିନିଷ ପାଇଁ ବ୍ୟସ୍ତତା ବଢ଼ିଯିବ। ଅଫିସରେ ଟେନ୍ସନରେ ରହିପାରନ୍ତି।

**କୁମ୍ଭ** ଆଜିର ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ। ସାହିତ୍ୟ, ସାମ୍ବାଦିକତା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। କଥା କଟାକଟି କାରଣରୁ ପରିବାରରେ ଅଶାନ୍ତି ସୃଷ୍ଟି ହେବାର ସମ୍ଭାବନାକୁ ଏଡି ହେବ ନାହିଁ। ପୂର୍ବଭାଦ୍ରପଦ ନକ୍ଷତ୍ର ଆର୍ଥିକ ସ୍ଥିତି ସେତେଟା ଭଲ ନ ଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ।

**ମୀନ** ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଲୋଚନା କରିପାରନ୍ତି। ଉତ୍ତରଭାଦ୍ରପଦ ନକ୍ଷତ୍ର ପଡ଼ୋଶୀଙ୍କ ସହାୟତାରେ ଖୋଜୁଥିବା ଜିନିଷଟି ପାଇ ଖୁସି ହୋଇଯିବେ। ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ମଧ୍ୟ ଦୂର ହୋଇଯିବ। ବନ୍ଧୁମିଳନରୁ ଆନନ୍ଦିତ ହେବେ ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିବେ।

ଆଜି ନଭେମ୍ବର ୧୦ ତାରିଖ, ବିଶ୍ୱ ବିଜ୍ଞାନ ଦିବସ, ମାର୍ଗଶିର କୃଷ୍ଣ ଷଷ୍ଠୀ ସୋମବାର, ଶ୍ରୀକ୍ଷେତ୍ର ପଞ୍ଚକୋଶୀ ପରିକ୍ରମା, ଶଙ୍ଖକ୍ଷେତ୍ର ମହିମାଶ୍ରବଣ ଓ ପୂଜନ, ସିଦ୍ଧ ମହାବୀରଙ୍କ ନାଗାବେଶ। ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ, ଦିବା ଘ.୦୧.୦୪ ଗତେ କର୍କଟ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୫୬ ଗତେ ଘ.୦୭.୧୯ ମଧ୍ୟେ, ୦୮.୫୪ ଗତେ ଘ.୧୧.୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮.୪୬ ଗତେ ଘ. ୧୦.୦୬ ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

## ସରିଲା ପ୍ରଚାର...

ନାହିଁ। ଏହାକୁ ନେଇ ସ୍ଥାନୀୟ ମହଲରେ ଚାଲିଥିବା ଚର୍ଚ୍ଚା ମୁତାବକ, ରବିବାର ରାତିରୁ ମଙ୍ଗଳବାର ଭୋଟ ପ୍ରକ୍ରିୟା ଆରମ୍ଭ ଯାଏ ଦେଖିବାକୁ ମିଳିବ ଅସଲି ଖେଳ। କାରଣ ଏବେ ପ୍ରାୟ ଦେଢ଼ ଦିନ ସ୍ଥାନୀୟ ଅଞ୍ଚଳର ପଞ୍ଚାୟତସ୍ତରୀୟ ନେତାମାନେ ହିଁ ଯାହା କିଛି ସେମାନଙ୍କ ଦଳର ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଆସିବା ଲାଗି କାମ କରିବେ। ସ୍ଥାନୀୟ ମହଲରେ ଏବେ ଅନ୍ଧାରି ବିଜେ ବିଷୟକୁ ନେଇ ପ୍ରଚାର ଜୋର ଧରିବାରେ ଲାଗିଛି। ଏସବୁ ଭିତରେ ଅସାଧୁ କାରବାର ରୋକିବା ପାଇଁ ନିର୍ବାଚନ କମିଶନ ଓ ଜିଲା ପ୍ରଶାସନ ପକ୍ଷରୁ କଡ଼ାକଡ଼ି ବ୍ୟବସ୍ଥା କରାଯାଇଛି।

ଦିନେକାଳେ ନୂଆପଡ଼ା ଯାଇ ନ ଥିବା ଏବଂ ସ୍ଥାନୀୟ ଅଞ୍ଚଳରେ ବୁଲି ଲୋକଙ୍କ ଦୁଃଖ ସୁଖ ବୁଝି ନ ଥିବା ରାଜ୍ୟର ଅନେକ ନେତା ଉପନିର୍ବାଚନ ପରିସ୍ଥିତି ସୃଷ୍ଟି ହେବାରୁ ନିଜ ଦଳ ପାଇଁ ପ୍ରଚାର କରିବାକୁ ନୂଆପଡ଼ା ଆସିଥିଲେ। ୨୦୨୪ ନିର୍ବାଚନ ପରେ ରାଜ୍ୟ ରାଜନୀତିର ଦୃଶ୍ୟପଟ ବଦଳିଥିବାରୁ ନିଜ ଦଳକୁ ଲୋକଙ୍କ ନଜରରେ ଆଗକୁ ନେବା ପାଇଁ ବହୁ ନେତା ନୂଆପଡ଼ା ଭୋଟରଙ୍କ ସହ ପ୍ରାୟ ମାସେ ବ୍ୟାପୀ ସେମାନଙ୍କ ସୁଖଦୁଃଖରେ ସାମିଲ ହୋଇଥିଲେ। ସେହି ନେତାମାନଙ୍କୁ ମିଳିଥିବା ଦାୟିତ୍ୱର ସମୟ ସରିଯିବା ପରେ ସେମାନେ ନିଜ କର୍ତ୍ତବ୍ୟ କେତେ ଭଲ ଭାବେ ତୁଲାଇ ପାରିଛନ୍ତି ସେକଥା ଆସନ୍ତା ୧୪ ତାରିଖ ଉପନିର୍ବାଚନ ଫଳ ବାହାରିବା ପରେ ସ୍ପଷ୍ଟ ହୋଇଯିବ। ଅନେକ ନେତା ଏବେ ନୂଆପଡ଼ା ଛାଡ଼ିବା ପରେ ଏହାର ପାଖାପାଖି ଜିଲାର ହେଡକ୍ୱାର୍ଟର୍ସରେ ଡେରା ପକାଇବା ସହ ମନିଟରିଂ କରି ଭୋଟର ଯେପରି ଏପାଖ ସେପାଖ ନ ହୁଅନ୍ତି ସେଥିପାଇଁ କାର୍ଯ୍ୟକ୍ରମ ଆରମ୍ଭ କରି ଦେଇଛନ୍ତି। ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ନେଇ ଚର୍ଚ୍ଚା ହେଉଥିବାବେଳେ ଭାଜପା,ବିଜେଡି ଓ କଂଗ୍ରେସ ନିଜର ପଞ୍ଚାୟତସ୍ତରର ନେତାମାନଙ୍କୁ ବାକି ସମୟ ଭଲ ଭାବେ ନିଜ ଅଞ୍ଚଳକୁ ଜଗିରଖିବା ପାଇଁ ବୁଝାଇ ଚାଲିଛନ୍ତି। ଏହି ଉପନିର୍ବାଚନରେ ରାଜ୍ୟର ୩ପ୍ରମୁଖ ଦଳ ସେମାନଙ୍କ ପ୍ରାର୍ଥୀ ଜିତିବା ସପକ୍ଷରେ ଯୁକ୍ତି ବାଢୁଛନ୍ତି। ପୂର୍ବରୁ ମଧ୍ୟ ପ୍ରକାଶ ପାଇଥିବା ଅନେକ ଚର୍ଚ୍ଚା ମୁତାବକ ପ୍ରଥମ ଥର ଶାସନ କ୍ଷମତାକୁ ଆସିଥିବା ଭାଜପା ପାଇଁ ଏହି ଉପନିର୍ବାଚନ ଏକପ୍ରକାର ଅଗ୍ନିପରୀକ୍ଷା ସଦୃଶ। କାରଣ ଏହି ଉପନିର୍ବାଚନରେ ବିଜୟୀ ହେଲେ ହିଁ ସରକାର ବିପକ୍ଷରେ ଜନମତ ନ ଥିବା ଏବଂ ବିଶ୍ୱାସ ବଢ଼ିଥିବା କଥା ଭାଜପା ରାଜ୍ୟବାସୀଙ୍କ ଆଗରେ ରଖିପାରିବ। ସେହିପରି ୨୪ ବର୍ଷ ପରେ ଶାସନରୁ ଯାଇଥିବା ବିଜେଡି ଯଦି ବିଜୟୀ ହୁଏ, ତେବେ ସରକାରଙ୍କ ଉପରେ ଲୋକଙ୍କ ଆସ୍ଥା ତୁଟିଗଲାଣି ବୋଲି କହି ସେମାନେ ନିଜ ପୁରୁଣା ସ୍ଥିତିକୁ ଫେରିବାର ବାର୍ତ୍ତା ଦେବା ନେଇ ଏକ ବାଟ ଫିଟାଇ ପାରିବେ। ସମାନ ଭାବେ କଂଗ୍ରେସ ଯଦି ଉତ୍ତମ ପ୍ରଦର୍ଶନ କରିବାରେ ସଫଳ ହେଲା,ତେବେ ଦୀର୍ଘ ଦିନ ଧରି ପ୍ରତ୍ୟାଖ୍ୟାତ ହୋଇଥିବା ଏହି ଦଳ ପାଇଁ ଲୋକଙ୍କ ମନରେ ପରିବର୍ତ୍ତନ ହୋଇଛି ବୋଲି ଏକ ବାର୍ତ୍ତା ଯାଇପାରେ। ତେବେ ଗଲା ୨୫ ଦିନ ଧରି ଖବର ସଂଗ୍ରହ କରିବା ମଧ୍ୟରେ ଉପରୋକ୍ତ ବିଭିନ୍ନ ଦଳର ନେତାମାନଙ୍କ ସହ ଅନେକ ସମୟରେ ଆଲୋଚନା କରିବା ଭିତରେ ମିଳିଥିବା ଅନୁଭୂତି ଅନୁଯାୟୀ, ପଛୁଆ ଜିଲା ଭାବେ ପରିଚିତ ନୂଆପଡ଼ାର ଭୋଟରଙ୍କ ମାନସିକତା ଉପନିର୍ବାଚନ ଭୋଟିଂକୁ ନେଇ କିପରି ରହିଛି ତାହା କେହି ହେଲେ ଠିକ୍ ଭାବେ ଆକଳନ କରିପାରୁ ନାହାନ୍ତି। ତେବେ ବର୍ତ୍ତମାନ ସମୟରେ ସବୁ ଦଳର ସ୍ଥାନୀୟ ନେତାଙ୍କ କାର୍ଯ୍ୟକଳାପ ଓ ଜିଲା ପ୍ରଶାସନର କଟକଣା ଉପରେ ବିଶେଷ ଦୃଷ୍ଟି ରହିବ।

ଅନ୍ୟପଟେ ବିଜେଡି ଓ ଭାଜପାରୁ ଟିକେଟ ପାଇ ନ ଥିବା ଅନେକ ସ୍ଥାନୀୟ ନେତା ସେମାନଙ୍କ ଦଳର ନେତୃମଣ୍ଡଳୀମାନଙ୍କର ଉପସ୍ଥିତି କାରଣରୁ କିଛି ଏପାଖ ସେପାଖ କରିବାର ସୁଯୋଗ ପାଇପାରି ନ ଥିଲେ। ହେଲେ ଏବେ ଯେତେବେଳେ ବାହାରୁ ଆସିଥିବା ନେତାମାନେ ଚାଲିଗଲେଣି, ସେହି ସମୟରେ ଟିକେଟ ଆଶାୟୀ ଥିବା ସମସ୍ତ ଅସନ୍ତୁଷ୍ଟ ନେତା ସେମାନଙ୍କ କର୍ମୀମାନଙ୍କ ଜରିଆରେ ନିଜ ଅସନ୍ତୋଷ ଜାହିର କରିବାର ସୁଯୋଗକୁ କିପରି ବ୍ୟବହାର କରୁଛନ୍ତି ତାକୁ ନେଇ ସବୁ ଦଳ ଭିତରେ ଏକ ପ୍ରକାର ଭାଳେଣି ପଡ଼ିଥିବା ଶୁଣିବାକୁ ମିଳୁଛି।

## ବିଜେଡି, କଂଗ୍ରେସ...

ଓ ବର୍ତ୍ତମାନ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ମିଶ୍ରଙ୍କ କୋମନାସ୍ଥିତ ବାସଭବନରେ ପୂର୍ବାହ୍ନ ୧୦ଟାରେ ଆୟକର ବିଭାଗ ଅଧିକାରୀମାନେ ଚଢାଉ କରିଥିଲେ। ସେହିପରି ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ତଥା ବ୍ୟବସାୟୀ ଅଙ୍କିତ ସିଂଘାଇଙ୍କ ଖରିଆରରୋଡ଼ସ୍ଥିତ ବାସଭବନରେ ଅପରାହ୍ନ ପ୍ରାୟ ୩ଟାରେ ଆୟକର ବିଭାଗ ଅଧିକାରୀମାନେ ଚଢାଉ କରିଥିଲେ। ଉଭୟଙ୍କ ଘର ଉପରେ କାହିଁକି ଚଢାଉ କରାଗଲା ଓ କ'ଣ ସବୁ ଜବତ କରାଯାଇଛି, ତାହା ଅସ୍ପଷ୍ଟ ରହିଛି।

## ବଢୁଛି ଶୀତ...

ପାଣିପାଗ ବିଭାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିସହ ରାଜଧାନୀରେ ସର୍ବାଧିକ ତାପମାତ୍ରା ୩୨ ଡିଗ୍ରୀ ଓ ସର୍ବନିମ୍ନ ୧୭ଡିଗ୍ରୀ ରହିବ ବୋଲି ଆକଳନ କରାଯାଇଛି। ଅପରପକ୍ଷେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଜିଲାଗୁଡିକର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୪ ଡିଗ୍ରୀ ହ୍ରାସ ପାଇଛି। ସେହିପରି ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଉତ୍ତର ଉପକୂଳ ଓଡ଼ିଶାର ଜିଲାଗୁଡିକର କିଛି ସ୍ଥାନରେ ପ୍ରାୟ ୨ରୁ ୩ ଡିଗ୍ରୀ ତାପମାତ୍ରା ହ୍ରାସ ପାଇଛି। ଅପରପକ୍ଷେ ଆଗାମୀ ୨ରୁ ୩ ଦିନ ମଧ୍ୟରେ ସାଧାରଣ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ସେଲସିୟସ କମିବାର ସମ୍ଭାବନା ରହିଛି। ତେବେ ୧୫ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ପାଗ ଶୁଖିଲା ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ରାଜ୍ୟ ବାହାରେ...

ସେହିପରି ଗତ ଅକ୍ଟୋବର ୧୦ ତାରିଖରେ ପଶ୍ଚିମବଙ୍ଗ ଦୁର୍ଗାପୁରରେ ବାଲେଶ୍ୱରର ଜଳେଶ୍ୱର ଅଞ୍ଚଳର ଜଣେ ଓଡ଼ିଆ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିଲା। ସ୍ଥାନୀୟ ମେଡିକାଲ କଲେଜରେ ସେ ପାଠ ପଢୁଥିଲେ। ଛାତ୍ରୀ ଜଣଙ୍କ ପୁରୁଷ ବନ୍ଧୁଙ୍କ ସହ କଲେଜ ବାହାରକୁ ରାତିରେ ଗୁପ୍‌ଚୁପ୍ ଖାଇବାକୁ ଯାଇଥିବା ବେଳେ କେତେଜଣ ଯୁବକ ଆସି ତାଙ୍କୁ ଟେକିନେଇ ଗଣବଳାତ୍କାର କରିଥିଲେ। ପୋଲିସ ତଦନ୍ତ ପରେ ଉକ୍ତ ଘଟଣାରେ ପୁରୁଷ ବନ୍ଧୁଙ୍କ ହାତ ଥିବା ଜଣାପଡ଼ିଥିଲା। ସେହିପରି ଗତ ବର୍ଷ ଜୁଲାଇରେ ବେଙ୍ଗାଲୁରୁରେ ଜଣେ ଓଡ଼ିଆ ଛାତ୍ରୀଙ୍କୁ ସ୍କୁଲରେ ବଳାତ୍କାର କରାଯାଇଥିଲା, ଯାହାକୁ ନେଇ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ବିକ୍ଷୋଭ କରାଯାଇଥିଲା। ଗତ ବର୍ଷ ଦିଲ୍ଲୀରେ ମଧ୍ୟ ଜଣେ ଓଡ଼ିଆ ଯୁବତୀ ଗଣବଳାତ୍କାରର ଶିକାର ହୋଇଥିଲେ। ସେ ପରିବାର ଲୋକଙ୍କ ଉପରେ କୌଣସି କାରଣରୁ ରାଗିକି ଦିଲ୍ଲୀ ପଳାଇଯାଇଥିଲେ। ସେଠାରେ ଷ୍ଟେଶନରେ ରହିଥିବାବେଳେ ଜଣେ ଅଟୋ ଡ୍ରାଇଭର ଏବଂ ଅନ୍ୟମାନେ ତାଙ୍କୁ ଗଣବଳାତ୍କାର କରିଥିଲେ। ଗତବର୍ଷ ହାଇଦ୍ରାବାଦରେ ଏକ ପ୍ରେମୀଯୁଗଳଙ୍କୁ ମାଡ଼ ମାରିବା ସହ ପ୍ରେମିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହିଭଳି ଓଡ଼ିଶାରୁ ଏକାଧିକ ଯୁବତୀ ବାହାର ରାଜ୍ୟକୁ ଯାଇ ନିର୍ଯ୍ୟାତନାର ଶିକାର ହେଉଥିବାବେଳେ ସେମାନଙ୍କ ସୁରକ୍ଷା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭରତପୁରରେ ରହୁଥିବା ମୋନାଲିସା ସାହୁ କହିଛନ୍ତି, ତାଙ୍କ ଝିଅ ଦିଲ୍ଲୀରେ ରହି ପାଠ ପଢୁଛି। ହେଲେ ଗତ କିଛିବର୍ଷ ହେବ ରାଜ୍ୟ ବାହାରେ ଯେଭଳି ମହିଳା ଓ ଛାତ୍ରୀମାନେ ଯୌନ ନିର୍ଯ୍ୟାତନାର ଶିକାର ହେଉଛନ୍ତି, ସେକଥା ଶୁଣିଲେ ଝିଅର ସୁରକ୍ଷା ନେଇ ଆମେ ସବୁବେଳେ ଚିନ୍ତାରେ ରହୁଛୁ। ଝିଅ ସହ ଗୋଟିଏ ଦିନ କଥା ନ ହେଲେ କିଛି ଅଘଟଣ ନ ହେଉ ବୋଲି ଭଗବାନଙ୍କୁ ଡାକୁଛୁ।

### ପ୍ରଭାବୀ ହେଉନି ଆନ୍ତଃରାଜ୍ୟ ଆଇପିଏସ୍ ସମ୍ମିଳନୀ

ଗତ ଦୁଇ ବର୍ଷରେ ବାହାର ରାଜ୍ୟରେ ୩୦ରୁ ଅଧିକ ମହିଳା ନିର୍ଯ୍ୟାତନାର ଶିକାର ହୋଇଛନ୍ତି। ପ୍ରତିବର୍ଷ ମହିଳାଙ୍କ ସୁରକ୍ଷା ପାଇଁ ଆନ୍ତଃରାଜ୍ୟ ଆଇପିଏସ୍ ସମ୍ମିଳନୀ କରାଯାଉଛି। ଏହି ସମ୍ମିଳନୀରେ ମହିଳାମାନେ କିଭଳି ଅନ୍ୟ ରାଜ୍ୟରେ ସୁରକ୍ଷା ପାଇବେ ସେନେଇ ଆଲୋଚନା କରାଯାଉଛି। ଆହୁରି ମଧ୍ୟ ରାଜ୍ୟ ରାଜ୍ୟ ଭିତରେ ସମନ୍ୱୟ ରଖି କାମ କରିବାକୁ କୁହାଯାଉଛି। କୌଣସି ରାଜ୍ୟରେ ଅନ୍ୟ ରାଜ୍ୟର ମହିଳାମାନେ ଅପରାଧର ଶିକାର ହେଲେ ତୁରନ୍ତ ସେଠାର ପୋଲିସକୁ ଜଣାଇବା ସହ ତଦନ୍ତ କରି ତ୍ୱରିତ ନ୍ୟାୟ ଦେବାକୁ କୁହାଯାଉଛି। କିନ୍ତୁ ବାସ୍ତବରେ ତାହା ସଫଳ ହେଉ ନ ଥିବା କିଛି ଦିନର ଘଟଣାକୁ ଦେଖିଲେ ଜଣାପଡୁଛି। ତେବେ ଏନେଇ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି, ବାହାର ରାଜ୍ୟରେ ଓଡ଼ିଶାର କୌଣସି ମହିଳା ନିର୍ଯ୍ୟାତନାର ଶିକାର ହେଲେ ଆମେ ତୁରନ୍ତ ଉକ୍ତ ରାଜ୍ୟର ପୋଲିସ ଡିଜିଙ୍କ ସହ ଯୋଗାଯୋଗ କରୁଛୁ। ଆହୁରି ମଧ୍ୟ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଅଭିଯୁକ୍ତଙ୍କୁ ଗିରଫ ପାଇଁ କହୁଛୁ। ରାଜ୍ୟ ବାହାରେ ମହିଳାଙ୍କ ଉପରେ ଘଟୁଥିବା ଘଟଣା ଉପରେ ନଜର ରଖିଛୁ ବୋଲି ମିଶ୍ର କହିଛନ୍ତି।

## ଦିନକ ପରେ ୧୨୨...

ଉଭା ହେବା ସତ୍ତ୍ୱେ ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି) ସରକାର ଗଢ଼ିବାକୁ ସୁଯୋଗ ପାଇ ନ ଥିବାରୁ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଏଥର କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହିଁନାହାନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିଳମ୍ବିତ ନିର୍ବାଚନ ପ୍ରଚାର ତାଙ୍କ ଦଳକୁ ସୁଫଳ ଦେଇ ନ ପାରେ ବୋଲି କୁହାଯାଉଛି। ନିର୍ବାଚନ ରଣନୀତିକାରରୁ ରାଜନେତା ପାଲଟିଥିବା ପ୍ରଶାନ୍ତ କିଶୋର ନିଜେ ଲଢୁ ନ ଥିଲେ ବି ତାଙ୍କ ଜନ ସୁରାଜ ପାର୍ଟିର ପ୍ରାର୍ଥୀମାନଙ୍କ ପାଇଁ ଯଥାସାଧ୍ୟ ପ୍ରଚାର କରିଛନ୍ତି। ତାଙ୍କ ଦଳକୁ ବିଶେଷ ସଫଳତା ମିଳିବ ନାହିଁ, କିନ୍ତୁ ଭୋଟ ବିଭାଜନରେ ସେ ନିର୍ଣ୍ଣାୟକ ହୋଇପାରନ୍ତି ବୋଲି ରାଜନୈତିକ ପଣ୍ଡିତମାନେ ମତ ଦେଇଛନ୍ତି। ଏଥର ନିର୍ବାଚନରେ ପ୍ରଥମ ଥର ପାଇଁ ପରିବାରକୁ ବାଦ୍ ଦେଇ ଭାଗ୍ୟ ପରୀକ୍ଷା କରୁଛନ୍ତି ଆର୍‌ଜେଡି ମୁଖ୍ୟ ଲାଲୁ ଯାଦବଙ୍କ ବଡ଼ପୁଅ ତେଜସ୍ୱୀ ଯାଦବ। ତେବେ ତାଙ୍କ ପ୍ରଭାବ ଗୋଟିଏରୁ ୮ଟି ଆସନରେ ସୀମିତ ରହିପାରେ ବୋଲି ଅନୁମାନ କରାଯାଉଛି। ଗତ ନିର୍ବାଚନରେ ୫ ଆସନରେ ବିଜୟୀ ହୋଇଥିବା ହାଇଦ୍ରାବାଦ୍ ଏମ୍‌ପି ଅସାଦୁଦ୍ଦିନ ଓ୍ୱାଇସିଙ୍କ ଦଳ ଏଆଇଏମ୍‌ଆଇଏମ୍ ପୂର୍ବ ସଫଳତା ଦୋହରାଇ ନ ପାରେ ବୋଲି ଆକଳନ କରାଯାଉଛି।

ନିର୍ବାଚନ କମିଶନଙ୍କ ପକ୍ଷରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପରେ ପ୍ରଥମ ଥର ନିର୍ବାଚନ ହେଉଥିବାରୁ ଏହାର ଫଳାଫଳ କେଉଁ ଆଡ଼କୁ ଯିବ ତାହା ଆସନ୍ତା ୧୪ରେ ସ୍ପଷ୍ଟ ହୋଇଯିବ। କିନ୍ତୁ ବର୍ତ୍ତମାନ ସବୁ ଦଳ ନିଜ ନିଜ ସପକ୍ଷରେ ସଫଳତା ଆସିବା ନେଇ ଦାବି କରୁଛନ୍ତି। ରବିବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏନ୍‌ଡିଏ ଏବଂ ମହାମେଣ୍ଟର ନେତାମାନେ ବିଭିନ୍ନ ନିର୍ବାଚନମଣ୍ଡଳୀରେ ରାଲି, ରୋଡ୍ ଶୋ' ଆଦି କରି ଭୋଟ ପୂର୍ବରୁ ଶେଷଥର ପାଇଁ ବଳ କଷିଛନ୍ତି। କେନ୍ଦ୍ରମନ୍ତ୍ରୀ ଶାହା, ରାଜନାଥ, ଶିବରାଜ ସିଂ ଚୌହାନ ଅନେକ ସ୍ଥାନରେ ସଭା କରିଥିବାବେଳେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆରାରିଆର ସିକ୍ଟିରେ ଭାଜପାର ପ୍ରଚାର କରିଛନ୍ତି। କଂଗ୍ରେସ ପକ୍ଷରୁ ରାହୁଲ କିଷନଗଞ୍ଜ ଓ ପୁର୍ନେଆରେ ମହାମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ଜେଡିୟୁ ମୁଖ୍ୟ ନୀତିଶ ତାଙ୍କ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଦେଖାଇ ମହିଳା ଭୋଟରଙ୍କୁ ପୁଣି ଟାଣିବାକୁ ଉଦ୍ୟମ କରିଛନ୍ତି।

## ଆମେରିକାରେ ଓଡ଼ିଆ...

ଚାଇଲ୍ଡଲାଇନ୍ ଦ୍ୱାରା ଉଦ୍ଧାର ହୋଇ ଅନାଥ ଆଶ୍ରମକୁ ଆସିଥିବା ଜାଣିବାକୁ ପାଇଥିଲେ। ତେବେ ୨୦୧୮ରେ ପୂଜାଙ୍କୁ ଏକ ଦମ୍ପତି ପୋଷ୍ୟକନ୍ୟା ଭାବେ ଗ୍ରହଣ କରି ନେଇଯାଇଥିଲେ। ଆମେରିକାକୁ ଯିବା ପରେ ତାଙ୍କ ନାମ ପୂଜାରୁ ସେଜଲ ଜୋହନ ହୋଇଥିଲା। ତେବେ ୨୦୨୩ରେ ସୋସିଆଲ୍ ମିଡିଆ ଜରିଆରେ ପୂଜାଙ୍କ ସହ ଅମରଙ୍କର ପୁଣି ଯୋଗାଯୋଗ ହୋଇଥିଲା। ପୂଜା ସେଠାରେ ଖୁସିରେ ନ ଥିବା ତାଙ୍କୁ କହିଥିଲେ। ପରେ ପାଳିତ ମା' ତାଙ୍କଠାରୁ ମୋବାଇଲ ଓ ସିମ୍ ନେଇଯାଇଥିଲେ ବୋଲି ଅମର କହିଛନ୍ତି। ପୂଜା ଏକ ଭିଡିଓ ଶେୟାର କରିଥିବା ବେଳେ ସେଥିରେ ସେ କାନ୍ଦି କାନ୍ଦି କୋହଭରା କଣ୍ଠରେ ଅତ୍ୟାଚାରର କାହାଣୀ କହିବା ସହ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।


ପୂଜା ନାୟକ ଓରଫ ସେଜଲ ଜୋହନ।

ପୂଜା କହିଛନ୍ତି, ଛୋଟବେଳେ ମୁଁ ଓଡ଼ିଶାରେ ଥିଲି। ଭୁବନେଶ୍ୱରର ଏକ ହଷ୍ଟେଲରେ ପଢୁଥିଲି। ଏବେ ପାଳିତା ମା' ମତେ ବହୁ କଷ୍ଟ ଦେବା ସହ ଅତ୍ୟାଚାର କରୁଛନ୍ତି। ଘର କାମ ସବୁ କରାଉଛନ୍ତି। ମୁଁ ଆମେରିକାରେ ଏବେ ଖୁସିରେ ନାହିଁ। ମୁଁ ହିନ୍ଦୁ ହୋଇଥିବା ବେଳେ ପାଳିତ ମା' ଖ୍ରୀଷ୍ଟିଆନ କରିଦେବାକୁ ବାଧ୍ୟ କରୁଛନ୍ତି। ଖାଇବାକୁ ମଧ୍ୟ ଦେଉନାହାନ୍ତି। ଏପରିକି ଦୁଇଥର ହତ୍ୟା ଉଦ୍ୟମ ମଧ୍ୟ କରାଯାଇଛି। ମୁଁ ସ୍କୁଲ ଛୁଟି ଦିନରେ ୧୦ ଲକ୍ଷ ଟଙ୍କା ରୋଜଗାର କରିଥିବାବେଳେ ଏହି ଟଙ୍କାକୁ ମୋଠାରୁ ନେଇଯାଇଛନ୍ତି। ଧର୍ମ ପରିବର୍ତ୍ତନ ନ କଲେ ସେମାନେ ଜୀବନରୁ ମାରିଦେବାକୁ ଚେତାବନୀ ଦେଇଛନ୍ତି। ଓଡ଼ିଶାବାସୀ ମୋତେ ସାହାଯ୍ୟ କରନ୍ତୁ ଏବଂ ସୁରକ୍ଷିତ ଭାବେ ଓଡ଼ିଶାକୁ ନେଇଯାଆନ୍ତୁ ବୋଲି ପୂଜା ଅନୁରୋଧ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଳପ ଦୁହିଁଲେ ଗୋସେଇଁ ରୁଷେ,**
**ବହୁତ ଦୁହିଁଲେ ବାଛୁରୀ ରୁଷେ,**
**ପର ଗାଈଦୁହାଁ ମୋତେ ନ ଆସେ ।**

ଗାଈ ଦୁହାଁଳି ବ୍ୟକ୍ତି ଗାଈଠାରୁ ଅଳ୍ପ କ୍ଷୀର ଦୁହିଁଲେ ଗାଈର ମାଲିକ ତା' ଉପରେ ଅସନ୍ତୁଷ୍ଟ ହୋଇଥାଏ। ସେମିତି ଗାଈଠାରୁ ବେଶି କରି କ୍ଷୀର ଦୁହିଁଲେ ବାଛୁରୀଟି ଖାଇବାକୁ ପାଇ ନ ଥାଏ। ଏ ପରିସ୍ଥିତିରେ ଗାଈ ଦୁହିଁଥିବା ବ୍ୟକ୍ତିଟି ଅତ୍ୟନ୍ତ ଧର୍ମ ସଙ୍କଟରେ ପଡ଼ିଯାଇଥାଏ। ପରୋକ୍ଷରେ ଦୁଇ ପକ୍ଷର ଲୋକଙ୍କ ମନକୁ ନେଇ ଚଳିବା ଆଦୌ ସହଜ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅତି ନିର୍ଲଜ ଗୀତ ଗାଏ,**
**ଅତି ପୋଡ଼ାମୁହାଁ ନାଚି ଯାଏ ।**

ଲୋକମାନଙ୍କର ବିଶ୍ୱାସ, ବେସରମ ଲୋକହିଁ ନାଟ ତାମସାରେ ମାତିଥାଏ। ପରୋକ୍ଷରେ ଯେଉଁମାନଙ୍କ ମୁହଁରେ ଲାଜସରମ ବୋଲି କିଛି ନ ଥାଏ ସେମାନଙ୍କୁ କହି କିଛି ଲାଭ ମିଳି ନ ଥାଏ। ଅଲାଜୁକ ଭାବେ ସେମାନେ ଯାହା ନାହିଁ ତାହା କରିବସୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଜବତ ହେଲାଣି ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା, ସାମଗ୍ରୀ

**ନୂଆପଡ଼ା ଉପନିର୍ବାଚନ**

ଭୁବନେଶ୍ୱର,୯।୧୧ (ରବିନାରାୟଣ ଜେନା)

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିର୍ଦ୍ଦେଶକ୍ରମେ ନୂଆପଡ଼ା ଉପନିର୍ବାଚନ ପାଇଁ ରବିବାର ପ୍ରଚାର କାର୍ଯ୍ୟକ୍ରମ ଶେଷ ହୋଇଛି। ମଙ୍ଗଳବାର ନୂଆପଡ଼ାରେ ମତଦାନ ହେବାକୁ ରହିଥିବାବେଳେ ଏବେଠାରୁ ଛକାପଞ୍ଝା ରାଜନୀତି ଆରମ୍ଭ ହୋଇଛି। ଭୋଟରଙ୍କୁ ପ୍ରଲୋଭିତ କରିବା ପାଇଁ ପ୍ରମୁଖ ଦଳଗୁଡ଼ିକ ଅନ୍ଧାରିବିଜେ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବାବେଳେ ସିଇଓ ଆର୍. ସନ୍ଥ ଗୋପାଳନଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ସଂସ୍ଥା ପକ୍ଷରୁ ଚଢ଼ାଉକୁ ଜୋରଦାର କରାଯାଇଛି। ଏହି ସମୟରେ ୧.୦୫କୋଟି ନଗଦ ଟଙ୍କା ସହିତ ଅନ୍ୟାନ୍ୟ ମାଦକଦ୍ରବ୍ୟକୁ ମିଶାଇ ୩କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଜବତ ହୋଇଛି।

ଗୋପାଳନଙ୍କ ସୂଚନା ଅନୁଯାୟୀ, ପୋଲିସ, ଅବକାରୀ, ଆୟକର, ଏସ୍ଏସ୍‌ଟି ପକ୍ଷରୁ ନୂଆପଡ଼ାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ରବିବାର ଅପରାହ୍ନ ସୁଦ୍ଧା ନଗଦ ୧କୋଟି ୫ଲକ୍ଷ ୩୭ହଜାର ୧୪୦ଟଙ୍କା ଜବତ କରାଯିବା ସହିତ ୧କୋଟି ୧୩ଲକ୍ଷ ୫୪ହଜାର ୪୧ଟଙ୍କାର ମଦ ଜବତ ହୋଇଛି। ଏହାବାଦ୍ ୪୪୬.୨୬୨କେଜି ଗଞ୍ଜେଇ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ମଧ୍ୟ ଜବତ ହୋଇଛି; ଯାହାର ମୂଲ୍ୟ ୫୦ଲକ୍ଷ ୩୧ହଜାର ୧୨୦ଟଙ୍କା ହେବ। ସେହିପରି ୧୯ଲକ୍ଷ ୧୨ହଜାର ୭୪୫ଟଙ୍କାର ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଜବତ ହୋଇଛି। ଏହି ସମୟ ମଧ୍ୟରେ ତିନୋଟି ପର୍ଯ୍ୟାୟରେ ନୂଆପଡ଼ା ଉପନିର୍ବାଚନ ପ୍ରାର୍ଥୀଙ୍କ ବ୍ୟାଙ୍କ ଖାତା ମଧ୍ୟ ଯାଞ୍ଚ କରାଯାଇଛି।

ସିଇଓଙ୍କ ସୂଚନା ଅନୁଯାୟୀ, ଏଥର ପ୍ରତ୍ୟେକ ବୁଥରେ ମତଦାତାଙ୍କ ଲାଗି ଅନେକ ପ୍ରକାର ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭିନ୍ନକ୍ଷମଙ୍କୁ ସହାୟତା ଲାଗି ୨ଜଣ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବା ସହିତ ଦୃଷ୍ଟିହୀନଙ୍କ ଲାଗି ବେଲ୍ ବାଲଟପେପର ବ୍ୟବସ୍ଥା କରାଯାଇଛି। ଏହାସହିତ ମୋବାଇଲର ଯେପରି ଅପବ୍ୟବହାର ନ ହେବ ତାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବାକ୍ସ ରଖାଯାଇଛି। ସମ୍ବେଦନଶୀଳ ୫୭ଟି ବୁଥ୍ ପାଇଁ ପୋଲିସ ସୁରକ୍ଷା ବଳ ସହିତ ଭିଡିଓ କ୍ୟାମେରାର ମଧ୍ୟ ବ୍ୟବସ୍ଥା କରାଯାଇଛି।

ସିଇଓ କହିଛନ୍ତି, ଜନପ୍ରତିନିଧିତ୍ୱ ଆଇନ-୧୯୫୧ର ଧାରା ୧୨୬ ଅନୁଯାୟୀ, ମତଦାନ ଶେଷ ହେବାର ୪୮ ଘଣ୍ଟା ପୂର୍ବରୁ କୌଣସି ସାଧାରଣ ସଭା କିମ୍ବା ଶୋଭାଯାତ୍ରା ଆୟୋଜନ ହୋଇପାରିବ ନାହିଁ। ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଉଦ୍ଦିଷ୍ଟ କୌଣସି ନିର୍ବାଚନ ସମ୍ବନ୍ଧୀୟ ବିଷୟବସ୍ତୁ କିମ୍ବା ଦୃଶ୍ୟର ପ୍ରସାରଣ କରାଯାଇପାରିବ ନାହିଁ।

# ଛତିଶଗଡ଼ ଅପରାଧୀଙ୍କୁ ଆୟୁଧ କରିଛି ଭାଜପା: ବିଜେଡି

**ନୂଆପଡ଼ାରେ ଠିକଣା ସମୟରେ ପହଞ୍ଚିନି ଇଭିଏମ୍, ସିଇଓଙ୍କୁ ଫେରାଦ**

ଭୁବନେଶ୍ୱର,୯।୧୧(ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନରେ ଭାଜପା କେବଳ ସରକାରୀ କଳର ଦୁରୁପଯୋଗ କରୁଛି ତାହା ନୁହେଁ, ବରଂ ଛତିଶଗଡ଼ରୁ ଅପରାଧୀଙ୍କୁ ଆଣି ନିର୍ବାଚନ ପରିଚାଳନା କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ରବିବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ନୂଆପଡ଼ାର ପ୍ରତ୍ୟେକ ପଞ୍ଚାୟତରେ ଛତିଶଗଡ଼ ଗୁଣ୍ଡା ଓ ଅପରାଧୀ ଭରିଗଲେଣି। ଭୋଟରଙ୍କୁ ଡରାଇବା, ବିନା ୱାରେଣ୍ଟରେ ବିଜେଡି ନେତାଙ୍କ ଘରେ ରେଡ୍ କରିବା, ଲୋକଙ୍କୁ ଟଙ୍କା ଓ ମଦ ବାଣ୍ଟିବା ଭଳି କାମ କରିବାକୁ ଭାଜପା ପଛାଉନାହିଁ।

ଏହି ପରିପ୍ରେକ୍ଷୀରେ ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର. ସନ୍ଥ ଗୋପାଳନଙ୍କୁ ଭେଟି ଭାଜପା ବିରୋଧରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରମିଳା ଅଭିଯୋଗ କରିଛନ୍ତି, ଛତିଶଗଡ଼ର ଅପରାଧୀମାନେ ନୂଆପଡ଼ାରେ ଭୋଟରଙ୍କୁ ଭୟଭୀତ କରିବାପାଇଁ ଆସିଛନ୍ତି। ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପାଇଁ ସେମାନଙ୍କୁ ତୁରନ୍ତ ଜିଲାରୁ ବାହାର କରାଯାଉ। ଏହି ଅବସରରେ ବିଜେଡି ଆଉ ଏକ ସଙ୍ଗିନ ଅଭିଯୋଗ କରିଛି, ନିର୍ବାଚନ ସମୟ ପାଖେଇ ଆସିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଇଭିଏମ୍ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚି ନାହିଁ। ସେହିପରି ନିର୍ବାଚନ ପରିଚାଳନାରେ ନିୟୋଜିତ ସରକାରୀ ଅଧିକାରୀ ପକ୍ଷପାତିତା କରୁଛନ୍ତି। ବିଜେଡି ପ୍ରାର୍ଥୀଙ୍କ ପୋଷ୍ଟର, ବ୍ୟାନର, ହୋର୍ଡିଂ ସବୁ ବାହାର କରାଯାଉଥିବାବେଳେ ଭାଜପା ପ୍ରାର୍ଥୀଙ୍କ ପୋଷ୍ଟର, ବ୍ୟାନର ଆଦି ସରକାରୀ ସମ୍ପତ୍ତି ଉପରେ ଲାଗିଥିଲେ ସୁଦ୍ଧା ତାକୁ ବାହାର କରାଯାଉ ନାହିଁ। ଜନମତକୁ ବିଭ୍ରାନ୍ତ କରିବା ସହ ଆଦର୍ଶ ଆଚରଣବିଧିର ଏହା ଖୋଲା ଉଲ୍ଲଂଘନ ବୋଲି ପ୍ରମିଳା କହିଛନ୍ତି। ଏହି ପ୍ରତିନିଧି ଦଳରେ ବିଜେଡିର ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ପ୍ରମୁଖ ସାମିଲ ଥିଲେ।



ସିଇଓଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛି ବିଜେଡି ପ୍ରତିନିଧି ଦଳ।

# ୧୩ରେ ମୁଖ୍ୟମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ

## ନୀଳଗିରିରୁ ଆରମ୍ଭ ହେବ ଏକତା ପଦଯାତ୍ରା




ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

ବାଲେଶ୍ୱର,୯।୧୧(ବାଞ୍ଛାନିଧି ଦେ)

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଦେଶବ୍ୟାପୀ ଏକତା ପଦଯାତ୍ରା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଭାରତ ସରକାରଙ୍କ ନିର୍ଦ୍ଦେଶ ମୁତାବକ ପ୍ରତ୍ୟେକ ସଂସଦୀୟ କ୍ଷେତ୍ରର ୩ଟି ସ୍ଥାନରେ ଏହି ପଦଯାତ୍ରା ଆୟୋଜନ କରାଯାଉଛି। ସେହିକ୍ରମରେ ରାଜ୍ୟର ପ୍ରଥମ ପଦଯାତ୍ରା ବାଲେଶ୍ୱର ଜିଲା ନୀଳଗିରିରୁ ଆରମ୍ଭ ହେବ। ୧୩ ତାରିଖରେ ଆରମ୍ଭ ହେବାକୁ ଥିବା ଏହି ପଦଯାତ୍ରାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ ବୋଲି ରବିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ନୀଳଗିରିରେ ପହଞ୍ଚିବେ। ସେଠାରେ ବିଶାଳ ଜନସଭାକୁ ସମ୍ବୋଧିତ କରିବା ସହ ପଦଯାତ୍ରାକୁ ଉଦ୍‌ଘାଟନ କରିବେ। ଏହି ପଦଯାତ୍ରା ନୀଳଗିରିରୁ ବାହାରି ମିତ୍ରପୁରରେ ଶେଷ ହେବ। ପ୍ରତି ୨.୫କି.ମି. ବ୍ୟବଧାନରେ ବିଶ୍ରାମସ୍ଥଳୀ କରାଯିବ। ଏହିସବୁ ସ୍ଥାନରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ପଦଯାତ୍ରା ସମୟରେ ସର୍ଦ୍ଦାର ପଟେଲଙ୍କ ଜୀବନୀ ଓ ଜାତୀୟ ଏକତା ସମ୍ବନ୍ଧିତ ପ୍ରଜ୍ଞାପନ ମେଢ଼ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଏମ୍‌ପି କହିଥିଲେ। ଏହି ପଦଯାତ୍ରାରେ ଛାତ୍ରୀଛାତ୍ର, ଯୁବତୀଯୁବକ, ମହିଳା ଓ ପୁରୁଷ ସାମିଲ ହେବେ।

ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ୧୮ ତାରିଖରେ ଭୋଗରାଇ ବ୍ଲକ୍ ଏବଂ ତୃତୀୟ ପର୍ଯ୍ୟାୟ ୨୧ ତାରିଖରେ ବାଲେଶ୍ୱର ସଦର ମହକୁମାରେ ଅନୁରୂପ କାର୍ଯ୍ୟକ୍ରମ ଆୟୋଜନ ହେବ। ବିଭିନ୍ନ ପ୍ରତିଯୋଗିତାର ବିଜେତା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯିବ ବୋଲି ଏମ୍‌ପି ଷଡ଼ଙ୍ଗୀ କହିଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ସମେତ ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ ଓ (ରାଜସ୍ୱ) ହେମନ୍ତ ସିଂ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ପ୍ରମୁଖ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଧରାକୋଟ ରାଜା ସାହେବା ସୁଲକ୍ଷଣା ଗୀତାଞ୍ଜଳିଙ୍କ ବିବାହ ସମ୍ପନ୍ନ

ଧରାକୋଟ,୯।୧୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଗଡ଼ର ରାଜା ସାହେବା ସୁଲକ୍ଷଣା ଗୀତାଞ୍ଜଳି ଶୁକ୍ରବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ଏକାମ୍ର କ୍ଷେତ୍ର ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟୀ ଶ୍ରୀମୟ ମହାପାତ୍ରଙ୍କ ସହ ତାଙ୍କର ବିବାହ ରାଜକୀୟ ଢଙ୍ଗରେ ଭୁବନେଶ୍ୱର ଆଙ୍ଗନ ରିସର୍ଟରେ ସମ୍ପନ୍ନ ହୋଇଛି। ଏହି ବିବାହ ଉତ୍ସବରେ ରାଜସ୍ଥାନ, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼, ଦିଲ୍ଲୀ ସହ ବିଭିନ୍ନ ରାଜ୍ୟ ଏବଂ ଓଡ଼ିଶାର ଗଡମଧୁପୁର, କଳାହାଣ୍ଡି, ସୁନ୍ଦରଗଡ, ଢେଙ୍କାନାଳ, ଜୁନାଗଡ, ଟିକିଟି, ପାରିକୁଦ, ପାଲୁର ସହ ବିଭିନ୍ନ ଗଡ଼ଜାତ ଅଞ୍ଚଳର ରାଜପରିବାର ସଦସ୍ୟମାନେ ଯୋଗଦେଇଥିଲେ। ଛତିଶଗଡ଼ର ବିଲାସପୁର ରାଜା ତଥା ସୁଲକ୍ଷଣା ଗୀତାଞ୍ଜଳିଙ୍କ ପିଉସା ପୁଷ୍ପେନ୍ଦ୍ର ପ୍ରତାପ ଚୌହାନ ଏବଂ ପିଉସୀ ସାଇ ଦର୍ଶନା ଦେବୀ କନ୍ୟାଦାନ କରିଥିଲେ। ରାଜମାତା ତଥା ଧରାକୋଟ ରାଣୀ ସାହେବା ନନ୍ଦିନୀ ଦେବୀଙ୍କ ଉପସ୍ଥିତିରେ ବିବାହର ସମସ୍ତ ନୀତିକାନ୍ତି ଓ ରାଜକାର୍ଯ୍ୟ ସମ୍ପନ୍ନ ହୋଇଥିଲା।



ରାଜା ସାହେବା ସୁଲକ୍ଷଣା ଗୀତାଞ୍ଜଳି ଓ ଶ୍ରୀମୟ ମହାପାତ୍ର।

ଏହି ବିବାହ କାର୍ଯ୍ୟରେ ରାଜ୍ୟର ବହୁ ରାଜନେତା, ଧରାକୋଟ ଅଞ୍ଚଳର ଜନସାଧାରଣ ସାମିଲ ହୋଇଥିଲେ। ସୁଲକ୍ଷଣା ଗୀତାଞ୍ଜଳିଙ୍କ ରାଜନୀତି କ୍ଷେତ୍ରରେ ମଧ୍ୟ ପ୍ରବେଶ ରହିଛି। ସୁଲକ୍ଷଣା ଗୀତାଞ୍ଜଳିଙ୍କ ବାପା ସ୍ୱର୍ଗତ ରାଜା କିଶୋର ଚନ୍ଦ୍ର ସିଂଦେଓଙ୍କ ଦେହାନ୍ତ ପରେ ୨୦୧୦ ଜୁନ୍ ମାସରେ ସେ ଧରାକୋଟ ରାଜସିଂହାସନ ଆରୋହଣ କରିଥିଲେ। ରାୟପୁରସ୍ଥିତ ରାଜପୁତ କଲେଜରୁ ସୁଲକ୍ଷଣା ଗୀତାଞ୍ଜଳି ଯୁକ୍ତ ଦୁଇ ଉତ୍ତୀର୍ଣ୍ଣ ପରେ ଆଇନରେ ଡିଗ୍ରୀ ହାସଲ କରିଛନ୍ତି। ବର୍ତ୍ତମାନ ସେ ଧରାକୋଟ ବ୍ଲକ ଅଧ୍ୟକ୍ଷା ରହିଛନ୍ତି। ତାଙ୍କ ବାପା କିଶୋର ଚନ୍ଦ୍ର ସିଂଦେଓ ୨୦୦୪ରେ ସୋରଡ଼ା ବିଧାୟକ ରହିଥିବା ବେଳେ ମା' ନନ୍ଦିନୀ ଦେବୀ ୨୦୧୪ରେ ସାନଖେମୁଣ୍ଡି ବିଧାୟିକା ଥିଲେ।

# ହାତୀଛୁଆକୁ ନେଲା ନାହିଁ ଦଳ

- ରାତିତମାମ ଘଟଣା ସ୍ଥଳରେ ଡିଏଫ୍‌ଓ
- ସଂକ୍ରାମକ ରୋଗ ଆଶଙ୍କା

ଅନୁଗୋଳ, ୯।୧୧ (ଦିବ୍ୟଶାନ୍ତନୁ ନାଥ)

ରାତିରେ ବିଲରେ ପଶି ଧାନ ଖାଉଥିବା ବେଳେ କାଦୁଅରେ ଫସିଯାଇଥିଲା ହାତୀଛୁଆ। ଦଳରେ ଥିବା ଅନ୍ୟ ହାତୀମାନେ ସକାଳ ହେବା ପୂର୍ବରୁ ଜଙ୍ଗଲମୁହାଁ ହୋଇଥିଲେ। ହେଲେ କାଦୁଅ ଭିତରୁ ତାକୁ ଉଠାଇ ସାଙ୍ଗରେ ନେବା ସମ୍ଭବ ନ ହେବାରୁ ୧୫ ଦିନର ଛୁଆକୁ ଛାଡ଼ି ପଳାଇଥିଲା ମା' ହାତୀ। ଅନୁଗୋଳ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ହାତୀଛୁଆକୁ ଉଦ୍ଧାର କରି ନିଜ ଦଳ ସହ ଛାଡ଼ିଥିଲେ ମଧ୍ୟ ତାକୁ ଦଳରେ ନେଇ ନ ଥିଲେ। ତେଣୁ କୌଣସି ଏକ ସଂକ୍ରାମକ ରୋଗରେ ହାତୀଛୁଆଟି ପୀଡ଼ିତ ହୋଇଥିବା ସନ୍ଦେହ କରାଯାଉଛି।

ସୂଚନା ଅନୁଯାୟୀ, କିଛି ମାସ ହେବ ୪୫ ଟିକିଆ ହାତୀପଲ ଅନୁଗୋଳ ସହର ଉପକଣ୍ଠ ଗାଁଗୁଡ଼ିକ ନିକଟରେ ରହୁଛନ୍ତି। ଶୁକ୍ରବାର ରାତିରେ ଏହି ହାତୀପଲ ଧାନ ଖାଇବା ପାଇଁ ଶ୍ୟାମସୁନ୍ଦରପୁର ଅଞ୍ଚଳକୁ ଯାଇଥିଲେ। ତେବେ ସକାଳ ହେବା ଦେଖି ସେଠାରୁ ସେମାନେ ମନ୍ଦରଗିରି ଆଡ଼କୁ ଚାଲିଯାଇଥିବା ବେଳେ ଧାନବିଲ କାଦୁଅରେ ଫସି ରହିଥିଲା ହାତୀଶାବକ। ଅନୁଗୋଳ ବନ ବିଭାଗ କର୍ମଚାରୀ ରଞ୍ଜନ ପ୍ରଧାନଙ୍କ ସମେତ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହାତୀଛୁଆକୁ ଉଦ୍ଧାର କରି କୁଲାସିଙ୍ଗା ଫରେଷ୍ଟ ବିଟ୍ ନିକଟକୁ ନେଇଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ତା'ର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ରାତିତମାମ ବିଲ କାଦୁଅରେ ପଡ଼ିଥିବା କାରଣରୁ ଏହାର ଶରୀରର ତାପମାତ୍ରା କମିଥିବା ଜଣାପଡ଼ିଛି। ପରେ ତାକୁ ତରଳ ପାନୀୟ ସହ ଆଣ୍ଟିବାୟୋଟିକ ଦିଆଯାଇଥିଲା। ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତୀଶ କୁମାର ଘଟଣାସ୍ଥଳରେ ସାରାରାତି ରହି ଉକ୍ତ ଘଟଣାର ତଦାରଖ କରୁଥିଲେ। ହାତୀଛୁଆ ଦେହରେ ମଣିଷ ଶରୀରର ଗନ୍ଧ ବାଜିଲେ କାଳେ ଦଳ ତାକୁ ଗ୍ରହଣ କରିବ ନାହିଁ ସେଥିପାଇଁ ତା' ଦେହରେ ହାତୀମଳ ଓ କାଦୁଅ ବୋଳା ଯାଇଥିଲା। ଏହା ପରେ ତାକୁ ବନବିଭାଗ କର୍ମଚାରୀ ହାତୀଦଳଙ୍କ ଅତି ନିକଟରେ ଛାଡିଥିଲା। ହେଲେ ଅନେକ ସମୟ ପରେ ମଧ୍ୟ ହାତୀଦଳ ଛୁଆଟିକୁ ଗ୍ରହଣ କରି ନ ଥିଲା। ରବିବାର ରାତିରେ ପୁଣିଥରେ ଉକ୍ତ ଦଳ ସହ ହାତୀଛୁଆକୁ ମିଶାଇବା ପାଇଁ ବନ ବିଭାଗ ଚେଷ୍ଟା କରିବ। ଯଦି ଦଳ ତାକୁ ଗ୍ରହଣ ନ କରେ ତେବେ ରାଜ୍ୟ ବନବିଭାଗ ନିର୍ଦ୍ଦେଶରେ ଅନ୍ୟତ୍ର ସ୍ଥାନାନ୍ତର କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ହାତୀଛୁଆର ରକ୍ତ ନମୁନା ସଂଗ୍ରହ କରାଯାଇ ଯାଞ୍ଚ ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି।



ହାତୀଛୁଆକୁ ଉଦ୍ଧାର କରିବା ପରେ ତା' ଦେହରେ କାଦୁଅ ବୋଳାଯାଉଛି।

## ହାତୀ ଆକ୍ରମଣରେ ଚାଷୀ ମୃତ

ରାଇରଙ୍ଗପୁର,୯।୧୧ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅଧୀନ ରାଜପାଲ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାନଗା ବାରି(୫୫)।

ସୂଚନା ଅନୁଯାୟୀ, ଶନିବାର ରାତି ୮ଟା ସମୟରେ ସାନଗା ତାଙ୍କ ଧାନବିଲ ଜଗିଥିବାବେଳେ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ଯଶୀପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୩୫/୨୫) ରୁଜୁ ହୋଇଛି। ରାଇରଙ୍ଗପୁର ବନଖଣ୍ଡ ଅଧୀନ ମଣଦା ରେଞ୍ଜ ଅଧିକାରୀ ଓ ଫରେଷ୍ଟର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

## ମର୍ଣ୍ଣିଂ ୱାକ୍ ବେଳେ ବୃଦ୍ଧଙ୍କୁ ଧକ୍କା ଦେଲା ବାଇକ୍, ୨ ମୃତ

କବିସୂର୍ଯ୍ୟନଗର,୯।୧୧ (କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଖଜାପଲ୍ଲୀ ଗ୍ରାମ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଇକ୍ ଚାଳକ ରାଣୀପଡ଼ା ଗ୍ରାମର ମିଟୁ ପରିଡ଼ା(୩୭) ଓ ମଠସରସିଂ ଶାଳବଣ ଗ୍ରାମର କାଶୀନାଥ ସେଠୀ(୭୦)। ମିଟୁ ଶନିବାର ରାତିରେ କୋଦଳା ଥାନା ଉସ୍ତାଳି ଗ୍ରାମରେ ଚାଲିଥିବା ମହାଭାରତ ନାଟକରେ ଦୁଃଶାସନ ଭୂମିକାରେ ଅଭିନୟ କରି ଭୋର ସମୟରେ ବାଇକ ଯୋଗେ ରାଣୀପଡ଼ା ଗ୍ରାମକୁ ଫେରୁଥିଲେ। ଖଜାପଲ୍ଲୀ ଗ୍ରାମ ନିକଟରେ ସେ ଭାରସାମ୍ୟ ହରାଇ ମର୍ଣ୍ଣିଂ ୱାକ୍ କରୁଥିବା କାଶୀନାଥଙ୍କୁ ଧକ୍କା ଦେଇଥିଲେ। ଫଳରେ ମିଟୁ ଓ କାଶୀନାଥ ଉଭୟେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ବାଇକ୍ ଚାଳକ ମିଟୁଙ୍କୁ ଉଦ୍ଧାର କରି ତୁରନ୍ତ ପୋଲସରା ମେଡ଼ିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି କାଶୀନାଥଙ୍କୁ ଉଦ୍ଧାର କରି କୋଦଳା ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମଧ୍ୟ ମୃତ ଘୋଷଣା କରିଥିଲେ।

# ବିଜ୍ଞାନର ଉପଯୋଗିତା ଜାଣିବା ଜରୁରୀ

**ଆଜି ବିଶ୍ୱ ବିଜ୍ଞାନ ଦିବସ**



ବର୍ତ୍ତମାନ ଆମେ ଯେଉଁ ସମୟ ଦେଇ ଗତି କରୁଛେ ତାହା ପଛରେ ବିଜ୍ଞାନର ଅବଦାନ ଅନେକ ରହିଛି। ବିଜ୍ଞାନ କ୍ଷେତ୍ରରେ ଦିନକୁ ଦିନ ନୂଆ ନୂଆ ଜିନିଷ ଉଦ୍ଭାବନ କରାଯାଉଛି। ବିଭିନ୍ନ ଦେଶର ବୈଜ୍ଞାନିକମାନେ ଆଧୁନିକ ବିଜ୍ଞାନକୁ ନୂଆ ରୂପରେଖ ଦେବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ବିଜ୍ଞାନ ବିଷୟରେ ଜନସାଧାରଣଙ୍କୁ ଅଧିକ ସଚେତନ କରିବା ଲାଗି ପ୍ରତିବର୍ଷ ନଭେମ୍ବର ୧୦ ତାରିଖରେ 'ବିଶ୍ୱ ବିଜ୍ଞାନ ଦିବସ' ପାଳିତ ହୋଇଆସୁଅଛି। ପ୍ରତିବର୍ଷ ମିଳିତ ଜାତିସଂଘର ୟୁନେସ୍କୋ ପକ୍ଷରୁ ଏହି ଦିବସ ପାଳନ କରାଯାଇଥାଏ। ମଣିଷ ଜୀବନ ଏବଂ ବିଜ୍ଞାନ- ସତେଯେମିତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ କହିଲେ ଭୁଲ୍ ହେବ ନାହିଁ। ବିଜ୍ଞାନ ବଳରେ ଆଜି ଆମେ ଅନେକ ଉନ୍ନତି ସାଧନ କରିପାରିଛେ। ଶିକ୍ଷା, ଚିକିତ୍ସା, ସାଧାରଣ ଜୀବନ ଆଦିରେ ଏହାର ଭୂମିକା କେତେ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ଏହି ଦିବସ ଅବସରରେ ଚଳିତ ବର୍ଷର ପ୍ରସଙ୍ଗ ରହିଛି-'ଭରସା, ପରିବର୍ତ୍ତନ, ଭବିଷ୍ୟତ: ୨୦୫୦ ପାଇଁ ଆମର ଆବଶ୍ୟକ ବିଜ୍ଞାନ'। ଜଣେ ମନୁଷ୍ୟର ଦୈନନ୍ଦିନ ଜୀବନରେ ବିଜ୍ଞାନର ଭୂମିକା କ'ଣ ତାହା ସେ ଉପଲବ୍ଧି କରିବା ନିହାତି ଦରକାର। କାରଣ ଆଜିକାଲିର ହାଇଟେକ୍ ଯୁଗରେ ଏହାର ଭୂମିକାର ମହତ୍ତ୍ୱ ରହିଛି। ବିଜ୍ଞାନ କ୍ଷେତ୍ରରେ ନୂଆ ନୂଆ ଉଦ୍ଭାବନ ଏବଂ ଗବେଷଣା ବିଷୟରେ ସମସ୍ତେ ଅବଗତ ହେବା ଦରକାର। ଆଜିର ସମାଜକୁ ଏକ ନୂତନ ରାସ୍ତାରେ ଆଗେଇ ନେବା ପାଇଁ ବିଜ୍ଞାନର ଭୂମିକା କେତେ ତାହା ଆମେ ପ୍ରଥମେ ହୃଦୟଙ୍ଗମ କରିବା ଆବଶ୍ୟକ। ଏହି ଦିବସ ପାଳନ ବିଷୟରେ ସମସ୍ତେ ଅବଗତ ହେଲେ ଏହାର ଲକ୍ଷ୍ୟ ନିଶ୍ଚୟ ସାଧନ ହୋଇପାରିବ।







ଖେଳ ଭିତରେ ବି ଅତିରିକ୍ତ ହେଳାଭାବ ଭଲ ନୁହେଁ। ଜୀବନ ଓ କର୍ମସାଧନ ବେଳେ ମଧ୍ୟ ସେହିପରି ଅତିରିକ୍ତ ଗୁରୁଗାମ୍ଭୀର୍ଯ୍ୟ ଠିକ୍ ନୁହେଁ। ଉଭୟତ୍ର ହିଁ ଆମେ ଚାହୁଁ ଖେଳର ସ୍ୱଚ୍ଛନ୍ଦଲୀଳା ଓ ଶୃଙ୍ଖଳାର ମଧ୍ୟ ଗୁରୁତ୍ୱ ଓ ନିଷ୍ଠାପରତା। **–ଶ୍ରୀଅରବିନ୍ଦ**

–ଶ୍ରୀକ୍ଷେତ୍ର ପରିକ୍ରମା



# ଆଗ ଆମେରିକା

ବ୍ରାଜିଲର ବେଲେମ୍‌ଠାରେ ୧୦ ନଭେମ୍ବରରେ ଜାତିସଂଘର ଜଳବାୟୁ ସଂକ୍ରାନ୍ତ ସମ୍ମିଳନୀ କନ୍‌ଫରେନ୍ସ ଅଫ୍ ଦ ପାର୍ଟିଜ୍ (କପ୍‌୩୦) ଆରମ୍ଭ ହେବାକୁ ଯାଉଛି। ଚାଇନା ପରେ ଦ୍ୱିତୀୟ ବୃହତ୍ ସବୁଜ ଗୃହ ବାଷ୍ପ ନିଃସରଣ କରୁଥିବା ଆମେରିକା ଏହି ସମ୍ମିଳନୀରେ ଯୋଗଦେବ ନାହିଁ ବୋଲି କହିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ପୂର୍ବ ଆଭିମୁଖ୍ୟକୁ ବଳବତ୍ତର ରଖି କେବଳ ନିଜ ରାଷ୍ଟ୍ର ନୁହେଁ, ଅନ୍ୟ ଦେଶ ଉପରେ ପ୍ରଭାବ ପକାଇବାକୁ ଯାଇ କେହି ସମ୍ମିଳନୀରେ ଯୋଗ ନ ଦେବାକୁ ଆହ୍ୱାନ ଦେଇଛନ୍ତି। ଟ୍ରମ୍ପଙ୍କର ମୂଳରୁ ଜଳବାୟୁ ପରିବର୍ତ୍ତନ ଉପରେ ଏହିଭଳି ଦୃଷ୍ଟିକୋଣ ରହିଆସିଛି। ସେ ଅନେକ ଥର ବିଶ୍ୱତାପନ ଓ ଜଳବାୟୁ ସଂକ୍ରାନ୍ତ ଚେତାବନୀକୁ ପରିହାସ କରି ସେଥିରେ କୌଣସି ସତ୍ୟତା ନାହିଁ ବୋଲି କହିଛନ୍ତି। ଏପରିକି ଦ୍ୱିତୀୟ ଥର ଆମେରିକାର ରାଷ୍ଟ୍ରପତି ହେବା ପରେ ସେ ଜଳବାୟୁ ପରିବର୍ତ୍ତନ ଦିଗରେ ସବୁ ଫଣ୍ଡିଂ ବା ପାଣ୍ଠି ବଣ୍ଟନକୁ ପ୍ରାୟତଃ ବନ୍ଦ କରିଦେଇଛନ୍ତି। ଗତବର୍ଷ ଆଜାରବୈଜାନର ବାକୁଠାରେ ହୋଇଥିବା କପ୍‌୨୯ରେ ମଧ୍ୟ ଆମେରିକା ଯୋଗ ଦେଇ ନ ଥିଲା। ପୂର୍ବାପେକ୍ଷା ଆମେରିକା ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପ୍ରାକୃତିକ ବିପର୍ଯ୍ୟୟକୁ ଘୋର ମାତ୍ରାରେ ସମ୍ମୁଖୀନ ହେଉଥିଲେ ମଧ୍ୟ ଟ୍ରମ୍ପଙ୍କ ଭଳି ଏକଜିଦିଆ ନେତା ଏହା ପଛରେ ଥିବା ମନୁଷ୍ୟକୃତ ନକାରାତ୍ମକ ଯୋଗଦାନକୁ ସ୍ୱୀକାର କରିବାକୁ ଚାହୁଁ ନାହାନ୍ତି। ଏଥିସହିତ ନଭେମ୍ବର ୨୨ ଓ ୨୩ରେ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗଠାରେ ହେବାକୁ ଥିବା ଜି-୨୦ ଶିଖର ସମ୍ମିଳନୀରେ ସେ କିମ୍ବା ତାଙ୍କର ଅନ୍ୟ କୌଣସି ସରକାରୀ ଅଧିକାରୀ ଯୋଗଦେବେ ନାହିଁ ବୋଲି ଟ୍ରମ୍ପ୍ କହିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଦକ୍ଷିଣ ଆଫ୍ରିକାରେ ଗୋରା କୃଷକମାନଙ୍କୁ ନିର୍ଯାତନା ଦିଆଯାଉଛି। ଯେତେ ଯାଏ ଖ୍ରୀଷ୍ଟିଆନଙ୍କ ବିରୋଧରେ ମାନବ ଅଧିକାର ଉଲ୍ଲଂଘନ ହେଉଥିବ ସେତେ ଯାଏ ସେଠାରେ ଅନୁଷ୍ଠିତ ସମ୍ମିଳନୀକୁ ଆମେରିକା ଯିବ ନାହିଁ ବୋଲି ଟ୍ରମ୍ପ୍ କହିଛନ୍ତି। ହୁଏତ ଜି-୨୦ରେ ଅନ୍ତର୍ଜାତୀୟ ବାଣିଜ୍ୟ ପ୍ରସଙ୍ଗ ଉଠିଲାବେଳେ ଟ୍ରମ୍ପଙ୍କ ବିଭିନ୍ନ ଦେଶ ଉପରେ ଟାରିଫ୍ କଥା ଉଠିବା ଆଶଙ୍କାରେ ଆମେରିକା ପଛଘୁଞ୍ଚା ଦେଉଛି। ସୂଚନାଯୋଗ୍ୟ, ଜି-୨୦ରେ ବିଶ୍ୱର ୧୯ ବୃହତ୍ ଅର୍ଥନୀତି ସମୃଦ୍ଧ ରାଷ୍ଟ୍ର ସହିତ ୟୁରୋପୀୟ ସଂଘ ଓ ଆଫ୍ରିକୀୟ ସଂଘ ରହିଛନ୍ତି। ଏହାର ସଦସ୍ୟମାନେ ବିଶ୍ୱ ଅର୍ଥନୀତିରେ ଥିବା ପ୍ରମୁଖ ପ୍ରସଙ୍ଗ ସଂକ୍ରାନ୍ତରେ ଏହି ମଞ୍ଚରେ ଆଲୋଚନା କରିଥାଆନ୍ତି।

ଦେଖିବାକୁ ଗଲେ ଅନ୍ୟ ରାଷ୍ଟ୍ରରେ ମାନବ ଅଧିକାର ଉଲ୍ଲଂଘନକୁ ଦେଖିପାରୁଥିବା ଟ୍ରମ୍ପ୍ ନିଜ ଦେଶରେ ଦୀର୍ଘ ୪୧ ଦିନ ହେବ ହୋଇଥିବା ଶଟ୍‌ଡାଉନ୍‌କୁ ହଟେଇବାରେ ବିଫଳ ହୋଇଛନ୍ତି ବୋଲି ସମାଲୋଚକମାନେ କହୁଛନ୍ତି। ସେଠାରେ ମନି ବିଲ୍ ଗୃହୀତ ନ ହେବା ଏହାର ମୂଳ କାରଣ ପାଲଟିଛି। କୁହାଯାଉଛି ବିରୋଧୀ ଡେମୋକ୍ରାଟ ପାର୍ଟି ଟ୍ରମ୍ପଙ୍କ ମନି ବିଲ୍‌କୁ ଗୃହୀତ ହେବାକୁ ଦେଉ ନ ଥିବାରୁ ଏହି ଶଟ୍‌ଡାଉନ୍ ସ୍ଥିତି ଉପୁଜିଛି। ଆମେରିକା ଇତିହାସରେ ଏଭଳି ସ୍ଥିତି ପୂର୍ବରୁ ଦେଖାଦେଇ ନ ଥିଲା। ଏହି ଶଟ୍‌ଡାଉନ୍ ଫଳରେ ପାଖାପାଖି ୧୪ ଲକ୍ଷ ସଂଘୀୟ କର୍ମଚାରୀ ଦରମା ନ ପାଇ ଦହଗଞ୍ଜ ହେଉଛନ୍ତି। ଏଠାରେ କୁହାଯାଇ ପାରେ ଯେ, ଅନେକ ଦିନ ହେବ ଆମେରିକାରେ ଅର୍ଥନୈତିକ ଅସ୍ୱାଭାବିକତା ଜାରି ରହିଛି। ସେଥିପାଇଁ ସ୍ୱାସ୍ଥ୍ୟ ଓ ନିଯୁକ୍ତି କ୍ଷେତ୍ର ଘୋର ପ୍ରଭାବିତ ହେବା ସହ ଦରଦାମ ବୃଦ୍ଧି ଦେଖାଦେଇଛି। ଏହାକୁ ସମ୍ଭାଳିବା ପାଇଁ ଟ୍ରମ୍ପ୍ ଦ୍ୱିତୀୟ ଥର ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କଲା ମାତ୍ରେ ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି (ଡିଓଜିଇ) ମାଧ୍ୟମରେ ସରକାରୀ କର୍ମଚାରୀଙ୍କୁ ଛଟେଇ କରିବା ସହ ବିଭିନ୍ନ ଧରଣର ଖର୍ଚ୍ଚକାଟ ପଦକ୍ଷେପ ନେଇଥିଲେ। ଏବେ ବୋଝ ଉପରେ ନଳିତା ବିଡ଼ା ସାଜିଲାଣି ଶଟ୍‌ଡାଉନ୍ ପରିସ୍ଥିତି। ଦୀର୍ଘଦିନ ଧରି ଦରମା ନ ପାଇ ସରକାରୀ କର୍ମଚାରୀ କାମକୁ ଆସିବା ବନ୍ଦ କଲେଣି। ଏପରିକି ଏବେ ଆମେରିକାର ବହୁ ଏୟାରଲାଇନ୍ସ ସେବା କର୍ମଚାରୀ କାର୍ଯ୍ୟରେ ଯୋଗଦେବାକୁ ଆସୁ ନ ଥିବାରୁ ଏୟାର୍ ଟ୍ରାଫିକ୍ କଣ୍ଟ୍ରୋଲ୍‌ରେ ସମସ୍ୟା ଦେଖାଦେବାରୁ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି।

ନିଜ ଆଭ୍ୟନ୍ତରୀଣ ସମସ୍ୟାରେ ବୁଡ଼ିରହିଥିବା ଆମେରିକା ଏବେ ବିଶ୍ୱ ନେତୃତ୍ୱରେ ନିଜର ସ୍ଥାନକୁ ବଜାୟ ରଖିବା ଜଟିଳ ଦିଶିଲାଣି। ଜାତିସଂଘ ଜଳବାୟୁ ସମ୍ମିଳନୀ ଓ ବିଶେଷକରି ଜି-୨୦ରୁ ଦୂରେଇ ରହିବା ଆମେରିକାକୁ ଭୂରାଜନୈତିକ ଓ ଅର୍ଥନୈତିକ ମୁଖ୍ୟସ୍ରୋତରୁ ଦୂରେଇ ଦେବ ବୋଲି ଆଲୋଚନା ହେଉଛି। America First ବା ଆଗ ଆମେରିକା ନୀତିର ପରୀକ୍ଷଣ ଟ୍ରମ୍ପ୍ ଏବଂ ଆମେରିକାକୁ କେଉଁ ସ୍ତରରେ ନେଇ ପହଞ୍ଚାଇବ ତାହା ସମୟ କହିବ।

**ନିଜ ଆଭ୍ୟନ୍ତରୀଣ ସମସ୍ୟାରେ ବୁଡ଼ିରହିଥିବା ଆମେରିକା ଏବେ ବିଶ୍ୱ ନେତୃତ୍ୱରେ ନିଜର ସ୍ଥାନକୁ ବଜାୟ ରଖିବା ଜଟିଳ ଦିଶିଲାଣି। ଜାତିସଂଘ ଜଳବାୟୁ ସମ୍ମିଳନୀ ଓ ବିଶେଷକରି ଜି-୨୦ରୁ ଦୂରେଇ ରହିବା ଆମେରିକାକୁ ଭୂରାଜନୈତିକ ଓ ଅର୍ଥନୈତିକ ମୁଖ୍ୟସ୍ରୋତରୁ ଦୂରେଇ ଦେବ ବୋଲି ଆଲୋଚନା ହେଉଛି। 'ଆଗ ଆମେରିକା' ନୀତିର ପରୀକ୍ଷଣ ଟ୍ରମ୍ପ୍ ଏବଂ ଆମେରିକାକୁ କେଉଁ ସ୍ତରରେ ନେଇ ପହଞ୍ଚାଇବ ତାହା ସମୟ କହିବ।**

# ମୁଁ ଗାନ୍ଧୀ ଦେଶର ମଣିଷ



ଡ. ସାରଦା ପ୍ରସାଦ କର

ପ୍ରଯୋଜକ, ନିର୍ଦ୍ଦେଶକ ରିଚାର୍ଡ ଆଟେନବରୋଙ୍କ ବହୁ ପରୀକ୍ଷିତ ୧୯୮୨ର ଚଳଚ୍ଚିତ୍ର 'ଗାନ୍ଧୀ' ପାଇଁ ଲୟତାଳ ଅନୁପଯୁକ୍ତ କାରଣରୁ ଜାତୀୟ ଅଭିନୟ ବିଦ୍ୟାଳୟ ଶିକ୍ଷାପ୍ରାପ୍ତ ଅଭିନେତା ନାସିରୁଦ୍ଦିନ ଶାହ ବାଦ୍ ପଡ଼ିବା ତାଙ୍କୁ ଆଶ୍ଚର୍ଯ୍ୟକଲା। ପରେ ୨୦୦୦ ମସିହା କମଳ ହାସନଙ୍କ 'ହେ ରାମ'ରେ ଅଭିନୟ ସୁଯୋଗ ପାଇ ସେ କିଛିଟା ଆଶ୍ୱସ୍ତ ହେଲେ। ଗାନ୍ଧୀ ଅଭିନୟରେ ସାର୍ ବେନ୍ କିଙ୍ଗ୍‌ସଲେ, ପ୍ରାଥମିକ ରିଲ୍‌ଟିକୁ ଦେଖି 'ଅସମ୍ଭବ' କହି ଉଠି ଚାଲିଯାଇଥିଲେ। ସେହିପରି ଗାନ୍ଧୀ ବେଶରେ ରହି 'ହେ ରାମ'ରେ ଅଭିନୟ କରିବା ନାସିରୁଦ୍ଦିନଙ୍କୁ ଅଣନିଃଶ୍ୱାସୀ କରିଦେଇଥିଲା ବୋଲି ଅଭିନେତା ଜଣକ ସ୍ୱୀକାର କରିଥିଲେ । ଆମେ ଏବେ ଉତ୍ତରଦାୟାଦଗଣ ବିନା ଅଭିନୟ ଶିକ୍ଷାରେ ଗାନ୍ଧୀଙ୍କ ନିଖୁଣ ଅଭିନୟ କରୁଛୁ। ତାଙ୍କ ଶ୍ରାଦ୍ଧ ଦିବସରେ ଉଦାତ୍ତ ସ୍ୱରରେ କହୁଛୁ, 'ମୁଁ ଗାନ୍ଧୀ ଦେଶର ମଣିଷ'। ରାମ ନାମ ଜପାମାଳି କରିଥିବା କିଛି ଅପରାଧୀ ସାଂସଦ ହୋଇ ଦେଶର ଆଇନ ପ୍ରଣୟନ କରୁଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ସାଂସଦ ଶପଥ ନେଇଥିବା ୩୧ ପ୍ରତିଶତ ବା ୧୭୦ ଜଣ ବଳାତ୍କାର, ଅପହରଣ, ଦଙ୍ଗାପିଟା, ମଣିଷମାରିବା ଆଦି ଅପରାଧରେ ଜଡ଼ିତ। ବିଚାରପତିଙ୍କ ଘରୁ ଟଙ୍କାର ପାହାଡ଼, ଡାକ୍ତର ଅନୁପସ୍ଥାନରୁ ଖଟିଆରେ କୁକୁର ଶୋଇବା ଦୃଶ୍ୟ ଦେଖି ଆମେ ସ୍ୱୀକାର କରିବା ଯେ କେବେ ଆମେ ଗାନ୍ଧୀ ଦେଶର ମଣିଷ ଥିଲୁ।

ବିଶ୍ୱର ଲମ୍ବା ଅବଧି ପଦଯାତ୍ରାକାରୀ କହିଲେ ଗାନ୍ଧୀ ଆଖି ଆଗକୁ ଆସନ୍ତି। ମାଟି କାଦୁଅ, ଖାଲ, ଢେମା ଗ୍ରାମ୍ୟ ରାସ୍ତାରେ ୧୯୧୩ରୁ ୧୯୪୮ ଯାଏ ସମୁଦାୟ ୭୯,୦୦୦ କିଲୋମିଟର ପଦଯାତ୍ରା। ମାର୍ଚ୍ଚ ୧୨ରୁ ଏପ୍ରିଲ ୫, ୨୪ ଦିନର 'ଲବଣ ସତ୍ୟାଗ୍ରହ' ଯାହା ଅହମଦାବାଦ ନିକଟସ୍ଥ ସାବରମତୀ ଆଶ୍ରମରୁ ଉପକୂଳ ଅଞ୍ଚଳ ଦାଣ୍ଡି ଯାଏ ଦୀର୍ଘ ୩୮୬ କିଲୋମିଟର ଯାତ୍ରା, ଏକକାଳୀନ ଦୀର୍ଘ ଅବଧି ଯାତ୍ରାରେ ମାତ୍ର ୭୮ ଜଣ ସହସାଥୀଙ୍କୁ ନେଇ। କିନ୍ତୁ ଦାଣ୍ଡି ପହଞ୍ଚିବା ପୂର୍ବରୁ ଜନ ସମୁଦ୍ର ! ବ୍ରିଟିଶର ଭୟ ହୋଇଯିବାରୁ ପ୍ରାୟ ଦଶ ହଜାର କର୍ମୀଙ୍କୁ ଗିରଫ କଲା। 'ମୁଁ ଗାନ୍ଧୀ ଦେଶର ମଣିଷ' ଆଧାରରେ ଆଜି ବି ଦେଶରେ ପଦଯାତ୍ରା ହେଉଛି, ବିଶେଷକରି ନିର୍ବାଚନ ବେଳେ ଭୋଟ ପାଇଁ। ଲକ୍ଷେ ଲୋକଙ୍କ ବଳ ଗୋଟେଇ ନେତା ଗେଣ୍ଡୁମାଳ ପକେଇ ଚାଲନ୍ତି ହେଲେ ମାତ୍ର ଦୁଇ କିଲୋମିଟର ଚାଲିବା ପରେ ୩ଶହ ଲୋକ ସାଙ୍ଗରେ। ଜନତା ଜାଣନ୍ତି ଯେ ଏମାନେ ଆସନ ପ୍ରତ୍ୟାଶୀ, ଗାନ୍ଧୀ ନୁହନ୍ତି। ଏଠାରେ ଗାନ୍ଧୀଙ୍କୁ ଜଣେ ମହାତ୍ମା ଦିବ୍ୟାତ୍ମାର ଉଦାହରଣ ଭାବରେ



ନିଆଯାଇଛି। ରୁଚି, ନୈତିକତା, ବେଶ ଗାନ୍ଧୀଙ୍କଠାରୁ ଦୂରରେ କିନ୍ତୁ କେହି ଆମକୁ ଛଳେଇକି ଗାନ୍ଧୀଟା ବୋଲି ସମ୍ବୋଧନ କରିଦେଲେ ମନ କୁଣ୍ଢେମୋଟ। ବୁଲିବୁଲି ନୋବେଲ୍ ପୁରସ୍କାର ପାଇଁ ଦେଶଗୁଡ଼ିକୁ ସୁପାରିସ ମାଗୁଥିବା ରାଷ୍ଟ୍ରପତି ଟ୍ରମ୍ପଙ୍କ ପରି ଗାନ୍ଧୀ ଚାହିଁଥିଲେ ପୃଥିବୀର ସବୁ ବଡ଼ ପୁରସ୍କାର ସାଉଁଟି ନେଇଥାନ୍ତେ।

ବ୍ରହ୍ମପୁର ସହରର ଜଣାଶୁଣା ଆଇନଜ୍ଞ ପୀତବାସ ପଣ୍ଡାଙ୍କ ଛାତିରେ ଦୁଇ ରାଉଣ୍ଡ ଗୁଳି ବସେଇଦେବା ଆଗରୁ ଭଡ଼ାଟିଆ ଅପରାଧୀ ଆଗ ନମସ୍କାରଟେ ପକେଇଥିବା ଚର୍ଚ୍ଚାର ବିଷୟ। ୨୨ ବର୍ଷୀୟା ଏଲ୍‌ଟିଟିଇ ବିଚ୍ଛିନ୍ନତାବାଦୀ କଲେଇବାନି ରାଜରତ୍ନମ ଓରଫ ଧନୁ, ମେ ୨୧ ୧୯୯୧ର ଶ୍ରୀପେରୁମ୍ବୁଦୁର ସଭାରେ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ଫୁଲହାର ଦେବା ବାହାନାରେ ପେନ୍‌ସିଲ ବୋମାରେ ଉଡ଼େଇଦେଲେ। ୧୯୮୩ ମସିହା, ସଫଦରଜଙ୍ଗ ବାସଭବନରେ ନିଜ ଅଙ୍ଗରକ୍ଷୀଙ୍କ ହାତରେ ଜୀବନ ଦେଲେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ। ହତ୍ୟା ଅପରାଧ ଜଡ଼ିତ ବିଶ୍ୱସ୍ତ ରକ୍ଷୀ ବିୟନ୍ତ ସିଂଙ୍କୁ ଅନ୍ୟ ଅଙ୍ଗରକ୍ଷୀ ଘଟଣା ସ୍ଥଳରେ ସଫା କରିଦେବା ବେଳେ ଶତ୍‌ୱନ୍ତ ସିଂଙ୍କ ବିଚାର ଚାଲିଲା ୧୯୮୯ ଯାଏ। ସାକ୍ଷୀ ପ୍ରମାଣ ଥାଇ ଦିବଂଗତ ପ୍ରଧାନମନ୍ତ୍ରୀଙ୍କୁ ୬ ବର୍ଷ ନ୍ୟାୟ ପାଇଁ ଅପେକ୍ଷା କରିବାକୁ ପଡ଼ିଲା। ଅନୁଷ୍ଠାନ ନାମ ଭିନ୍ନ ହେଲେ କଣ୍ଟ୍ରୋଲ ଡିଲର, କବି, କଣ୍ଟ୍ରାକ୍ଟର, କ୍ରିକେଟରଙ୍କ ଚୟନ ପଦ୍ଧତି ଗୋଟିଏ ସୂତ୍ର। କାହା ଶିବିରକୁ କିଏ ଫେରିବେ ତାହା ନିରପେକ୍ଷ ବିଚାର ଆଧାରିତ କହିଦେଲେ ସବୁରି ତୁଣ୍ଡ ତୁପ।

ଜଡ଼ରେ ଯିଏ ଆତ୍ମା ଦେଲା ସେ ମହାତ୍ମା ହେଲା। କେ. କାମରାଜଙ୍କୁ ତାମିଲରେ କର୍ମବୀର, କାଳା ଗାନ୍ଧୀ ଆଦି କେତେ କ'ଣ ନାମ ଦିଆଗଲା। ବର୍ଣ୍ଣ ବୈଷମ୍ୟ ବିରୋଧ ଶାଣିତ ସ୍ୱର ଶୁଭିଲା ଆଫ୍ରିକାରୁ। ନେଲ୍‌ସନ ମଣ୍ଡେଲା ଗାନ୍ଧୀଙ୍କୁ ଆଦର୍ଶ ମନେକରି ଅନଶନ କଲେ ଜେଲରେ। ଆମେରିକାରୁ ମାର୍ଟିନ ଲୁଥର କିଙ୍ଗ୍ ଜୁନିୟର (୧୯୬୮ରେ ହତ୍ୟାର ଶିକାର) ସାମାଜିକ ଅଧିକାର ପାଇଁ ସ୍ୱର ଉତ୍ତୋଳନ କଲେ, ଆଖି ଆଗରେ ଗାନ୍ଧୀ ଥିଲେ ଈଶ୍ୱର। ଏମାନଙ୍କୁ ଗାନ୍ଧୀ ଟେହି ଟିହାଇ ବିଜ୍ଞାପିତ କରି ନ ଥିଲେ। ଭାଇ ଭାଗରୁ ଆମେ ପାଇଥିବା ସେଦିନର ଜୀବନ ଥିଲା ଅଧାଲୁଚା ଦେହର, ଛିଣ୍ଡା କତରାର, ଉଦର ଦହନର, ଉତ୍କଟ ଦାରିଦ୍ର୍ୟର। ବନ୍ଧବାଡ଼, ରାସ୍ତାଘାଟ, ଶିକ୍ଷାନୁଷ୍ଠାନ, ବୈଦ୍ୟଖାନା ଆଦି ତିଆରି ହେବାକୁ ସମୟ ଲାଗିଲା। ଅନେକ ଜନହିତକର ଯୋଜନାର ଖୋଲାପଡ଼ିଆ ଅଧିବେଶନରେ ନିଷ୍ପତ୍ତି ହେଉଥିଲା। ନେତାମାନେ ଅଧା ରାସ୍ତାରେ ଗାଡିରଖି କର୍ମକର୍ତ୍ତାଙ୍କଠାରୁ ବୁଝୁ ନ ଥିଲେ, ତାଙ୍କ ବେକ ପାଇଁ ବଡ଼ ମାଳଟେ ଆସିଛି କି ନାହିଁ କିମ୍ବା ଲୋକ ସମାଗମ ଆଖିଦୃଶିଆ ହୋଇଛି କି ନାହିଁ।

ଦେଶର ଷଷ୍ଠ ପ୍ରଧାନମନ୍ତ୍ରୀ ମୋରାରଜି ଦେଶାଇ (୧୯୭୭ ମାର୍ଚ୍ଚ–୧୯୭୯ ଜୁଲାଇ), ବ୍ୟକ୍ତିଗତ ଜୀବନ ନିରାଡ଼ମ୍ବର, ସରଳ, ସାରା ଭାରତରୁ ମଦ ନିବାରଣ ନିଷ୍ପତ୍ତି ଆଗରୁ ସରକାରରେ ପୂର୍ଣ୍ଣଚ୍ଛେଦ ପଡ଼ିଲା। ପାକିସ୍ତାନର ସର୍ବୋଚ୍ଚ ବେସାମରିକ ସମ୍ମାନ 'ନିଶାନ-ଇ-ପାକିସ୍ତାନ'ରେ ସମ୍ମାନିତ ତାରକା ଜଣକ ଥିଲେ 'ସର୍ବୋଦୟ'ର ନିଷ୍ଠାପର ସେବକ, ଗାନ୍ଧୀ ଅନୁଗାମୀ। ତିରିଶ ବର୍ଷ ଆଗରୁ ଗାନ୍ଧୀ ସେପାରିକୁ ଚାଲିଯାଇଥିଲେ। ନଚେତ ଆଜିର ଦିନରେ କିଛି ନିନ୍ଦୁକ କହିଥା'ନ୍ତେ ସେ ଗାନ୍ଧୀ ଅନୁଗାମୀ ବୋଲି ପାକିସ୍ତାନ ସହ ସଲାସୁତରା କରି ପୁରସ୍କାର କରେଇଥିବେ। ୧୨ ଜୁନ ୨୦୨୫, ଲଣ୍ଡନ ଯାତ୍ରାରେ ଏୟାର ଇଣ୍ଡିଆ ବିମାନ ଏଆଇ-୧୭୧, ଆକାଶକୁ ଉଠିବାର ୩୨ସେକେଣ୍ଡ ଭିତରେ ଧ୍ୱଂସ ପାଇଗଲା। ଯାତ୍ରୀ, କର୍ମଚାରୀ ଓ ବାହାର ପଥଚାରୀ ମିଶି ସମୁଦାୟ ୨୬୦ ପ୍ରାଣ ହରେଇଲେ। ଚେନ୍ନାଇର ୨୭ ବର୍ଷୀୟା ରୋବୋଟିକ ଇଞ୍ଜିନିୟର ରିନି ଯୋଶୀଲଦା ଦାବି ଦୋହରେଇଲେ ଯେ ସେ ଏଭଳି ଦୁର୍ଘଟଣା ପାଇଁ ଦାୟୀ। କମ୍ପ୍ୟୁଟରର ଭୁଲ୍ ମେଲ୍ ଠିକଣାରୁ ଆଉ 'ଡାର୍କ ୱେବ' ପ୍ରଣାଳୀରେ ନିଜ ପରିଚୟ ଲୁଚାଇ ସେ ଏଭଳି କରିଥିଲେ ତାଙ୍କର ଜଣେ ପୁରୁଷ ବନ୍ଧୁଙ୍କୁ ଫସାଇବା ପାଇଁ।

ଗାନ୍ଧୀ ଦେଶର ମହିଳାଟିଏ କେବଳ ଭଗତ୍ ସିଂଙ୍କ ପରି ଗୌରବଙ୍କୁ ଜନ୍ମ ଦେଇପାରେ। ୨୩ ମାର୍ଚ୍ଚ ୧୯୩୧, ମାତ୍ର ୨୩ ବର୍ଷ ବୟସରେ ଫାଶୀ ପାଇବାର ଦିନକ ଆଗରୁ ଜଗୁଆଳି ଆସି ଭଗତ୍ ସିଂଙ୍କୁ କହିଲେ, ତୁମ ମା' ତୁମକୁ ଭେଟିବାକୁ ଚାହୁଁଛନ୍ତି। ଭଗତ୍ ସିଂ ହଁ ଭରିଲେ ହେଲେ ସର୍ତ୍ତରେ ଲେଖିଲେ- ତୁ ଆସିବୁ ଯଦି କାନ୍ଦିବୁନି, ଯଦି କାନ୍ଦିବୁ ତେବେ ଆସିବୁନି। ସେହି ପ୍ରକାରେ ମା' ଭଗବତୀ କୌର ଆସିଲେ ଭଗତ୍ ସିଂଙ୍କୁ ଭେଟି କଥାହେଲେ। ଫେରିଗଲା ବେଳେ କିନ୍ତୁ ନିଜକୁ ସମ୍ଭାଳି ନ ପାରି କାନ୍ଦି ପକେଇଲେ। ଏହା ସର୍ତ୍ତର ଖିଲାପ ବୋଲି କହିଲେ ଭଗତ୍ ସିଂ। ଓଢ଼ଣୀରେ ଆଖି ପୋଛି ମା' ଉତ୍ତର ଦେଲେ, ମୁଁ ତୋ ଫାଶୀ ପାଇଁ କାନ୍ଦୁନି। ଅବସୋସ ରହିଗଲା ଆଉ ଗୋଟେ ଭଗତ୍ ସିଂକୁ ଜନ୍ମ ଦେବାର ବୟସ ମୋ ପାଖରେ ନାହିଁ। ଗାନ୍ଧୀ ପ୍ରୟାଣର ୨୭ ବର୍ଷ ପରେ, ଦିଲ୍ଲୀଠାରେ ଭଗବତୀ କୌରଙ୍କ ଦେହାନ୍ତ ବେଳକୁ ଘୋର ଆର୍ଥିକ ଦୁର୍ଦ୍ଦଶା ଥିଲା। ଭଗତ୍ ସିଂଙ୍କ ଅନ୍ୟ ଭାଇ ଭଉଣୀ କିନ୍ତୁ ସେଭଳି କିଛି ଦାୟିତ୍ୱ ନେଲେନି ମା'ର। ଦେଶ ଜରାନିବାସମୟ ହେବାରେ ବାପା, ମା'ଙ୍କୁ ମୁଁ ଘରେ ରଖିଛି କହି କେହି ପୁଅ ଦାଣ୍ଡରେ ଛାତି ଚଉଡାକଲେ ଲାଗୁଛି ଗାନ୍ଧୀ ଦେଶର ମଣିଷ ଟିକେ ମୋହଗ୍ରସ୍ତ ହୋଇସାରିଛି।

**ମୋ: ୮୨୪୯୮୨୭୧୪୮**

# କୃଷି ବିକାଶରେ ଶ୍ରୀଅନ୍ନ



ଡି. ଶୁଭମ୍

ଓଡ଼ିଶାର କୃଷି ଐତିହ୍ୟରେ ଶ୍ରୀଅନ୍ନ ବା ମାଣ୍ଡିଆର ସ୍ଥାନ ସ୍ୱତନ୍ତ୍ର। ରାଜ୍ୟରେ ମାଣ୍ଡିଆ ଗାଁର ପରିକଳ୍ପନା କରିବା ଆମ ପର ପିଢ଼ି ପାଇଁ ବାଟ ଉନ୍ମୁକ୍ତ କରିବାର ଏକ ସୁଯୋଗ। ଆମ କୁଶଳୀ ଚାଷୀମାନେ ଏହି ମହତ ଉଦ୍ଦେଶ୍ୟରେ ପ୍ରମୁଖ ଭାଗୀଦାରି ସାଜିବେ। ଜଳବାୟୁ ପରିବର୍ତ୍ତନର ଉତ୍କଟ ସମସ୍ୟାକୁ ଚାଷଜମିରେ ପ୍ରତିହତ କରିବାର ଏକ ସୁଦୂରପ୍ରସାରୀ ଯୋଜନା ମାଣ୍ଡିଆ ଗାଁ। ମାଣ୍ଡିଆ ଗାଁରେ ସମସ୍ତ ଚାଷୀ ଓ ସାଧାରଣଲୋକ ମିଳିତ ଭାବରେ ସହଯୋଗ ତଥା ସମର୍ଥନ ପୂର୍ବକ ମାଣ୍ଡିଆର ପ୍ରଚାର ପ୍ରସାର ତଥା ଏହାର ପରିସୀମା ବୃଦ୍ଧି କରିବା ପାଇଁ ଶପଥ ନେବେ। ଗ୍ରାମୀଣ ବଜାରକୁ ସୁଧାରିବା ସହ ପୋଷଣ ଆଉ ଅର୍ଥନୈତିକ ବିକାଶ ଦିଗରେ ମାଣ୍ଡିଆ ଗାଁ ସାହାଯ୍ୟ କରିବ।

''ପାହାଡ଼ ଗାଁରେ ମାଣ୍ଡିଆ ଚାଷ, ସୁରୁଯ ଉଇଁଲେ ଆସଇ ହସ।'' ଏ ଲୋକଗୀତ ଆମ ପାଇଁ ସାଧାରଣ ହେଲେ ମଧ୍ୟ ଆଜିର ସମୟରେ ଏହାର ଗୁରୁତ୍ୱ ଅନେକ। ବର୍ଷବର୍ଷ ପୂର୍ବର ଗରିବର ଖାଦ୍ୟ ବୋଲି ମାନ୍ୟତା ପାଇଥିବା ଏହି କ୍ଷୁଦ୍ରଶସ୍ୟ ଆଜି ଘରର ଚାରିକାନ୍ଥ ଭିତରେ ଆଉ ସୀମିତ ହୋଇ ନାହିଁ। ପୋଲସରାରୁ ପ୍ୟାରିସ୍, କୋରାପୁଟରୁ ଜି ୨୦ ଯାଏ ସବୁଠି ଏହା ପରିବ୍ୟାପ୍ତ। ଜଳବାୟୁର ରୂପରେଖ ହେଉ ଅବା ଆମ ରାଜ୍ୟର ଭୌଗୋଳିକ ଦୃଷ୍ଟିକୋଣ ସବୁଆଡୁ ବିଚାର କଲେ ଆଗାମୀ ପିଢ଼ି ପାଇଁ ସ୍ୱପ୍ନ ଆଉ ସମ୍ଭାବନାର ବୀଜ ବୁଣିବାରେ ମାଣ୍ଡିଆର ଭୂମିକା ସର୍ବାଗ୍ରେ ରହିବ। ଭବିଷ୍ୟତ ପିଢ଼ି ପାଇଁ ସ୍ୱାବଲମ୍ବୀ ହେବା ପଥରେ ପଥଚାରୀ ମାଣ୍ଡିଆ।

ପାରମ୍ପରିକ ସମୟର ଚାଷ କଥା କହିଲେ ମାଣ୍ଡିଆ ଚାଷର କାହାଣୀ ଗାଁଗୁଡ଼ିକରେ ଶୁଣିବାକୁ ମିଳେ। ଆମ ବାପା ଅଜା ପିତୃପୁରୁଷ ଆମ ପାଇଁ ସେଇ ବିହନ ଆଉ ଚାଷ ପ୍ରଣାଳୀକୁ ଅର୍ପଣ କରିଯାଇଛନ୍ତି। ମାଣ୍ଡିଆକୁ ନେଇ ଭିନ୍ନ ପରିକଳ୍ପନା କରିବାର ସମୟ ଉପନୀତ। ସମସ୍ତଙ୍କ ମିଳିତ ପ୍ରଚେଷ୍ଟାରେ ଓଡ଼ିଶାରେ ମାଣ୍ଡିଆଗାଁର ଅୟମାରମ୍ଭ ହେଉ।

ମାଣ୍ଡିଆଗାଁ ଗଠନ ଦିଗରେ ଆମେ କିଛିଟା ପ୍ରମୁଖ ଦିଗ ଉପରେ ଧ୍ୟାନ ଦେବା ଆବଶ୍ୟକ। ପ୍ରଥମରେ ପ୍ରତିଗାଁରେ ପ୍ରତ୍ୟେକଟି ଚାଷୀ ବର୍ଷକୁ ଥରେ ମାଣ୍ଡିଆ ଚାଷ କରିବାକୁ ଯୋଜନା କରିବେ। ଫସଲ ବିବିଧୀକରଣ ମାଧ୍ୟମରେ ଚାଷଜମିରେ ମାଣ୍ଡିଆ ଚାଷ କରିବା ସହ ଦେଶୀ କିସମକୁ ପ୍ରୋତ୍ସାହିତ କରିବେ। ଦ୍ୱିତୀୟରେ ଆମ ରାଜ୍ୟର ଅନେକ ଜନଜାତି ମାଣ୍ଡିଆଚାଷ ବର୍ଷବର୍ଷ ହେଲା କରିଆସୁଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ଶ୍ରୀଅନ୍ନ ଅଭିଯାନ ମାଧ୍ୟମରେ ବିକାଶର ଧାରା ଜାରିରହିଛି। ତେଣୁ ଏହାର ମିଳିତ ସମନ୍ୱୟରେ ଆମେ ପ୍ରଥମାବସ୍ଥାରେ ଏହିସବୁ ଅଞ୍ଚଳରେ ମାଣ୍ଡିଆ ଗାଁକୁ ଚୟନ କରିପାରିବା। ଏଥିରେ ସେହି



ଗାଁର ଚାଷୀ ତଥା ମହିଳାମାନଙ୍କୁ ଦାୟିତ୍ୱ ଦେଇ ମିଲେଟ ଚାମ୍ପିୟନ ବା ସଫଳ ମାଣ୍ଡିଆ ଚାଷୀମାନଙ୍କୁ ଏକାଠିକରି ସେମାନଙ୍କ ମାଧ୍ୟମରେ ଅନ୍ୟ ଚାଷୀଙ୍କୁ କ୍ଷେତ୍ର ପରିଦର୍ଶନର ସୁଯୋଗ ଦେବା। ମହିଳାମାନେ ପ୍ରଗତିର କର୍ଣ୍ଣଧାର। ସେମାନେ ଗାଁର ଚାଷବାସର ଆୟ ବ୍ୟୟର ହିସାବ ପୂର୍ବକ ମାଣ୍ଡିଆ ଚାଷୀମାନଙ୍କ ସହ ଏକାଠି ହୋଇ ଆଗାମୀ ୫ବର୍ଷର ରୋଡମ୍ୟାପ ପ୍ରସ୍ତୁତ କରିପାରିବେ। ତୃତୀୟରେ ଏହିସବୁ ମାଣ୍ଡିଆ ଗାଁରେ କମ୍ୟୁନିଟି ସିଡ୍‌ବ୍ୟାଙ୍କ ବା ଗୋଷ୍ଠୀଭିତ୍ତିକ ବିହନ ସଂରକ୍ଷଣ ମାଧ୍ୟମରେ ଦେଶୀ ବିହନକୁ ଅଧିକରୁ ଅଧିକ ପ୍ରୋତ୍ସାହିତ କରିବାକୁ ଯୋଜନା ପ୍ରସ୍ତୁତ ହେବ। ଚାଷୀମାନଙ୍କ ମଧ୍ୟରେ ଦେଶୀ ବିହନକୁ ନେଇ ଅଧିକ ଯତ୍ନବାନ୍ ହେବା ସହ ଏହି ମାଣ୍ଡିଆ ଗାଁଗୁଡ଼ିକରେ ଗୋଟେ ଗୋଟେ ମାଣ୍ଡିଆ ବିହନ ବ୍ୟାଙ୍କ ସୃଷ୍ଟି କରାଯାଇ ପାରିବ। ଏସ୍‌ଏମ୍‌ଆଇ ବା ସିଷ୍ଟମ ଅଫ୍ ମିଲେଟ ଇଣ୍ଟେନସିଫିକେଶନ ମଡେଲକୁ ଚାଷୀମାନଙ୍କ ପାଖରେ ପ୍ରଶିକ୍ଷଣ ପୂର୍ବକ ପହଞ୍ଚାଇବାକୁ ଉଦ୍ୟମ କରାଯାଇ ପାରିବ। ଚତୁର୍ଥରେ ପ୍ରତି ମାଣ୍ଡିଆ ଗାଁର ବିକାଶ ମାନଚିତ୍ରରେ ସେ ଗାଁର ମହିଳା, ଯୁବ ଉଦ୍ୟୋଗୀ ତଥା ସଫଳ କୃଷକମାନଙ୍କୁ ନେଇ ଏକ କମିଟି କରାଯାଇ ପୂର୍ବବର୍ଷଗୁଡ଼ିକରେ ମାଣ୍ଡିଆ କ୍ଷେତ୍ର ତଥା ଏହାର ମୋଟ ଅମଳ ପରିମାଣ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଆଗାମୀ ୫ବର୍ଷ ମଧ୍ୟରେ କିପରି ଏହାର ମୋଟ କ୍ଷେତ୍ର ପରିମାଣ ବୃଦ୍ଧି କରାଯାଇପାରିବ ସେ ଦିଗରେ ଚିନ୍ତା କରାଯାଇପାରେ। ପଞ୍ଚମରେ ରାଜ୍ୟ କୃଷି ବିଭାଗ, ଶ୍ରୀଅନ୍ନ ଅଭିଯାନ, କୃଷି ବିଶ୍ୱବିଦ୍ୟାଳୟ, କୃଷିବିଜ୍ଞାନ କେନ୍ଦ୍ରଗୁଡ଼ିକର ପ୍ରତ୍ୟକ୍ଷ ସହାୟତା ନେଇ ମାଣ୍ଡିଆ ଗାଁର ଚାଷୀମାନେ ବର୍ଷକୁ ଅନ୍ତତଃ ଥରେ ବୀଜ ମହୋତ୍ସବ ନାମରେ ଏକ କାର୍ଯ୍ୟକ୍ରମ କରି ମାଣ୍ଡିଆକୁ ନେଇ ନୂଆ ପରିଚୟ ଦେବା ସହ ଏଥିରେ ମାଣ୍ଡିଆର କିପରି ମୂଲ୍ୟ ସଂଯୋଗପୂର୍ବକ ବିଭିନ୍ନ ଖାଦ୍ୟସାମଗ୍ରୀ ପ୍ରସ୍ତୁତ କରାଯାଇପାରିବ ସେ ଦିଗରେ ଧ୍ୟାନ ଦେଇପାରିବେ। ଏଥିରେ ସ୍ୱୟଂସହାୟକ ଗୋଷ୍ଠୀ, କୃଷକ, ଉତ୍ପାଦକ ସଂଗଠନ, ଷ୍ଟାର୍ଟଅପଗୁଡ଼ିକୁ ଏକାଠିକରି ମାଣ୍ଡିଆ ପୋଷଣ କ୍ୟାମ୍ପ ମଧ୍ୟ ଆୟୋଜନ କରାଯାଇପାରେ। ଏହା ବ୍ୟତୀତ ମାଣ୍ଡିଆର ଉପଯୁକ୍ତ ବିପଣନ ପାଇଁ ଇ-ମାର୍କେଟ୍ ତଥା ଯୁବ ଉଦ୍ୟୋଗୀମାନଙ୍କ ମାଣ୍ଡିଆ ଉଦ୍ୟୋଗକୁ ଆମେ ଏଥିରେ ଯୋଡ଼ିପାରିବା। ଏହି ମାଣ୍ଡିଆ ଗାଁରେ ମାସିକିଆ ମିଲେଟ ହାଟ ମାଧ୍ୟମରେ ଦେଶୀ ଉତ୍ପାଦ ପାଇଁ ବିକ୍ରିବଟାର ସୁଯୋଗ ସୃଷ୍ଟି କରିପାରିବା।

ପ୍ରତିବର୍ଷ ନଭେମ୍ବର ୧୦ରେ ମାଣ୍ଡିଆ ଦିବସ ପାଳୁଛୁ। ଏବର୍ଷ ମାଣ୍ଡିଆ ଚାଷରେ ମହିଳାମାନଙ୍କର ଗୁରୁତ୍ୱ ତଥା କୃଷି ଐତିହ୍ୟ ଦିଗରେ ଆମେ କିପରି ପ୍ରତ୍ୟକ୍ଷ ଭାଗୀଦାରି ସାଜିପାରିବା ତାହା ଆମ ପାଇଁ ଏକ ବଡ଼ ଆହ୍ୱାନ। ଆଗାମୀ ୨୦୩୬ ବେଳକୁ ଆମେ ଅନ୍ତତଃ ଓଡ଼ିଶାରେ ୫୦୦ଟି ମାଣ୍ଡିଆ ଗାଁର ପରିକଳ୍ପନା କରିବାକୁ ସଙ୍କଳ୍ପନେବା। ଯେଉଁଥିରେ ପାଖାପାଖି ୧୦ଲକ୍ଷ ମାଣ୍ଡିଆ ଚାଷୀ ପ୍ରତ୍ୟକ୍ଷ ଭାବେ ପ୍ରଶିକ୍ଷଣ ପୂର୍ବକ ସଫଳ ମିଲେଟ୍ ଚାଷୀଭାବେ ପରିଗଣିତ ହୋଇପାରିବେ। ମାଣ୍ଡିଆ, ମହିଳା ଆଉ ମାର୍କେଟର ସମନ୍ୱୟ ଏହି ମିଶନକୁ ସଫଳ ରୂପ ଦେବ।

**ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା(ଓସୋକା), ଭୁବନେଶ୍ୱର**
**ମୋ:୯୪୩୮୪୬୭୦୭୯**

## ଏଇ ଭାରତରେ

କର୍ଣ୍ଣାଟକର ସିର୍ଶି ଗାଁକୁ ଗଲେ ସେଠାରେ ରୋବୋ ଶିକ୍ଷକ ଦେଖିବାକୁ ପାଇବେ, ଯାହା ମଣିଷଙ୍କ ଭଳି ପଢ଼ାଇପାରୁଛି। ସ୍ମାର୍ଟ ଶିକ୍ଷାକୁ କର୍ଣ୍ଣାଟକ ଗ୍ରାମାଞ୍ଚଳ ପିଲାଙ୍କ ପାଖରେ ପହଞ୍ଚାଇବା ଅକ୍ଷୟ ମାଶେଲକର ଏଡି ରୋବୋ ନିର୍ମାଣ କରିଛନ୍ତି। ଅକ୍ଷୟଙ୍କ ବୟସ ୩୦। କୋଭିଡ୍ ମହାମାରୀ ସମୟରେ ସେ ଏହି ରୋବୋ ନିର୍ମାଣ କରିବାକୁ ଯୋଜନା ପ୍ରସ୍ତୁତ କରି ୨୦୨୨ରେ ଶେଷ କରିଥିଲେ। ଏହାକୁ ତିଆରି କରିବାକୁ ୧୮ ମାସ ଲାଗିଯାଇଥିଲା ଏବଂ ମୋଟ ଖର୍ଚ୍ଚ ହୋଇଥିଲା ୨ ଲକ୍ଷ ଟଙ୍କା। ଏହି ରୋବୋ ଶିକ୍ଷକର ନାମ ଶିଖା। ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଏହା କନ୍ନଡ ଓ ଇଂଲିଶରେ ପଢ଼ାଇପାରୁଛି। ଶିଖା ବିଭିନ୍ନ ବିଷୟରେ ପଢ଼ାଇବା ସହ ରାଇମ ମଧ୍ୟ ଗାଇପାରୁଛି। ପିଲାମାନେ ଆଗ୍ରହ ସହ ଶିଖାଠାରୁ ପଢ଼ିବାକୁ ଚାହିଁ ବସୁଛନ୍ତି। ଏବେ 'ଶିଖା'କୁ ୩୫,୦୦୦ ଟଙ୍କାରେ ତିଆରି କରିବାକୁ ଯୋଜନା କରିଛନ୍ତି, ଯାହାଦ୍ୱାରା ଉତ୍ତର କନ୍ନଡର ସବୁ ସ୍କୁଲରେ ପିଲା ଶିଖାଠାରୁ ପଢ଼ିବାର ସୁଯୋଗ ପାଇପାରିବେ। କେବଳ ଏତିକି ନୁହେଁ, ଅକ୍ଷୟ ମଧ୍ୟ ପିଲାମାନଙ୍କୁ ରୋବୋଟିକ ଟେକ୍‌ନୋଲୋଜି ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ପାଖାପାଖି ୨୦୦ ପିଲା ଏବେ କ୍ଷୁଦ୍ର ରୋବୋ ନିର୍ମାଣ କରିପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୦ ନଭେମ୍ବର ୧୯୭୬**

- ରାଜ୍ୟରେ ପ୍ରାଥମିକ ସ୍କୁଲରେ ଶିକ୍ଷକ ନିଯୁକ୍ତିର ସର୍ବନିମ୍ନ ବୟସ ସୀମା ୨୦ ବର୍ଷରୁ ୧୮ ବର୍ଷକୁ ଏବଂ ସର୍ବୋଚ୍ଚ ବୟସସୀମା ୨୫ ବର୍ଷରୁ ୨୮ ବର୍ଷକୁ ବୃଦ୍ଧି କରାଯାଇଛି।
- ପଞ୍ଚମ ପଞ୍ଚବାର୍ଷିକ ଯୋଜନା କାଳରେ ଆଭ୍ୟନ୍ତରୀଣ ନୌପରିବହନ ବିକାଶ ଦିଗରେ କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟକୁ ୩୬୨ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 6 | 5 | 4 |
| | | 7 | | | | | | |
| | 2 | | | 1 | | | | 9 |
| | | | | | 4 | | | |
| | 4 | | 7 | 9 | | | | 1 |
| 7 | | 1 | | 6 | | | 2 | |
| | 7 | 5 | | | | 9 | | |
| | | | | | | | | |
| | | | 3 | 2 | 9 | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 1 | 2 | 6 | 3 | 9 | 4 | 7 |
| 3 | 6 | 7 | 4 | 9 | 5 | 1 | 8 | 2 |
| 2 | 9 | 4 | 7 | 8 | 1 | 5 | 6 | 3 |
| 5 | 4 | 8 | 6 | 2 | 9 | 7 | 3 | 1 |
| 7 | 1 | 6 | 5 | 3 | 8 | 2 | 9 | 4 |
| 9 | 2 | 3 | 1 | 4 | 7 | 8 | 5 | 6 |
| 4 | 7 | 5 | 8 | 1 | 6 | 3 | 2 | 9 |
| 1 | 3 | 2 | 9 | 5 | 4 | 6 | 7 | 8 |
| 6 | 8 | 9 | 3 | 7 | 2 | 4 | 1 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଦୂଷଣ ନିୟନ୍ତ୍ରଣ କରାଯାଉ

ମହାଶୟ,

ପାନୀୟଜଳ ଓ ବାୟୁ ପ୍ରଦୂଷଣ ଆଗାମୀ ଦିନରେ ସଙ୍କଟ ସୃଷ୍ଟିକରିବ, ଏଥିରେ ସନ୍ଦେହ ନାହିଁ। ଗ୍ରୀଷ୍ମଋତୁରେ ଜଳ ସଙ୍କଟ ଉତ୍କଟ ହେଉଛି। ବୋର୍‌ୱେଲ ଖନନ ଫଳରେ ଜଳସ୍ତର ହ୍ରାସ ପାଉଛି। ପୋଖରୀ, ନଦୀ ଓ ନାଳ ପାଣି ବିଭିନ୍ନ କାରଣରୁ ଦୂଷିତ ହେଉଛି। ସହରାଞ୍ଚଳର ବିଭିନ୍ନ ପୂଜାପାର୍ବଣରେ ମୂର୍ତ୍ତି ବିସର୍ଜନ ନିମିତ୍ତ ସ୍ୱତନ୍ତ୍ର ପୋଖରୀ ଖନନ କରାଯାଇ ଜଳ ପ୍ରଦୂଷଣ ରୋକାଯାଇପାରୁଛି। କିନ୍ତୁ ଗ୍ରାମାଞ୍ଚଳରେ ଏହିପରି ବ୍ୟବସ୍ଥା ନାହିଁ। ନଦୀ, ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯାଇ ଜଳ ଦୂଷିତ ହେଉଛି। ଏହି ପାଣିରେ ସ୍ନାନକରି ଲୋକେ ବିଭିନ୍ନ ଚର୍ମରୋଗରେ ପୀଡ଼ିତ ହେଉଛନ୍ତି। ସେହିପରି ଦୀପାବଳିରେ ବାଣଫୁଟିବା ଯୋଗୁ ବାୟୁମଣ୍ଡଳରେ ବିଷାକ୍ତ ଧୂଳିକଣା ଘୂରି ବୁଲୁଛି। କଟକ, ବ୍ରହ୍ମପୁର, ଭୁବନେଶ୍ୱର, ରାଉରକେଲା ଓ ଅନୁଗୋଳ ସହରର ବାୟୁ ପ୍ରଦୂଷଣ ଚିନ୍ତାଜନକ ହୋଇପଡ଼ିଲାଣି। ରାଜ୍ୟର ଖଣି ଖାଦାନ ଓ କଳ କାରଖାନା ଥିବା ଅଞ୍ଚଳରେ ବାୟୁ ଓ ଜଳ ପ୍ରଦୂଷଣ ରୋକିବାକୁ ସରକାର ବିଶେଷ ଦୃଷ୍ଟିଦେବା ଆବଶ୍ୟକ। ପୂର୍ବରୁ ସାବଧାନ ନ ହେଲେ ଦିଲ୍ଲୀ ଭଳି ଆମ ରାଜ୍ୟର ଅବସ୍ଥା ହେବାକୁ ବେଶିଦିନ ଲାଗିବ ନାହିଁ। ରାଜ୍ୟରେ ବୃକ୍ଷରୋପଣ ପାଇଁ ସରକାର ପ୍ରଚାର କରୁଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ୧୦ଭାଗ କାର୍ଯ୍ୟକାରୀ ହେଉନାହିଁ । କେବଳ କାଗଜ କଲମରେ ହିସାବ ଦିଆଯାଉଛି।

**–ନିର୍ମଳ ସାମଲ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନିମେଷେ କେତେ ରୂପ ଫୁଟଇ ନୟନେ
ସେ ଆଖି ଦିଏ ଦେଖା ନିଶୀଥ-ଶୟନେ
ରୂପର ଉପାସନା ରଚଇ ମାନସେ
ସ୍ୱପନ ଧନ ତାହା ନୁହଇ ଆନ ସେ
ଦୂରର ତାରା ସମ ଦିଶଇ ଚେତନେ
ନିମେଷେ ଯେତେ ରୂପ ଫୁଟଇ ନୟନେ ।

–(ସୁଦୂରଗାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପୋଲିସକୁ ଆକ୍ରମଣ, ଗାଡ଼ି ଭଙ୍ଗାରୁଜା

## ଟ୍ରେଲର ଧକ୍କାରେ ଯୁବକଙ୍କ ମୃତ୍ୟୁ ପରେ ତାତିଲେ ଲୋକେ

ବଣାଇଁ,୯।୧୧ (ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ନରେନ୍ଦ୍ର-ଗୁରୁଣ୍ଡିଆ ରାଜ୍ୟ ରାଜପଥ-୧୦ର ଡୁରାମରା ନିକଟରେ ଟ୍ରେଲର ଧକ୍କାରେ ରବିବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜୀବିକା ଗ୍ରାମର ସନ୍ତୋଷ ନନ୍ଦ। ଟ୍ରେଲର ଚାଳକଙ୍କୁ ଉତ୍ତ୍ୟକ୍ତ ଲୋକେ ଆକ୍ରମଣ କରି ଲହୁଲୁହାଣ କରିବା ପରେ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗୁରୁତର ଅବସ୍ଥାରେ ଟ୍ରେଲର ଚାଳକଙ୍କୁ ଉଦ୍ଧାର କରି ଗୁରୁଣ୍ଡିଆ ପୋଲିସ ପିସିଆର ଭ୍ୟାନରେ ଚିକିତ୍ସାଳୟ ନେବା ପାଇଁ ଚେଷ୍ଟା କରିବାରୁ ଅଞ୍ଚଳବାସୀ ଏହାର ଦୃଢ଼ ବିରୋଧ କରିଥିଲେ। ଏପରିକି ଲୋକେ ସମ୍ପୃକ୍ତ ଟ୍ରେଲରକୁ ଏହି ପିସିଆର ଭ୍ୟାନ ଏସ୍କର୍ଟ କରି ଆଣୁଥିବା ଦର୍ଶାଇ ପୋଲିସକୁ ଆକ୍ରମଣ କରିବା ସହ ଭ୍ୟାନ ଭଙ୍ଗାରୁଜା କରିଛନ୍ତି। ଖବର ଲେଖା ହେବା ସୁଦ୍ଧା ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲା। ଉତ୍ତ୍ୟକ୍ତ ଲୋକେ ବାହାର ଲୋକଙ୍କୁ ଦେଖିଲେ ଗାଳିଗୁଲଜ କରିବା ଓ ଫଟୋ ଉତ୍ତୋଳନକୁ ବିରୋଧ କରୁଥିବାରୁ କେହି ଘଟଣାସ୍ଥଳରେ ପହଞ୍ଚି ପାରୁ ନ ଥିବା ଜଣାପଡ଼ିଛି। ବଣାଇଁ, ଲହୁଣିପଡ଼ା, ଗୁରୁଣ୍ଡିଆ, ଟିକାୟତପାଲୀ, ମହୁଲପଦା ଥାନା ଅଧିକାରୀ ପହଞ୍ଚି ସ୍ଥିତି ଉପରେ ନଜର ରଖିଛନ୍ତି। ରାତି ୮ଟାରେ ରାଉରକେଲାରୁ ୨ପ୍ଲାଟୁନ ପୋଲିସ ଫୋର୍ସ ଘଟଣାସ୍ଥଳ ଅଭିମୁଖେ ବାହାରିଥିବା ସୂଚନା ମିଳିଥିଲା।

ସୂଚନା ଅନୁଯାୟୀ, ଯୁବକ ଜଣକ ଡୁରାମରା ନିକଟରେ ଠିଆ ହୋଇଥିବା ସମୟରେ ଗୁରୁଣ୍ଡିଆରୁ ବଣାଇଁ ପଟକୁ ଆସୁଥିବା ଟ୍ରେଲର ତାଙ୍କୁ ଧକ୍କା ଦେଇ ଘୋଷାଡ଼ି ନେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲ। ବିକ୍ଷୋଭ ଯୋଗୁ ରାଜ୍ୟ ରାଜପଥ -୧୦ରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା।

# ଘରକୁ ଡାକି ସାଙ୍ଗ ସହ ଖାଇଲେ, ଗୁଳି କରିଦେଲେ

ଗୁରୁଗ୍ରାମ,୯।୧୧



ଏକାଦଶ ଶ୍ରେଣୀର ଜଣେ ନାବାଳକଙ୍କୁ ୨ ସହପାଠୀ ଡାକିନେଇ ତାଙ୍କ ସହ ରାତ୍ରଭୋଜନ କରିବା ପରେ ତାଙ୍କୁ ଗୁଳିମାଡ଼ କରିଛନ୍ତି। ଏଭଳି ଚାଞ୍ଚଲ୍ୟକର ଘଟଣା ଶନିବାର ଗୁରୁଗ୍ରାମର ସେକ୍ଟର ୪୮ରେ ଘଟିଛି। ୧୭ ବର୍ଷୀୟ ୨ ଅଭିଯୁକ୍ତ ନାବାଳକଙ୍କୁ ଗୁରୁଗ୍ରାମ ସଦର ଥାନା ପୋଲିସ କାବୁ କରିବା ସହ ଗୋଟିଏ ପିସ୍ତଲ, ଗୋଟିଏ ମାଗାଜିନ୍, ୫ ଗୁଳି, ଗୋଟିଏ ଖୋକା ଜବତ କରିଛି। ଆହତ ନାବାଳକଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ଆହତ ନାବାଳକ ଏବଂ ଜଣେ ଅଭିଯୁକ୍ତ ନାବାଳକଙ୍କ ମଧ୍ୟରେ ୨ ମାସ ତଳେ ବାକ୍ୟୁଦ୍ଧ ହୋଇଥିଲା। ଏହାର ପ୍ରତିଶୋଧ ନେବାକୁ ଯାଇ ଅଭିଯୁକ୍ତ ନାବାଳକ ତାଙ୍କର ଜଣେ ସାଙ୍ଗଙ୍କ ସହ ମିଶି ଏହି ଘଟଣା ଘଟାଇଛନ୍ତି। ଏଥିପାଇଁ ଅଭିଯୁକ୍ତ ନାବାଳକ ପ୍ରପର୍ଟି ଡିଲର ଭାବେ କାର୍ଯ୍ୟ କରୁଥିବା ତାଙ୍କ ବାପାଙ୍କ ଲାଇସେନ୍ସପ୍ରାପ୍ତ ପିସ୍ତଲକୁ ବ୍ୟବହାର କରିଛନ୍ତି। ପୋଲିସ ଉକ୍ତ ଘରର ଏକ ବକ୍ସରୁ ଆଉ ଏକ ମାଗାଜିନ ଏବଂ ୬୫ଟି ଗୁଳି ଜବତ କରିଛି। ଆହତ ନାବାଳକଙ୍କ ମା'ଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ନାରାୟଣ ପ୍ରଧାନ ହତ୍ୟା ମାମଲାରେ ଜଣେ ଗିରଫ



ଗିରଫ ଅଭିଯୁକ୍ତ।

ଚିକିଟି,୯।୧୧ (ପ୍ରକାଶ ଚନ୍ଦ୍ର ସାହୁ)

- ନଦୀପଠାରୁ ମିଳିଥିଲା ମୃତଦେହ
- ୨ ଅଛନ୍ତି ଫେରାର

କେ.ନୂଆଗାଁ ଥାନା ନୂଆପଡା ଫାଣ୍ଡି ଅନ୍ତର୍ଗତ ନୂଆପଡା ଗ୍ରାମ ଶିବମନ୍ଦିର ନିକଟରେ ଥିବା ବାହୁଦା ନଦୀ ପଠାରେ ୧୨।୧୦।୨୫ରେ ଚରିଆପଡ଼ା ସାହିର ନାରାୟଣ ପ୍ରଧାନଙ୍କ ମୃତଦେହ ମିଳିଥିଲା। ତଦନ୍ତ ପରେ ନାରାୟଣଙ୍କୁ ହତ୍ୟା ପରେ ମୃତଦେହକୁ ନଦୀକୂଳରେ ଫୋପାଡ଼ି ଦିଆଯାଇଥିବା ଜଣାପଡ଼ିଥିଲା। ରବିବାର କେ. ନୂଆଗାଁ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନୂଆପଡାର ଶଙ୍କର ବେହେରା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ଥାନା ଅଧିକାରୀ କିଶୋର ସାମଲ କହିଛନ୍ତି, କିଛିଦିନ ତଳେ ନାରାୟଣ ପ୍ରଧାନ ସାହିର ଜଣେ ବ୍ୟକ୍ତିଙ୍କ ଘରେ ପଶି କେହି ନ ଥିବା ସୁଯୋଗ ନେଇ ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ଏହା ଜାଣିବା ପରେ ନାବାଳିକାଙ୍କ ପରିବାର ଓ ସମ୍ପର୍କୀୟ ନାରାୟଣଙ୍କୁ ମାରପିଟ କରିଥିଲେ। ଏହି ଘଟଣାକୁ ନେଇ ନାରାୟଣଙ୍କୁ ହତ୍ୟା କରିଥିବା ଜେରା ବେଳେ ଶଙ୍କର କହିଛନ୍ତି। ଏଥିରେ ଅନ୍ୟ ଦୁଇଜଣ ସମ୍ପୃକ୍ତ ଅଛନ୍ତି। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି। ସୂଚନା ଯୋଗ୍ୟ ନାରାୟଣ ଦୀର୍ଘଦିନ ହେଲା ମଜୁରିଆ ଭାବେ କାମ କରି ପରିବାର ଚଳାଇ ଆସୁଥିଲେ। କୌଣସି କାରଣରୁ ସେ ପରିବାରଠାରୁ ଅଲଗା ହୋଇ ନଦୀପଠାରେ ଏକ ବଗିଚାକରି ସେଥିରେ ଫୁଲଚାଷ କରିଥିଲେ। ପ୍ରତିଦିନ ଭଳି ଗତ ୧୨ ତାରିଖ ଭୋରୁ ନାରାୟଣ ଫୁଲ ତୋଳିବାକୁ ଯାଇ ଫେରି ନ ଥିଲେ। ନଦୀ ପଠାରେ ତାଙ୍କ ପୋଷାକ ଥିବାବେଳେ ତାଙ୍କର ମୃତଦେହ ନଦୀପାଣିରେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବରପାଇ ନୂଆପଡ଼ା ଫାଣ୍ଡି ଅଧିକାରୀ ଜଗବନ୍ଧୁ ବାର୍ଲା ପହଞ୍ଚି ମୃତଦେହ ଜବତ କରିଥିଲେ। ପରେ ନାରାୟଣଙ୍କ ପୁଅ ଶିବ କେ. ନୂଆଗାଁ ଥାନାରେ ଅଭିଯୋଗ କରିବା ପରେ କେସ୍ ନଂ. ୩୫୩/୨୫ ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା।

# ୧୪୮ ଖାଇବା ତେଲ ଟିଣ, ବୋଲେରୋ ଜବତ : ୪ ଗିରଫ



କଣ୍ଟାବାଞ୍ଜି ଥାନା ପରିସରରେ ଜବତ ବୋଲେରୋ ।

କଣ୍ଟାବାଞ୍ଜି,୯।୧୧ (ଗୁରୁଦୟାଲ ହଂସ)

## ଗୋକୁଳଧାମ ଗୋଦାମରୁ ଚୋରି ଘଟଣା

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ପୋଲିସ ରବିବାର ଦେଓଗାଁ ଥାନା ଅଧୀନ ଡୁମେରପିଟା ଗ୍ରାମରେ ଚଢାଉ କରି ୧୪୮ଟି ଖାଇବା ତେଲ ଟିଣ, ୨ଟି ଖାଲି ତେଲ ଟିଣ, ଏକ ବୋଲେରୋ ଜବତ କରିଛି । ଏହାଛଡା କଣ୍ଟାବାଞ୍ଜି ବଜାରପଡାର ଜଣେ ବ୍ୟକ୍ତିଙ୍କଠାରୁ ନଗଦ ଦେଢ଼ଲକ୍ଷ ଟଙ୍କା ଜବତ କରାଯାଇଛି। ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ପୋଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ, କଣ୍ଟାବାଞ୍ଜି ଗୋକୁଳଧାମସ୍ଥିତ ମୁକେଶ କୁମାର ଜୈନ(୩୦)ଙ୍କ ଗୋଦାମରୁ ୨।୯।୨୦୨୫ ଏବଂ ୨୬।୯।୨୦୨୫ ମଧ୍ୟରାତ୍ରିରେ ୧୫୦ଟି ଖାଇବା ତେଲ ଭର୍ତ୍ତି ଟିଣ, ନଗଦ ୧ ଲକ୍ଷ ୫୦ ହଜାର ଟଙ୍କା ସହ ଏକ ବୋଲେରୋ (ନଂ. ଓଡି୦୮ଡି୪୬୪୭) ଚୋରି ହୋଇଥିଲା। ଏହି ଚୋରି ନେଇ ଜୈନ କଣ୍ଟାବାଞ୍ଜି ଥାନାରେ ଗତ ୬ ତାରିଖରେ ଅଭିଯୋଗ କରିଥିଲେ। ଜୈନଙ୍କ ଅଭିଯୋଗ ପରେ ପୋଲିସ ପକ୍ଷରୁ ଏକ ତଦନ୍ତକାରୀ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍‌ରେ କଣ୍ଟାବାଞ୍ଜି ପୋଲିସ ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି ଓ ଆଇଆଇସି ଗୋପାଳ କର୍ଣ୍ଣଙ୍କ ତତ୍ତ୍ୱାବଧାନରେ ସବ୍‌ଇନ୍ସପେକ୍ଟର ପୂର୍ଣ୍ଣମି ଓରାମ, ଏଏସଆଇ ଈଶ୍ୱର ଚନ୍ଦ୍ର ମାଝି, କନଷ୍ଟେବଳ ଏଲ.ସୋରେଙ୍ଗ, ଚରନ ଛତର, ଜି. ଖୁରା ସାମିଲ ଥିଲେ। ଘଟଣାର ଅନୁସନ୍ଧାନ ପରେ କଣ୍ଟାବାଞ୍ଜି ପୋଲିସ ସନ୍ଦେହରେ କେତେଜଣ ବ୍ୟକ୍ତିଙ୍କୁ ଆଣି ପଚରାଉଚରା କରିଥିଲ। ସେମାନଙ୍କ ମଧ୍ୟରୁ କଣ୍ଟାବାଞ୍ଜି ଥାନା ଚଟୁଅନକା ଗ୍ରାମର ଅବତାର ଓରଫ ହିମାଂଶୁ ପୁଟେଲ (୨୩)ଙ୍କ ସହ ଅନ୍ୟ ୩ ଜଣ ଚୋରି କରିଥିବା ସ୍ୱୀକାର କରିଥିଲେ। ଏହାପରେ ପୋଲିସ ବେଲପଡ଼ା ଥାନା ଲଥାକେନ୍ଦ ଗ୍ରାମର ସନ୍ତୋଷ ପୁଞ୍ଜି(୩୫), ହିମାଂଶୁ ପୁଟେଲ ଓ ଅନ୍ୟ ୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ସୂଚନା ଆଧାରରେ ପୋଲିସ ଦେଓଗାଁ ଥାନା ଡୁମେରପିଟାର ଜଣେ ବ୍ୟକ୍ତିଙ୍କ ଘରେ ଚଢାଉ କରି ବୋଲେରୋ ସହ ତେଲ ଟିଣ ଓ ଚୋରି ଯାଇଥିବା ନଗଦ ଟଙ୍କା କଣ୍ଟାବାଞ୍ଜି ବଜାରପଡ଼ାରୁ ଜବତ କରିଥିଲା । ଏ ନେଇ କଣ୍ଟାବାଞ୍ଜି ଥାନାରେ ନଂ. ୩୧୫/୨୦୨୫ ଓ ନଂ. ୩୪୭/୨୦୨୫ରେ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି।

# ଦୁର୍ବୃତ୍ତଙ୍କ ଗୁଳିରେ ଗୋରୁ ବ୍ୟବସାୟୀ ମୃତ

ବାରିପଦା,୯।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଘାଗରବେଡ଼ା ଥାନା କେନ୍ଦୁଆ ଅଞ୍ଚଳରେ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଜଣେ ଗୋରୁ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଲନ୍ଦା ଗ୍ରାମର ହାରା ମହାନ୍ତ। ଦୁର୍ବୃତ୍ତମାନେ ତାଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ବ୍ୟବସାୟୀ ଜଣକ ରବିବାର ଅଙ୍ଗାରପଦା ସାପ୍ତାହିକ ହାଟକୁ ବଳଦ କିଣିବାକୁ ଆସିଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ପିଛା କରି କେନ୍ଦୁଆ ନିକଟରେ ଟଙ୍କା ଛଡ଼ାଇନେବାକୁ ଉଦ୍ୟମ କରିଥିଲେ। ବ୍ୟବସାୟୀ ଜଣକ ଏହାକୁ ପ୍ରତିରୋଧ କରିବାରୁ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ଦୁର୍ବୃତ୍ତମାନେ ତାଙ୍କ ପାଖରେ ଥିବା ଲକ୍ଷାଧିକ ଟଙ୍କା ଲୁଟିନେଇ ପଳାଇ ଯାଇଥିଲେ।

# ହୋମ୍‌ଗାର୍ଡଙ୍କୁ ଆକ୍ରମଣ, ବାଇକ୍ ଜାଳିଦେଲେ

ଭଞ୍ଜନଗର,୯।୧୧ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଥାନାରେ କାର୍ଯ୍ୟରତ ହୋମ୍‌ଗାର୍ଡ ଗଜେନ୍ଦ୍ର ନାୟକଙ୍କୁ ରବିବାର ତାଙ୍କ ଗ୍ରାମର ଜଣେ ଯୁବକ ଆକ୍ରମଣ କରିବା ସହ ବାଇକ୍ ଜାଳି ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସାନକଦଣ୍ଡା ପଞ୍ଚାୟତ ସମାପଲ୍ଲ ଗ୍ରାମର ଜିତୁ ନାୟକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ହୋମ୍‌ଗାର୍ଡ ଗଜେନ୍ଦ୍ର ନିଜ ଗ୍ରାମ ସମାପଲ୍ଲରୁ ଥାନାକୁ ଡ୍ୟୁଟି କରିବାକୁ ଆସୁଥିଲେ। ଏହି ସମୟରେ ଜିତୁଙ୍କ ବାଇକ ସହ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଜିତୁ ଗଜେନ୍ଦ୍ରଙ୍କୁ ଆକ୍ରମଣ କରିବା ସହ ତାଙ୍କ ବାଇକ୍‌ରେ ନିଆଁ ଲଗାଇ ଦେଇଥିଲେ।



ଜଳୁଥିବା ବାଇକ୍ ।

Business

# ପିଲାଙ୍କ ପାଇଁ ଚାନ୍ଦି ଭଣ୍ଡାରର 'ଟ୍ରେଜର୍ସ' କଲେକ୍ସନ

## ଖଣ୍ଡଗିରିରେ ଖୋଲିବ ୨୫ତମ ଷ୍ଟୋର୍

ଭୁବନେଶ୍ୱର,୯।୧୧ (ଅନୁରାଧା ମହାରଣା)

ଚାନ୍ଦିଭଣ୍ଡାର ପକ୍ଷରୁ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର କଲେକ୍ସନ 'ଅମୋଘ' ଏବଂ ମହିଳାଙ୍କ ପାଇଁ ଏକାଧିକ ଗହଣା କଲେକ୍ସନର ଚାହିଦା ବଢୁଥିବାବେଳେ ପିଲାଙ୍କ ପାଇଁ 'ଟେଜର୍ସ'ର ଉନ୍ମୋଚନ କରାଯାଇଛି। ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖରଦାତା ସମ୍ମିଳନୀରେ ଚାନ୍ଦିଭଣ୍ଡାର ନିର୍ଦ୍ଦେଶିକା ଲିପସା ହଂସ ଏବଂ ନିର୍ଦ୍ଦେଶକ ମାଣିକ୍ ହଂସ 'ଟ୍ରେଜରସ୍' ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଛନ୍ତି। ଲିପ୍‌ସା କହିଛନ୍ତି, ଏହି କଲେକ୍ସନରେ ପିଲାଙ୍କ ପାଇଁ ରୁପା ଆଙ୍କଲେଟ୍, ଲକେଟ୍, ଚୁଡ଼ି, ଖଡ୍ଡୁ, ନେକ୍‌ଚେନ୍ ସହ ଅନେକ ଉତ୍ପାଦ ରହିଛି। ସବୁଜ ରଙ୍ଗ ଅଭିବୃଦ୍ଧିର ସଙ୍କେତ ହୋଇଥିବାରୁ ଏହି କଲେକ୍ସନର ଥିମ ସବୁଜ ରଖାଯାଇଛି। ଶିଶୁମାନଙ୍କୁ ଉପହାରରେ ଦେବା ପାଇଁ ଏହି ସବୁ ଉତ୍ପାଦ ଖୁବ୍ ମନଲାଖି ହେବ ବୋଲି ଲିପ୍‌ସା କହିଛନ୍ତି। ୧୩ ଓ ୧୪ ତାରିଖରେ ଗହଣା ଗଢ଼ା ମଜୁରି ଉପରେ ଫ୍ଲାଟ୍ ୩୦% ରିହାତି ଘୋଷଣା କରାଯାଇଛି। ମାଣିକ୍ କହିଛନ୍ତି, ଶିଶୁଙ୍କୁ ଖେଳନା ଉପହାର ଦେଲେ ତାହା କିଛି ଦିନ ବ୍ୟବହାର ଯୋଗ୍ୟ ହୋଇଥାଏ ମାତ୍ର 'ଟ୍ରେଜରସ୍' କଲେକ୍ସନ ଗହଣା ଉପହାର ଦେଲେ ଏହାକୁ ପିଢ଼ି ପରେ ପିଢ଼ି ଶିଶୁମାନେ ବ୍ୟବହାର କରିପାରିବେ। ଶିଶୁମାନେ ଘରର ଅମୂଲ୍ୟ ସମ୍ପଦ ହୋଇଥିବାରୁ ଏହି କଲେକ୍ସନର ଏପରି ନାମ ଦିଆଯାଇଥିବା ସେ କହିଛନ୍ତି। ତେବେ ଚାନ୍ଦି ଭଣ୍ଡାର ବର୍ଷକ ମଧ୍ୟରେ ଜାତୀୟସ୍ତରର ବ୍ରାଣ୍ଡ ଭାବେ ପରିଚୟ ସୃଷ୍ଟି କରିବାକୁ ପ୍ରସ୍ତୁତ ଥିବା ସେ କହିଛନ୍ତି। ଏହାସହ ଖୁବଶୀଘ୍ର ଚାନ୍ଦିଭଣ୍ଡାରର ୨୫ତମ ଷ୍ଟୋର ଖଣ୍ଡଗିରିରେ ଖୋଲିବା ନେଇ ସୂଚନା ଦିଆଯାଇଛି।




# ଭାରତ ମସଲା ଷ୍ଟଲରେ ଜମୁଛି ଭିଡ଼

ଭୁବନେଶ୍ୱର,୯।୧୧ (ଅନୁରାଧା ମହାରଣା)



ବାଲିଯାତ୍ରାରେ ଭାରତ ମସଲାର ୪ଟି ଷ୍ଟଲରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଜମୁଛି। କମ୍ପାନୀ ପକ୍ଷରୁ ନିଶ୍ଚିତ ଉପହାର ଯୋଜନାରେ ରୁପା କଏନଠାରୁ ଆରମ୍ଭ କରି କମ୍ବଳ ଓ କ୍ରମ୍ପଟନ କମ୍ପାନୀର ସିଲିଂ ପଙ୍ଖା ପର୍ଯ୍ୟନ୍ତ ମସଲା କ୍ରୟ ଉପରେ ପ୍ରତ୍ୟେକ ଗ୍ରାହକଙ୍କୁ ନିଶ୍ଚିତ ଉପହାର ସ୍ୱରୂପ ପ୍ରଦାନ କରାଯାଉଛି। ବାଲିଯାତ୍ରାର ମୁଖ୍ୟ ପୃଷ୍ଠପୋଷକ ଥିବା ଭାରତ ମସଲା କମ୍ପାନୀ ଗୃହିଣୀମାନଙ୍କ ପାଇଁ ଖୁବ୍ ପସନ୍ଦ ହୋଇଛି। ଗ୍ରାହକ ମାନଙ୍କୁ ଲକି ଡ୍ର କୁପନ ଦେଇ କମ୍ପାନୀ ସେମାନଙ୍କୁ ଭାଗ୍ୟଶାଳୀ ବିଜେତାଙ୍କୁ ପୁରସ୍କୃତ କରୁଥିବାବେଳେ ତୃତୀୟ ଦିନର ଲକି ଡ୍ର ଭାଗ୍ୟଶାଳୀ ବିଜେତାଙ୍କ ମଧ୍ୟରେ ଚାଉଳିଆଗଞ୍ଜ କଟକର ସମ୍ବିତ ପୃଷ୍ଟି ପ୍ରଥମ ବିଜେତା ହୋଇଛନ୍ତି। ମୁଖ୍ୟ ଅତିଥି ତଥା ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କଠାରୁ ସମ୍ବିତ ପୁରସ୍କାର ସ୍ୱରୂପ ମାଇକ୍ରୋ ଓଭନ ଗ୍ରହଣ କରିଥିଲେ। ୨ୟ ବିଜେତା ଡିଅସାହି ଜଗତ୍‌ସିଂପୁରର ପ୍ରତାପ କୁମାର ସାହୁ ରେସିଙ୍ଗ ବାଇ ସାଇକେଲ। ୩ୟ ବିଜେତା ସାମନ୍ତ ସାହି କଟକର କମଳ ପ୍ରଧାନଙ୍କୁ ବାଉଲ ସେଟ, ସ୍ୱାନ୍ତନାମୂଳକ ବିଜେତା ତଳସରା ଗଞ୍ଜାମ ରଞ୍ଜନ କୁମାର ଜେନାଙ୍କୁ ଫ୍ରାଇଙ୍ଗ ପ୍ୟାନ୍ ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଏସ୍‌ଏନ୍ ମିଲେନିୟମର ଜିଏମ୍ ଅପରେଶନ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରେଡାଇ ଭୁବନେଶ୍ୱରର ନୂଆ ପରିଚାଳନା କମିଟି ଗଠିତ

ଭୁବନେଶ୍ୱର,୯।୧୧

କନ୍‌ଫେଡେରେଶନ ଅଫ୍ ରିଅଲ ଇଷ୍ଟେଟ ଡେଭଲପର୍ସ ଆସୋସିଏଶନ୍‌ସ ଅଫ୍ ଇଣ୍ଡିଆ (କ୍ରେଡାଇ)ର ଭୁବନେଶ୍ୱର ଚାପ୍ଟର ପକ୍ଷରୁ ୨୦୨୫-୨୭ ଅବଧି ପାଇଁ ନୂଆ ପରିଚାଳନା କମିଟି ଗଠନ କରାଯାଇଛି। ରିର୍ଟନିଂ ଅଫିସର ମଧୁ ମହାନ୍ତି ଓ ମହମ୍ମଦ ମୋକିମଙ୍କ ତତ୍ତ୍ୱାବଧାନରେ ଏହି ନିର୍ବାଚନ ପ୍ରକ୍ରିୟା ଶନିବାର ହୋଇଥିଲା। ଚୟନ ପ୍ରକ୍ରିୟାରେ ଅଧ୍ୟକ୍ଷ ଭାବେ ଶେଖ୍ ମୈରାଜୁଲ ହକ୍, ଉପାଧ୍ୟକ୍ଷ ମନୋଜ କୁମାର ସାହୁ ଓ ଶରତ କୁମାର ସାହୁ, ସଚିବ କଳିଙ୍ଗ କେଶରୀ ରଥ, ଯୁଗ୍ମ ସଚିବ ନାଭାଲ ମହାଜନ ଓ ସୌଭାଗ୍ୟ ସୁନ୍ଦର ରାଉତରାୟ, ମାନୋନୀତ ହୋଇଥିବାବେଳେ କୋଷାଧ୍ୟକ୍ଷ ଭାବେ ମନମୋହନ ଅଗ୍ରୱାଲ, କାର୍ଯ୍ୟନିର୍ବାହୀ ସଦସ୍ୟ ଅଶ୍ୱିନୀ କୁମାର ପାଢୀ, ମାନସ କୁମାର ବେହେରା, ଆଦିତ୍ୟ ଦାସ ଏବଂ ଅଭୟ କୁମାର ପଣ୍ଡା ରହିଛନ୍ତି। ନିର୍ବାଚନର ଫଳାଫଳ ଘୋଷଣା ଅବସରରେ କ୍ରେଡାଇର ଜାତୀୟ ଉପାଧ୍ୟକ୍ଷ ଏବଂ କ୍ରେଡାଇ ଓଡ଼ିଶା ଅଧ୍ୟକ୍ଷ ସ୍ୱଦେଶ କୁମାର ରାଉତରାୟ ଏବଂ କ୍ରେଡାଇ ଓଡ଼ିଶା ସଚିବ ଅନିଲ କୁମାର ଅଗ୍ରୱାଲ ଉପସ୍ଥିତ ଥିଲେ। ନବନିର୍ବାଚିତ ଅଧ୍ୟକ୍ଷ ଶେଖ୍ ମୈରାଜୁଲ ହକ୍‌ଙ୍କ ନେତୃତ୍ୱ ଅଧୀନରେ ନୂଆ ପରିଚାଳନା କମିଟି ଭୁବନେଶ୍ୱରରେ ରିଅଲ ଇଷ୍ଟେଟ କ୍ଷେତ୍ର ପାଇଁ ଏକ ପ୍ରଗତିଶୀଳ ଦୃଷ୍ଟିକୋଣର ରୂପରେଖ ପ୍ରସ୍ତୁତ କରିଥିବା କୁହାଯାଇଛି।

# କିଟ୍ ମ୍ୟାନେଜମେଣ୍ଟ ସ୍କୁଲ ପକ୍ଷରୁ 'ଶିଳ୍ପ ସିମ୍ପୋଜିମ ୫.୦'

ଭୁବନେଶ୍ୱର,୯।୧୧ (ଅନୁରାଧା ମହାରଣା)



ଏସ.ଏନ. ସୁବ୍ରମଣ୍ୟମ

କିଟ୍ ମ୍ୟାନେଜମେଣ୍ଟ ସ୍କୁଲ ପକ୍ଷରୁ ରବିବାର 'ଶିଳ୍ପ ସିମ୍ପୋଜିମ ୫.୦' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଲାର୍ସନ ଆଣ୍ଡ ଟୁବ୍ରୋ (ଏଲ୍‌ଆଣ୍ଡଟି) ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଏସ୍. ଏନ୍. ସୁବ୍ରମଣ୍ୟମ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇ ସୁବ୍ରମଣ୍ୟମ କହିଛନ୍ତି, ସ୍ୱପ୍ନ ଦେଖ, ନମ୍ର ରୁହ ଓ ନିଜର ୩୫ ବର୍ଷ ବୟସ ହେବା ପୂର୍ବରୁ କିଛି ସଫଳତା ହାସଲ କରି ଦେଖାଅ। ସବୁଜ ହାଇଡ୍ରୋଜେନ ବିପ୍ଳବ, କୃତ୍ରିମ ବୁଦ୍ଧିମତ୍ତା ଓ ଇଭି ରୂପାନ୍ତରଣରୁ ସୃଷ୍ଟି ହେଉଥିବା ସୁଯୋଗଗୁଡ଼ିକ ହାସଲ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହାସହ ନବୀକରଣ ଯୋଗ୍ୟ ଶକ୍ତି, କୃତ୍ରିମ ବୁଦ୍ଧିମତ୍ତା ଓ ସ୍ଥାୟୀ ପ୍ରଯୁକ୍ତିବିଦ୍ୟା ଦ୍ୱାରା ଆଦୃତ ରୂପାନ୍ତରିତ ଶିଳ୍ପ ଦୃଶ୍ୟପଟ ଉପରେ ସେ ଆଲୋକପାତ କରିଥିଲେ। ଭବିଷ୍ୟତକୁ ଆକାର ଦେଉଥିବା ପ୍ରମୁଖ ବିଶ୍ୱ ପରିବର୍ତ୍ତନ ଉପରେ ଆଲୋକପାତ କରି ସେ କହିଲେ, ସୌର ଏବଂ ସବୁଜ ହାଇଡ୍ରୋଜେନ ବିପ୍ଳବରୁ କୃତ୍ରିମ ବୁଦ୍ଧିମତ୍ତା ଏବଂ ଇଭି ରୂପାନ୍ତର ହେଉଛି। ୟୁଏଇ ଭଳି ଦେଶଗୁଡ଼ିକ ପୂର୍ବରୁ ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରୁଛନ୍ତି। ଆବୁଧାବିର ସମ୍ପୂର୍ଣ୍ଣ ଶକ୍ତି ବ୍ୟାଟେରି ସିଷ୍ଟମ ଦ୍ୱାରା ପରିଚାଳିତ ବୋଲି ସେ ସୂଚନା ଦେଇଥିଲେ। ସେ ଛାତ୍ରୀଛାତ୍ରମାନଙ୍କୁ ଏଆଇ, ଇଭି ଓ ସବୁଜ ଶକ୍ତିରେ ଦେଖାଦେଉଥିବା ବିଶାଳ ସୁଯୋଗର ଅନୁସନ୍ଧାନ କରିବାକୁ ଆହ୍ୱାନ କରିଥିଲେ। କର୍ପୋରେଟ ଜ୍ଞାନ ଏବଂ ବ୍ୟକ୍ତିଗତ ପରାମର୍ଶକୁ ମିଶ୍ରଣ କରି ସୁବ୍ରମଣ୍ୟମ ଛାତ୍ରୀଛାତ୍ରଙ୍କୁ ଦୃଢ଼ ରହିବା ଏବଂ ସେମାନଙ୍କର ମୂଳକୁ ମୂଲ୍ୟ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ, କିଟ୍ ସ୍କୁଲ ଅଫ ମ୍ୟାନେଜମେଣ୍ଟ ନିର୍ଦ୍ଦେଶକ ଡ. କୁମାର ମହାନ୍ତି ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ପୂର୍ବାହ୍ନରେ ସେ କିଟ୍ ଓ କିସ୍ କ୍ୟାମ୍ପସ ପରିଦର୍ଶନ କରିବା ସହିତ କିସ ଛାତ୍ରୀଛାତ୍ରଙ୍କ ସହ ଦୀର୍ଘ ସମୟ ଅତିବାହିତ କରିଥିଲେ। କିସ ଜରିଆରେ ହଜାର ହଜାର ଜନଜାତିଛାତ୍ରୀଛାତ୍ରଙ୍କୁସଶକ୍ତ କରିବା ଦିଗରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ।

# ଭାରତରେ କ୍ରେଡିଟ କାର୍ଡ ଖର୍ଚ୍ଚରେ ୨୩% ବୃଦ୍ଧି

ଭୁବନେଶ୍ୱର,୯।୧୧ (ଅନୁରାଧା ମହାରଣା)

ଭାରତରେ ଡିଜିଟାଲ ପେମେଣ୍ଟର ଟ୍ରେଣ୍ଡ ଜାରି ରହିଛି। ୨୦୨୫ ସେପ୍ଟେମ୍ବର ସୁଦ୍ଧା କ୍ରେଡିଟ କାର୍ଡ ଖର୍ଚ୍ଚ ୨୩% ବଢ଼ି ୨.୧୭ ଲକ୍ଷ କୋଟି ଟଙ୍କାକୁ ପହଞ୍ଚିଛି। ଅଗଷ୍ଟ ତୁଳନାରେ ୧୩% ଅଧିକ ଖର୍ଚ୍ଚ ହୋଇଛି। ଦେଶରେ ସକ୍ରିୟ କ୍ରେଡିଟ କାର୍ଡ ସଂଖ୍ୟା ୧୧.୩ କୋଟିକୁ ବୃଦ୍ଧି ପାଇଛି । ଗତବର୍ଷ ଏହା ୧୦.୬ କୋଟି ରହିଥିଲା। ପ୍ରାଇଭେଟ ବ୍ୟାଙ୍କର ମାର୍କେଟ ଶେୟାର ୭୪.୨%କୁ ଖସିଆସିଛି, ହେଲେ ସରକାରୀ ବ୍ୟାଙ୍କ (ପିଏସ୍‌ବି) ୨୦%ରୁ ଅଧିକ ଅଂଶଗ୍ରହଣ କରିଛନ୍ତି। ଟିଅର୍-୨ ଓ ଟିଅର୍-୩ ସହରରେ ସରକାରୀ ବ୍ୟାଙ୍କର ଗ୍ରାହକଙ୍କ ଖର୍ଚ୍ଚ ୩୦% ବଢ଼ିଛି। ପ୍ରତି କାର୍ଡର ହାରାହାରି ଖର୍ଚ୍ଚ ୧୯,୧୪୪ ଟଙ୍କା ରହିଛି, ଯାହାକି ଗତମାସ ତୁଳନାରେ ୧୨.୨% ଅଧିକ। ପ୍ରାଇଭେଟ୍ ବ୍ୟାଙ୍କ ଗ୍ରାହକ ୨୦,୦୧୧ଟଙ୍କା ଓ ସରକାରୀ ବ୍ୟାଙ୍କ ଗ୍ରାହକ ୧୬,୯୨୭ ଟଙ୍କା ଖର୍ଚ୍ଚ କରିଛନ୍ତି। ପାର୍ବଣ ଋତୁ, ଆକର୍ଷଣୀୟ ରିହାତି ଓ ଡିଜିଟାଲ ପେମେଣ୍ଟର ବଢୁଥିବା ଧାରା ଏହି ବୃଦ୍ଧିର ମୁଖ୍ୟ କାରଣ। ବିଶେଷଜ୍ଞମାନେ ଆଗକୁ ଆହୁରି ଦୃଢ଼ ଅଭିବୃଦ୍ଧି ଆଶା କରୁଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-TELE-AM-HQ-BBS-514, ତା.31.10.2025ରିଖ

**କାର୍ଯ୍ୟର ନାମ :** ବାର ମାସ ସମୟାବଧି ନିମନ୍ତେ ସହାୟକ ସଙ୍କେତ ଏବଂ ଦୂରସଂଚାର ଯନ୍ତ୍ରୀ (ASTE) / TM / ମୁଖ୍ୟାଳୟ / ଭୁବନେଶ୍ୱର ଅଧୀନସ୍ଥ ସିନିୟର ସେକ୍ସନ ଇଂଜିନିୟର / ଦୂରସଂଚାର / ମୁଖ୍ୟାଳୟର ଟେଲି ଗିଅର୍ସ ସମ୍ବନ୍ଧୀୟ ସେକ୍ସନରେ ଗତିବିଧି ଆଧାରିତ ଭୁବନେଶ୍ୱର ସହରାଞ୍ଚଳ, ଭୁବନେଶ୍ୱର ରେଳ ଷ୍ଟେସନ ଇତ୍ୟାଦିରେ ଯେକୌଣସି କାର୍ଯ୍ୟକ୍ରମ, ରେଳ ବିହାର, ରେଳ କୁଞ୍ଜ, ରେଳ କୁଟୀର, ମଞ୍ଚେଶ୍ୱର ଏବଂ ରେଳ ଆଶ୍ୱାସ କଲୋନୀ ସ୍ଥିତ ଆବାସିକ କ୍ୱାର୍ଟର ଏବଂ ରେଳ ସଦନ, ରେଳ ବିହାର, ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର, କେନ୍ଦ୍ରୀୟ ଚିକିତ୍ସାଳୟ / ମଞ୍ଚେଶ୍ୱର, GSD ଡିପୋ ମଞ୍ଚେଶ୍ୱର ଅଞ୍ଚଳ ଠାରେ ପୂର୍ବ ତଟ ରେଳପଥର ମୁଖ୍ୟାଳୟ କାର୍ଯ୍ୟାଳୟଗୁଡ଼ିକ ନିମନ୍ତେ ବର୍ଷ 2025-26 (ବହିଃସ୍ରୋତ ଏଜେନ୍ସି ଦ୍ୱାରା ବ୍ରେକ୍ ଡାଉନ୍ ସ୍ଥଳରେ ଉପସ୍ଥିତ ହେବା ଏବଂ ଦୂରସଂଚାର ଆସେଟ୍‌ର କାର୍ଯ୍ୟସୂଚୀ ରକ୍ଷଣାବେକ୍ଷଣ, ଦୂରସଂଚାର କାର୍ଯ୍ୟଗୁଡ଼ିକର ସମ୍ପାଦନ ଏବଂ ଗୁରୁତ୍ୱପୂର୍ଣ୍ଣ ଦୂରସଂଚାର ସାମଗ୍ରୀଗୁଡ଼ିକର ଯୋଗାଣ) ପାଇଁ ମୁଖ୍ୟାଳୟ, ଭୁବନେଶ୍ୱର ଠାରେ ଦୂରସଂଚାର ଆସେଟ୍ (Assets)ଗୁଡ଼ିକର ରକ୍ଷଣାବେକ୍ଷଣ।

ଟେଣ୍ଡର ମୂଲ୍ୟ (₹): 1,92,74,747.05, EMD (₹) : 2,46,400.00

ବିଡ୍ ଆରମ୍ଭ ହେବା ତାରିଖ : ତା.10.11.2025ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 24.11.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼

PR-772/Q/25-26

**ACHARYA HARIHAR SISHU BHAWAN (CHILDREN'S HOME)**

AT/PO- SAKHIGOPAL, PURI (ODISHA), 752014

Advertisement

Applications are invited from the interested eligible candidates for filling up the vacant post of "PT instructor cum Yoga Trainer" in the Child Care Institution under Mission Vatsalya scheme. The post is purely temporary and contractual in nature. Details of advertisement is available in the website : www.ahsbchildcare.org.in. The candidates should upload their application online through above mentioned website in the "career" page and submit the printed and self-attested hard copy of application and its enclosures to the address -SECRETARY, ACHARYA HARIHAR SISHU BHAWAN (CCI), AT/PO-SAKHIGOPAL, DIST : PURI-752014 on/ before 27.11.2025 by 5.00 P.M. positively through speed post /registered post only.

Sd./- Secretary
Acharya Harihar Sishu Bhawan
Sakhigopal

## ରାମମନ୍ଦିରରେ ସୀତାବିବାହ

ବନ୍ତ,୯।୧୧(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ନିଳୋକ ପଞ୍ଚାୟତର ବାଇପୁରସ୍ଥିତ ରାମମନ୍ଦିରରେ ରବିବାର ସୀତାବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପ୍ରଭାତ ମଙ୍ଗଳ ଆରତି, ବାଲ୍ୟ ନୈବେଦ୍ୟ, ବର ନିମନ୍ତ୍ରଣ, ଦିଅଁ ମଙ୍ଗୁଳା, ବୈବାହିକ କାର୍ଯ୍ୟ, ଲାଜା ହୋମ, ବାଣ ରୋଷଣୀରେ ବରକନ୍ୟାଙ୍କ ନଗର ପରିକ୍ରମା ଏବଂ ବରକନ୍ୟାଙ୍କ ରାତ୍ରିଯାପନ କାର୍ଯ୍ୟ ସମାପନ ହୋଇଥିଲା। ଏଥିରେ କର୍ତ୍ତା ଭାବେ ରବୀନ୍ଦ୍ର କୁମାର ପଣ୍ଡା ଓ କର୍ତ୍ତୀ ଭାବେ ସସ୍ମିତା ପଣ୍ଡା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ପଦ୍ମନାଭ ପଣ୍ଡାଙ୍କ ଦ୍ୱାରା ବୈବାହିକ କାର୍ଯ୍ୟ, ପୂଜକ ପଦ୍ମନାଭ ନନ୍ଦ ଓ ବିଜୟ କୁମାର ପଣ୍ଡାଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଜଗନ୍ନାଥ ନାୟକ, କିଶୋର ସେନାପତି, ଜଗବନ୍ଧୁ ସାହୁ, ପରମେଶ୍ୱର ସେନାପତି, ଅନନ୍ତ ସେନାପତି, ରାହୁଲ କୁମାର ପଣ୍ଡା, ରାଜେଶ କୁମାର ପଣ୍ଡା, ପ୍ରଶାନ୍ତ କୁମାର ସେନାପତିଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଆନ୍ଦୋଳନ ପରେ ଆରମ୍ଭ ହେଲା ରାସ୍ତାକାମ

ଧୁଷୁରୀ, ୯।୧୧(ଦୀପ୍ତିରଞ୍ଜନ ନାୟକ)


ସୂର୍ଯ୍ୟପୁର ନିକଟରେ ୩୫ ନଂ. ରାଜ୍ୟ ରାଜପଥରେ ପିଚୁ ପକାଯାଉଛି।

ରାସ୍ତାରୋକୋ ଆନ୍ଦୋଳନ ପରେ ଭଦ୍ରକ-ଆରଡ଼ି ୩୫ ନଂ. ରାଜ୍ୟ ରାଜପଥରେ ପିଚୁ ପକାଯାଇଛି। ଶନିବାର ରାତିରୁ ଧାମନଗର ବ୍ଲକର ଧୁଷୁରୀ ନିକଟସ୍ଥ ଖଇଖିଆ ମଠଠାରୁ ସୂର୍ଯ୍ୟପୁର ପର୍ଯ୍ୟନ୍ତ ରାସ୍ତାରେ ଠିକାଦାର ପିଚୁ ପକାଇବା କାର୍ଯ୍ୟ ଆରମ୍ଭ କରିଛନ୍ତି।

ପ୍ରକାଶ ଯେ, ୪ ବର୍ଷ ହେଲା ଏହି ରାଜ୍ୟ ରାଜପଥ ପ୍ରଶସ୍ତୀକରଣ ଓ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିଲା। ନିର୍ମାଣ କାର୍ଯ୍ୟ ସରି ନ ଥିବାବେଳେ ପ୍ରଥମେ ଯେଉଁଠାରେ ପିଚୁ ପଡ଼ିଥିଲା, ସେ ସ୍ଥାନରୁ ପିଚୁ ଉଠିଯାଇଥିଲା। ଠିକାଦାର ଓ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ନିଷ୍କ୍ରିୟତା, ଜିଲା ପ୍ରଶାସନିକ ଅଧିକାରୀ ଏବଂ ସ୍ଥାନୀୟ ବିଧାୟକଙ୍କ ନିରବତା ଯୋଗୁ ଏହି ରାସ୍ତା ମରଣଯନ୍ତା ପାଲଟିଥିବା ଅଭିଯୋଗ ଆଣି ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ବର୍ଷା ଯୋଗୁ ୪ ମାସ ହେଲା ଏହି ନିର୍ମାଣ ଓ ମରାମତି କାର୍ଯ୍ୟ ବନ୍ଦ ରହିଥିଲା। ପାଳସାହି ପଞ୍ଚାୟତ ଓ ସେହି ପଞ୍ଚାୟତ ସଂଲଗ୍ନ ଅଞ୍ଚଳର ଜନସାଧାରଣ ରାସ୍ତା ନିର୍ମାଣ କାର୍ଯ୍ୟର ମନ୍ଥରତାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏଥିସହ ୨ଦିନ ତଳେ ବେତାଳିଗାଁ ବଜାରରେ ୪ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ରାସ୍ତା ଅବରୋଧ ହଟାଇବା ପାଇଁ ବିଡିଓ, ଧୁଷୁରୀ ଥାନାଧିକାରୀ, ପୂର୍ତ୍ତ ବିଭାଗ ଜେଇ ସେଠାରେ ପହଞ୍ଚି ଗୋଟିଏ ଦିନ ପରେ ପିଚୁ ପଡ଼ିବା କାର୍ଯ୍ୟ ଆରମ୍ଭ ହେବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଏହି ରାସ୍ତା ନିର୍ମାଣ ନ ହେବା ସମ୍ପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ବିଶେଷକରି ଏ ସଂକ୍ରାନ୍ତୀୟ ଖବର ଧରିତ୍ରୀରେ ଲଗାତର ପ୍ରକାଶିତ ହେବାରୁ ପ୍ରଶାସନିକ ଅଧିକାରୀଙ୍କ ସମେତ ପୂର୍ତ୍ତ ବିଭାଗ ଅଧିକାରୀମାନେ ତତ୍ପରତା ପ୍ରକାଶ କରିଥିବାରୁ ପାଳସାହି ଅଞ୍ଚଳର ଜନସାଧାରଣ ଧନ୍ୟବାଦ ଜଣାଇଛନ୍ତି।

# 'ବରିଷ୍ଠମାନଙ୍କ କର୍ମପଥ ଦୀର୍ଘ ହେଉ'



ମଞ୍ଚରେ ଏମ୍‌ପି ଅଭିମନ୍ୟୁ ସେଠୀ, ଜିଲାପାଳ ଦିଲୀପ ରାଉତରାଏଙ୍କ ସହ ଅନ୍ୟ ଅତିଥି।

ବନ୍ତ,୯।୧୧(ହରି ନାରାୟଣ ମହାନ୍ତି)

## ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବ

ବରିଷ୍ଠମାନଙ୍କ ଜୀବନର ପଥ ଲମ୍ବା ନ ହୋଇ କର୍ମପଥ ଦୀର୍ଘ ହେବା ହେବା ଉଚିତ୍ ବୋଲି ରବିବାର ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଏମ୍‌ପି ଅଭିମନ୍ୟୁ ସେଠୀ କହିଛନ୍ତି। ମଞ୍ଚର ସଭାପତି ଡ. ସୁଧାଂଶୁ ଶେଖର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ବୟସର ଅପରାହ୍ନରେ ପହଞ୍ଚିଥିବା ବରିଷ୍ଠ ନାଗରିକମାନେ ମିଳିତ ଭାବେ ବସିବା, ହସିବା ଓ ଜୀବନ ସଙ୍ଗୀତ ଗାଇଯିବା ପାଇଁ କହିଥିଲେ।

ସମ୍ମାନିତ ଅତିଥି ଭାବେ ଜିଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ଓ ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷା ମନୋରମା ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ଚକ୍ରଧର ପଣ୍ଡା, ହରିହର ପେରେଇ, ଭାସ୍କର ସେନାପତି, ନାରାୟଣ ରାଉତ, ସେକ୍ ଜଲାଲଉଦ୍ଦୀନ, ବିଷ୍ଣୁ ମୋହନ ପ୍ରଧାନ, ନିତ୍ୟାନନ୍ଦ ଜେନା, ଭାସ୍କର ମହାପାତ୍ର, ଶରତ ଜେନା, ଦୁଃଶାସନ ପଣ୍ଡା, ନାରାୟଣ ଚନ୍ଦ୍ର ଦାସଙ୍କ ସମେତ ୧୫ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁଗ୍ମ ସମ୍ପାଦକ ନାରାୟଣ ଚନ୍ଦ୍ର ଲେଙ୍କା ଅତିଥି ପରିଚୟ, ଉପଦେଷ୍ଟା ଜଗନ୍ନାଥ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ, ପ୍ରାକ୍ତନ ଅଧ୍ୟକ୍ଷ ଶୁଭେନ୍ଦ୍ର କୁମାର ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ, ସମ୍ପାଦକ ଭାସ୍କର ଚନ୍ଦ୍ର ପାଢ଼ୀ ବାର୍ଷିକ ବିବରଣୀ ପାଠ ଏବଂ ୟାକତ୍ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ। ହୃଷୀକେଶ ମିଶ୍ର, ମାଧବାନନ୍ଦ ଦାସ, ଭାଗବତ ସୂତାର, ଆନନ୍ଦ ଚନ୍ଦ୍ର ଓଝା, କେଦାରନାଥ ମହାନ୍ତି, ମୁକ୍ତିକାନ୍ତ ସାହୁ, ପ୍ରକାଶ ସାହୁ, ଗଦାଧର ସେନାପତି, ଅଲେଖ ନାୟକ, ସୁରେନ୍ଦ୍ର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶତାବ୍ଦୀ ବର୍ଷର ଯୁବ ସମ୍ମିଳନୀ

ଭଦ୍ରକ,୯।୧୧(ସନାତନ ରାଉତ)

ଆର୍‌ଏସ୍‌ଏସ୍ (ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ)ର ଭଦ୍ରକ ଜିଲା ସଂଘ ପକ୍ଷରୁ ରବିବାର ପୂର୍ବାହ୍ନ ୧୧ଟାରେ ଭଦ୍ରକ କଲେଜ ପରିସରରେ ଶତାବ୍ଦୀ ବର୍ଷର ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଓ ସଂଘର ସହ ପ୍ରାନ୍ତ ପ୍ରଚାରକ ଅସିତ କୁମାର ସାହୁ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସଂଘର ବିଭାଗ ବୌଦ୍ଧିକ ପ୍ରମୁଖ ପ୍ରଦୀପ୍ତ ସାମଲ, ସହ ବିଭାଗ ସଂଘ ଚାଳକ ପାର୍ଥସାରଥୀ ଦାସ, ଜିଲା ସଂଘ ଚାଳକ ଡ. ପବିତ୍ର ମୋହନ ପଟ୍ଟନାୟକ, ଏନ୍‌ସିସି ମୁଖ୍ୟ କମାଣ୍ଡର ସନ୍ଦୀପ କୁମାର ସାହୁ, ଜିଲା କାର୍ଯ୍ୟବାହ ରଶ୍ମିରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ରାଷ୍ଟ୍ରଭକ୍ତ ଓ ରାଷ୍ଟ୍ର ପ୍ରତି ସମର୍ପିତ ହୋଇ ଦେଶକୁ ବୈଭବଶାଳୀ କରିବା ପାଇଁ ଯୁବକମାନଙ୍କୁ ପ୍ରେରଣା ଦେଇଥିଲେ। ଜିଲା ବୌଦ୍ଧିକ ପ୍ରମୁଖ ସୁଦର୍ଶନ ଲାହା ମଞ୍ଚ ପରିଚାଳନା କରିଥିଲେ। ସଂଘ ପକ୍ଷରୁ ସଂଘ ଇତିହାସ, ସ୍ୱାଧୀନତା ସଂଗ୍ରାମୀ, ଭଦ୍ରକର ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋଚିତ୍ର, ଜିଲାର ସ୍ୱୟଂସେବକମାନଙ୍କ ଦ୍ୱାରା ହୋଇଥିବା ସେବା କାର୍ଯ୍ୟର ଚିତ୍ର ପ୍ରଦର୍ଶନୀ କରାଯାଇଥିଲା। ଏହି ଅବସରରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ଗୋପାଳ ଚରଣ ସାମଲଙ୍କ ଦ୍ୱାରା ସଂଘ ଶତାବ୍ଦୀ ବର୍ଷର ବାଲୁକା ଚିତ୍ର ଆକର୍ଷଣୀୟ ହୋଇଥିଲା। ସମ୍ମିଳନୀରେ ୬୫୦ରୁ ଊର୍ଦ୍ଧ୍ୱ ଯୁବକ ଯୋଗ ଦେଇଥିଲେ।

# ସୂଚନାଫଳକ ଭଙ୍ଗାଯିବା ନେଇ ତେଜିଲା ରାଜନୀତି

## ଏତଲା ଦେଲା ଭାଜପା

ଚାନ୍ଦବାଲି,୯।୧୧(କିଷାନ ପାତ୍ର)


ମତୋ ପଞ୍ଚାୟତର ଚଷାଖଣ୍ଡ ଗାଁରେ ଭାଙ୍ଗି ଦିଆଯାଇଥିବା ସୂଚନା ଫଳକ।

ଚାନ୍ଦବାଲି ବ୍ଲକ ମତୋ ପଞ୍ଚାୟତର ଚଷାଖଣ୍ଡ ଗାଁରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି) ଯୋଜନାରେ କଲ୍‌ଭର୍ଟ ଓ ଡ୍ରେନ୍ କାର୍ଯ୍ୟ ପୂର୍ବରୁ ଲଗାଯାଇଥିବା ସୂଚନା ଫଳକକୁ ଶନିବାର ରାତିରେ ଭାଙ୍ଗି ଦିଆଯାଇଛି। ଏହି ଫଳକ ଭଙ୍ଗାରୁଜାକୁ ନେଇ ରାଜନୀତି ତେଜିଛି। ଏନେଇ ଭାଜପା ପକ୍ଷରୁ ରବିବାର ମତୋ ଫାଣ୍ଡିରେ ଏତଲା ଦିଆଯାଇଥିବା ବେଳେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ବିଜେଡି ଓ କଂଗ୍ରେସ କର୍ମୀମାନେ ମିଳିତ ଭାବେ ରାତିରେ ଏହି ସୂଚନା ଫଳକକୁ ଭାଙ୍ଗି ଦେଇଥିବା ଭାଜପା କର୍ମୀ ରକ୍ତିକାନ୍ତ ନାୟକ ଅଭିଯୋଗ କରିଛନ୍ତି।

ଦୀର୍ଘ ୩୦ବର୍ଷ ଧରି ଚଷାଖଣ୍ଡ ଗାଁର ଲୋକେ କଲ୍‌ଭର୍ଟ ଓ ଡ୍ରେନ୍ ନିର୍ମାଣ ପାଇଁ ଦାବି କରିଆସୁଥିଲେ। ବର୍ଷାଋତୁରେ ଗାଁ ଭିତରେ ପାଣି ଜମି ରହିବା ଫଳରେ ଗ୍ରାମବାସୀ ଯାତାୟାତରେ ସମସ୍ୟା ଭୋଗିବା ସହ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିଲେ। ରାଜ୍ୟରେ ନୂତନ ସରକାର ଆସିବା ପରେ କଲ୍‌ଭର୍ଟ ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟ ପାଇଁ ୭ଲକ୍ଷ ଟଙ୍କା ଅନୁମୋଦନ ହୋଇଥିଲା। ନିର୍ମାଣ କାର୍ଯ୍ୟ ପୂର୍ବରୁ ଗତ ଶୁକ୍ରବାର ସୂଚନା ଫଳକ ସ୍ଥାପନ କରାଯାଇଥିଲା। କିନ୍ତୁ ଶନିବାର ରାତିରେ ଫଳକକୁ ଭାଙ୍ଗି ଦିଆଯାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ଅଶୋକ କୁମାର ରାଉଳ, ରାଜେନ୍ଦ୍ର ନାୟକ, ଜିତେନ୍ଦ୍ର ସାମଲ, ପ୍ରମୋଦ ମହାନ୍ତି, ପ୍ରଣବ ବଳ, ମନୋରଞ୍ଜନ ନାୟକ, ଟୁକୁନା ବିଶ୍ୱାଳ ପ୍ରମୁଖ ଭାଜପା କର୍ମୀ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# 'ସ୍ନେହମୟୀ, ଛାତ୍ରବତ୍ସଳା ଥିଲେ ଯଶୋଦା'



ସ୍ମୃତିସଭାରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ଭଦ୍ରକ,୯।୧୧(ସନାତନ ରାଉତ)

ଭଦ୍ରକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପୂର୍ବତନ ଶିକ୍ଷୟିତ୍ରୀ ତଥା ଶିକ୍ଷାବିତ୍ ସ୍ୱର୍ଗତ ନିତ୍ୟାନନ୍ଦ ସେନାପତିଙ୍କ ସ୍ତ୍ରୀ ସ୍ୱର୍ଗତ ଯଶୋଦା ସେନାପତି ସ୍ନେହମୟୀ ଓ ଛାତ୍ରବତ୍ସଳା ଥିଲେ। ଛାତ୍ରୀଛାତ୍ରଙ୍କୁ ନିଜ ପିଲା ପରି ସ୍ନେହ କରିବା ସହ ସେ ଅନେକ ଭଲ ମଣିଷ ସୃଷ୍ଟି କରିଯାଇଛନ୍ତି ବୋଲି ତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ସ୍ମୃତିଚାରଣ କରିଛନ୍ତି। ରବିବାର ଜଗନ୍ନାଥପୁରସ୍ଥିତ ତାଙ୍କ ବାସଭବନରେ ପୂର୍ବାହ୍ନ ୧୧ଟାରେ ତାଙ୍କ ଅଣନାତୁଣୀ ଆକାଂକ୍ଷା କବି ସେନାପତିଙ୍କ ସଂଯୋଜନାରେ ଆୟୋଜିତ ସ୍ମୃତିସଭାରେ ରାଜ୍ୟ ଭାଜପା ଉପସଭାପତି ଗୋଲକ ମହାପାତ୍ର, ଭଦ୍ରକ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଶୈଳେନ୍ଦ୍ର ମହାପାତ୍ର, ଭାଜପା ଜିଲା ସଭାପତି ଭଗବାନ ପଣ୍ଡା, ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ସୁଚିତ୍ରା ପାଣିଗ୍ରାହୀ, ବିଶ୍ୱ ହିନ୍ଦୁ ପରିଷଦର ଜିଲା ସମ୍ପାଦକ ବସନ୍ତ କୁମାର ରାଉତ, ସ୍ୱର୍ଗତ ସେନାପତିଙ୍କ ବଡ଼ଝିଅ ଶୈଳବାଳା ସେନାପତି, ଅଞ୍ଜନା ମିଶ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି, ଖବରଦାତା ଓ ବୁଦ୍ଧିଜୀବୀମାନେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ସ୍ମରଣିକା 'ଯଶସ୍ୱିନୀ ଯଶୋଦା' ଉନ୍ମୋଚିତ ହୋଇଯାଇଛି। ତାଙ୍କ ପୁଅ ଆଶୁତୋଷ ସେନାପତି, ବ୍ୟୋମକେଶ ସେନାପତିଙ୍କ ସହ ପରିବାରବର୍ଗ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୬୩୦ ରୋଗୀଙ୍କ ଚିକିତ୍ସା



ଶିବିରରେ ଉପସ୍ଥିତ ଅତିଥି।

ଧାମନଗର, ୯।୧୧ (ଦେବେନ୍ଦ୍ର ଆନ୍ଦିଆ/ ସନ୍ତୋଷ କୁମାର ମହାପାତ୍ର)

## ସ୍ୱାସ୍ଥ୍ୟ ସେବା ଶିବିର

ଧାମନଗର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ରବିବାର ମଣ୍ଡଳସ୍ତରୀୟ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଧାମନଗର ବ୍ଲକର କଲ୍ୟାଣୀ ପଞ୍ଚାୟତ ବନସରସ୍ଥିତ ଲକ୍ଷ୍ମୀନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସାମାଜିକ କର୍ମୀ ନରେନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରକୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ସୁଧୀର ରଞ୍ଜନ ନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଶେଷଜ୍ଞ ଡା. ଅଜିତ ପ୍ରସାଦ ଜେନା ଏବଂ ମୁଖ୍ୟବକ୍ତା ଭାବେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧ୍ୟକ୍ଷ ଡା. ମନ୍ମୟ କୁମାର ସାମନ୍ତସିଂହାର ଯୋଗଦେଇ ସ୍ୱାସ୍ଥ୍ୟ ହେଉଛି ଅମୂଲ୍ୟ ସମ୍ପଦ ବୋଲି କହିବା ସହ ଏହାର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ, ଭେଷଜ ବିଶେଷଜ୍ଞ ଡା. ମାଝି ମାଝୀ, ରମେଶ ଚନ୍ଦ୍ର ମହାପାତ୍ର, ଅସ୍ଥିଶଲ୍ୟ ବିଭାଗ ଡା. ସେକ ସର୍ବର ଅଲ୍ଲି, କର୍ଣ୍ଣ ନାଶା ଗଳା ବିଭାଗ ଡା. ବୈଦ୍ୟନାଥ ଓଝା, ଚକ୍ଷୁ ବିଶେଷଜ୍ଞ ଡା. ଇଫଜୁଲ ରହେମାନ, ଅସ୍ଥିଶଲ୍ୟ(ଅସ୍ତ୍ରୋପଚାର) ବିଭାଗ ଡା. ସରୋଜ ରାଉଳ ପ୍ରମୁଖ ଯୋଗଦେଇ ଆବଶ୍ୟକ ଚିକିତ୍ସା ସହ ପରାମର୍ଶ ଦେଇଛନ୍ତି। ପରିଷଦର ସଭ୍ୟ ଅଜୟ କୁମାର ସାମଲ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ, ସଭାପତି ଅନିଲ କୁମାର ବାରିକ ସ୍ୱାଗତ ସମ୍ଭାଷଣ ପ୍ରଦାନ ଓ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରିଷଦର ମଣ୍ଡଳ ସମ୍ପାଦକ ରାମଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଶିବିରରେ ୬୩୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସା ସହ ଔଷଧ ବିତରଣ କରାଯାଇଥିଲା। ମଧୁମେହ ରୋଗୀମାନଙ୍କର ରକ୍ତ ପରୀକ୍ଷା ଓ ହୃଦ୍‌ରୋଗୀମାନଙ୍କର ଇସିଜି ପରୀକ୍ଷା କରାଯାଇଥିଲା। ପରିଷଦର ସଭ୍ୟ ଦାମୋଦର ମଲ୍ଲିକ, ବିଦ୍ୟାଧର ରାଉତ, ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ରାଉତ, ପ୍ରଧାନଶିକ୍ଷକ ପ୍ରଭାତ କୁମାର ମହାନ୍ତି ପ୍ରମୁଖ ଶିବିର ପରିଚଳନା କରିଥିବାବେଳେ ଛାତ୍ରୀଛାତ୍ର ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ସାଇବର ଅପରାଧ ରୋକିବା କୌଶଳ ଶିଖାଇଲେ ଏସ୍‌ଡିପିଓ

ଧୁଷୁରୀ,୯।୧୧
(ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକର କୋଠାରସ୍ଥିତ ମା' ସାରଦା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିରରେ ଶିବିରାର୍ଥୀମାନେ ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟରେ ୪ ଦିନ ଧରି ସେବାକାର୍ଯ୍ୟ ଚାଲୁ ରଖିଛନ୍ତି। ପଥପ୍ରାନ୍ତ ନାଟକ, ନିଶା ନିବାରଣ ସଚେତନତା, ପରିଷ୍କାର ପରିଚ୍ଛନ୍ନତା ଆଦି କାର୍ଯ୍ୟ କରିଆସୁଛନ୍ତି। ରବିବାର ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏହାର ପ୍ରଥମ ଅଧିବେଶନ ଚାଲୁ ରହିଥିଲା। ସେବା ଯୋଜନା ଅଧିକାରୀ ପ୍ରଭାତ କୁମାର ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।

ବର୍ତ୍ତମାନ ଛାତ୍ରୀଛାତ୍ର ସାଇବର ଅପରାଧର ଶିକାର ହେଉଛନ୍ତି। ଏଥିରୁ ରକ୍ଷା ପାଇବାକୁ ହେଲେ ନିଜ ନିଜର ମୋବାଇଲରେ କିଛି କୌଶଳ ଶିକ୍ଷା କରିବାକୁ ହେବ ବୋଲି ଏସ୍‌ଡିପିଓ ପ୍ରକାଶ କରିଥିଲେ। ଏଥିସହ ଏହାର କୌଶଳ ମଧ୍ୟ ସେ ଶିବିରାର୍ଥୀମାନଙ୍କୁ ଶିଖାଇଥିଲେ। କୌଣସି ଛାତ୍ରୀଛାତ୍ର ଏହାର ଶିକାର ହେଲେ ତୁରନ୍ତ ୧୯୩୦ ନମ୍ବର, ନ ହେଲେ ଏସ୍‌ଡିପିଓଙ୍କ ବ୍ୟକ୍ତିଗତ ନମ୍ବରକୁ କଲ୍ କରିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଧୁଷୁରୀ ପ୍ରେସ୍ ୟୁନିୟନ ସଭାପତି ସନ୍ତୋଷ ଦାସ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାଣିଜ୍ୟ ବିଭାଗ ଅଧ୍ୟାପକ ଶ୍ରୀଧର ସାହୁ ଓ ସାମାଜିକ କର୍ମୀ ଶ୍ରୀକାନ୍ତ ନାୟକ ଯୋଗଦେଇ ସେବା ମାଧ୍ୟମରେ ନିଜର ପରିଚୟ ସୃଷ୍ଟି କରିବାକୁ ଶିବିରାର୍ଥୀମାନଙ୍କୁ ପରାମର୍ଶ ଦେଇଛନ୍ତି।

# ଓଷ୍ଟାର ପୂର୍ବତନ ଜିଲା ସମ୍ପାଦକଙ୍କ ଶ୍ରଦ୍ଧାଞ୍ଜଳି ସଭା

ଭଦ୍ରକ,୯।୧୧(ରବିନାରାୟଣ ଖିଲାର)

ଓଷ୍ଟାର ପୂର୍ବତନ ଭଦ୍ରକ ଜିଲା ସମ୍ପାଦକ, ଶିକ୍ଷକ ନେତା ସାଧୁ ଷଡ଼ଙ୍ଗୀଙ୍କ ବିୟୋଗରେ ରବିବାର ଭଦ୍ରକର ମଠାସାହିସ୍ଥିତ ଗୋପାଳଜୀଉ ହାଇସ୍କୁଲ ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନେତା ଅକ୍ଷୟ ହୋତା ଏଥିରେ ସଭାପତିତ୍ୱ କରିଥିଲେ। ଜିଲାରୁ ବହୁ ଶିକ୍ଷକ, ଶିକ୍ଷାକର୍ମୀ, ବୁଦ୍ଧିଜୀବୀ ଓ ବିଭିନ୍ନ ଗଣ ସଙ୍ଗଠନ କର୍ମକର୍ତ୍ତା ସଭାରେ ଯୋଗ ଦେଇଥିଲେ। ପ୍ରାକ୍ତନ ପ୍ରଧାନଶିକ୍ଷକ ଗୟାଧର ପଣ୍ଡା, ଉପେନ୍ଦ୍ର ପାଢ଼ୀ, ରମାକାନ୍ତ ପରିଡ଼ା, କମଳାକାନ୍ତ ନାୟକ, ସମୀର କୁମାର ଜେନା, ଚିତ୍ରଭାନୁ ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶାନ୍ତନୁ କୁମାର ରାଉତ, ଅମୂଲ୍ୟ ରାଉତ, ବାଦଲ ମହାପାତ୍ର, ପର୍ଶୁରାମ ପାତ୍ର, ହେମନ୍ତ କୁମାର ସୂତାର, ଗଙ୍ଗାଧର ଦାସ, ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ଦାସ, ସଂଗ୍ରାମ କେଶରୀ ଭାରତୀ, ସୁରେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଆଇନଜୀବୀ ଦେବାଶିଷ ସାମଲ, ମୁକ୍ତିକାନ୍ତ ମହାପାତ୍ର, ଅଶୋକ ରାଉତ, କାର୍ତ୍ତିକ ସ୍ୱାଇଁ, ଅଶୋକ ଜେନା, ରବୀନ୍ଦ୍ର ପଣ୍ଡା, ସଞ୍ଜୟ ସେନାପତି, ଶ୍ରୀକାନ୍ତ ମହାଳିକ, ପ୍ରଶାନ୍ତ ମିଶ୍ର, ନାରୀନେତ୍ରୀ, ଓଷ୍ଟାର ପୂର୍ବତନ ରାଜ୍ୟ ସମ୍ପାଦିକା ସୁରଜିତା ନାୟକ, ଗଙ୍ଗାଧର ବେହେରା, ରମାକାନ୍ତ ଲେଙ୍କା, ଅଶୋକ ରାଉତ ଓ ଆଇନଜୀବୀ ତଥା ଶ୍ରମିକନେତା ଦିବ୍ୟସିଂହ ନାୟକ ବକ୍ତବ୍ୟ ରଖିଥିଲେ। ସ୍ୱର୍ଗତ ଷଡ଼ଙ୍ଗୀଙ୍କ ଜନ୍ମ ଯାଜପୁର ଜିଲାରେ ହୋଇଥିବା ବେଳେ ତାଙ୍କ କର୍ମଭୂମି ଭଦ୍ରକ ଜିଲା ଥିଲା। ସେ ଜଣେ ସାଲିସବିହୀନ ଶିକ୍ଷକ ନେତା ଥିଲେ ବୋଲି ସଭାରେ କୁହାଯାଇଥିଲା। ଦୈତାରୀ ଦୀକ୍ଷିତ ଧନ୍ୟବାଦ ଦେଇଥିଲେ। ଓଷ୍ଟାର ପୂର୍ବତନ ସମ୍ପାଦକ ପ୍ରଦୀପ୍ତ କୁମାର ଦାସ ସଭା ଆୟୋଜନ କରିଥିବା ବେଳେ ଉକ୍ତ ସ୍କୁଲର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

## ସ୍ମରଣିକା 'ସ୍ମୃତିରେ ଶ୍ରୀକାନ୍ତ' ଉନ୍ମୋଚିତ

ଚାନ୍ଦବାଲି,୯।୧୧(ଅଶୋକ ପଣ୍ଡା)

ଚାନ୍ଦବାଲି ମହାବିଦ୍ୟାଳୟର ଅବସରପ୍ରାପ୍ତ ମୁଖ୍ୟ କିରାଣୀ ସ୍ୱର୍ଗତ ଶ୍ରୀକାନ୍ତ ବଳଙ୍କ ଏକାଦଶାହ ଅବସରରେ ଶନିବାର ଅପରାହ୍ନରେ ପାଞ୍ଚପଡ଼ାସ୍ଥିତ ତାଙ୍କ ବାସଭବନ ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ମରଣିକା 'ସ୍ମୃତିରେ ଶ୍ରୀକାନ୍ତ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ସାମାଜିକ କର୍ମୀ ତାରାପଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ବିଜୟ ନାୟକ, ମୁଖ୍ୟବକ୍ତା ପ୍ରଫେସର ବୈକୁଣ୍ଠ ନାଥ ପରିଡ଼ା, ବିଶିଷ୍ଟ ଅତିଥି ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ସୁଧୀର କୁମାର ମହାନ୍ତି, ହରେକୃଷ୍ଣ ଦାଶ, ଶୁଭେନ୍ଦ୍ର ସାହୁ, ଅଧ୍ୟାପକ ମାୟାଧର ମହାନ୍ତି, କବୟିତ୍ରୀ ଲିନା ମହାନ୍ତି, ଶିକ୍ଷା କର୍ମଚାରୀ ସତ୍ୟପ୍ରକାଶ ବେହେରା, ମଦନ ପରିଡ଼ା, ଅଭିରାମ ମାହୁନ୍ତ, ଚିତ୍ତରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ବଳ ଜଣେ ସ୍ପଷ୍ଟବାଦୀ, ସଂସ୍କାରବାଦୀ ଓ କର୍ତ୍ତବ୍ୟପରାୟଣ ବ୍ୟକ୍ତି ଥିଲେ ବୋଲି ଅତିଥିମାନେ କହିଥିଲେ। ପ୍ରାକ୍ତନ ପ୍ରଧାନଶିକ୍ଷକ ବିଜୟ ଜେନା, ଅଶୋକ ପଲାଇ, ଦେବେନ୍ଦ୍ର ବଳ, ପ୍ରଶାନ୍ତ ବଳ, ଚନ୍ଦନ ବଳ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଶିକ୍ଷାବିତ୍ ଅମୂଲ୍ୟ ରାଉତ ସଞ୍ଚାଳନ କରିଥିଲେ। ଉତ୍ତମ ବଳ ଧନ୍ୟବାଦ ଦେଇଥିଲେ।

# କନିଷ୍ଠ ବର୍ଗରେ ପୁରୀ, ବରିଷ୍ଠରେ ବାଲେଶ୍ୱର ପ୍ରଥମ

ଭଦ୍ରକ,୯।୧୧(ସନାତନ ରାଉତ)


ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

## ରାଜ୍ୟସ୍ତରୀୟ 'ଭାରତକୁ ଜାଣ' କୁଇଜ୍ ପ୍ରତିଯୋଗିତା

ଭାରତ ବିକାଶ ପରିଷଦର ଓଡ଼ିଶା ପୂର୍ବ ପ୍ରାନ୍ତ ପକ୍ଷରୁ ରବିବାର ପୂର୍ବାହ୍ନ ୧୧ଟା ୩୦ରେ ଭଦ୍ରକ ଜିଲା ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ 'ଭାରତକୁ ଜାଣ' କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପରିଷଦର ଭଦ୍ରକ ଶାଖା ଅଧ୍ୟକ୍ଷ ରାମଚନ୍ଦ୍ର ପଣ୍ଡାଙ୍କ ସଞ୍ଚାଳନରେ ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ କହିଥିଲେ, ପିଲାମାନେ ଦେଶର ସଂସ୍କୃତି, ଐତିହ୍ୟ ଓ ପରମ୍ପରା ବିଷୟରେ ଅବଗତ ହେବା ଜରୁରୀ। ସେମାନଙ୍କ ଭିତରେ ଜ୍ଞାନ ଆହରଣ ପାଇଁ ଏହି ପ୍ରତିଯୋଗିତା ଗୁରୁତ୍ୱପୂର୍ଣ୍ଣ। ବିଶିଷ୍ଟ ଅତିଥି ଭାବେ ଭାରତ ବିକାଶ ପରିଷଦ ପୂର୍ବ କ୍ଷେତ୍ରର କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ ଛାତ୍ରୀଛାତ୍ର ଭାରତର ମହାନ୍ ସଂସ୍କୃତି, ପରମ୍ପରା ବିଷୟରେ ଅଧ୍ୟୟନ କରିବା ସହ ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବାକୁ ପରାମର୍ଶ ଦେଇଥିଲେ। ଅବନ୍ତିକା ଆଇଟିଆଇର ଚେୟାରମ୍ୟାନ ଅମିତ୍ ମଲ୍ଲିକ, ପୂର୍ବ ପ୍ରାନ୍ତର ମହାସଚିବ ସୌମେନ୍ଦ୍ର ଦାସ, ପ୍ରାନ୍ତୀୟ ଗତିବିଧି ସଂଯୋଜକ ବିମଳକାନ୍ତ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ।

ଓଡ଼ିଶା ପୂର୍ବ ପ୍ରାନ୍ତର ୧୬ଟି ଶାଖା ପକ୍ଷରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। କୁଇଜ୍ ମାଷ୍ଟର ପଦ୍ମନାଭ ପଣ୍ଡାଙ୍କ ସଂଯୋଜନାରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଭଦ୍ରକ, ବାଲେଶ୍ୱର, ପୁରୀ, ଗଞ୍ଜାମ ଜିଲାର ବ୍ରହ୍ମପୁର, ଖୋର୍ଦ୍ଧା ଜିଲାର ଭୁବନେଶ୍ୱର, କେନ୍ଦୁଝର ଜିଲାର ବଡ଼ବିଲ, ଢେଙ୍କାନାଳ, ନୟାଗଡ଼ ଆଦି ଜିଲାରେ ଥିବା ଶାଖାରୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କନିଷ୍ଠ ବର୍ଗରେ ପୁରୀ ଡିଏଭି ସ୍କୁଲର ରଣବୀର ସିଂ ଓ ଆଦିତ୍ୟ ନାରାୟଣ ଶତପଥୀ ପ୍ରଥମ ହୋଇଛନ୍ତି। ସେହିପରି ବରିଷ୍ଠ ବର୍ଗରେ ବାଲେଶ୍ୱର ମଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସାଇକ୍ରୀଷ୍ଟା ମହାନ୍ତି ଓ ଅନୁରାଗ ବାରିକ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପର୍ଯ୍ୟବେକ୍ଷକ ଭାବେ ରାଷ୍ଟ୍ରୀୟ ପରିଷଦର ସଦସ୍ୟା ବିଜୟଲକ୍ଷ୍ମୀ ସାହୁ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଧୀର ରଞ୍ଜନ ନାୟକ ଓ ବିଶିଷ୍ଟ ଅତିଥି ଭାବେ ଭଦ୍ରକ କଲେଜ ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାଶ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଭଦ୍ରକ ଶାଖା କୋଷାଧ୍ୟକ୍ଷ ଇଂ. ବିଭୁକଲ୍ୟାଣ ସ୍ୱାଇଁ, ପୁରୁଷୋତ୍ତମ ମହାନ୍ତି, କାର୍ତ୍ତିକ ଚନ୍ଦ୍ର ଭାରତୀ, ସଙ୍ଗୀତା ଗିରି, ରବିନାରାୟଣ ରାଉତ, ସଞ୍ଜୀବ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶାଖା ସଚିବ ପ୍ରଦୀପ ପୁହାଣ ଧନ୍ୟବାଦ ଦେଇଥିଲେ।

# ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ୬ ଗାଁ ସାମିଲ

ଖଇରା,୯।୧୧(ଉତ୍କଳବନ୍ଧୁ ପଣ୍ଡା)

ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ୬ ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ କରାଯାଇଛି। ପୂର୍ବରୁ ଏହି ବ୍ଲକ୍‌ର ୧୭ଟି ଗ୍ରାମ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ସହ ଭିତ୍ତିଭୂମି ସୁଦୃଢ ହୋଇଥିଲା। ଏବେ ୬ଟି ଗ୍ରାମ ଏଥିରେ ସାମିଲ ହେବା ପରେ ସମ୍ପୃକ୍ତ ଗ୍ରାମର ଗ୍ରାମବାସୀ ଖୁସି ବ୍ୟକ୍ତ କରିଛନ୍ତି। ତେବେ ନିର୍ଦ୍ଧାରିତ ସମୟରେ ଅର୍ଥ ଖର୍ଚ୍ଚ ହୋଇ ପାରୁ ନ ଥିବାରୁ ଜଳଙ୍ଗ ରାଇକୁଳା ଭଳି କିଛି ଗ୍ରାମର ଅଧିବାସୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ଅନୁସୂଚିତ ଜାତି ବହୁଳ ଗ୍ରାମଗୁଡ଼ିକର ଭିତ୍ତିଭୂମି ସୁଦୃଢ କରିବା ସହ ଗ୍ରାମର ସୌନ୍ଦର୍ଯ୍ୟକରଣ ପାଇଁ ୪୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥାଏ। ଏହି ଅର୍ଥରେ ରାସ୍ତା, ଡ୍ରେନେଜ ବ୍ୟବସ୍ଥାର ପୁନରୁଦ୍ଧାର, ଉଜ୍ଜ୍ୱଳ ଆଲୋକ, ଅତିରିକ୍ତ ଶ୍ରେଣୀଗୃହ, କୋଠ ଘର, ବିଦ୍ୟାଳୟ ପାଚେରି ଓ ଶୌଚାଳୟ ନିର୍ମାଣ କରାଯିବା କଥା। ୨୦୧୯-୨୦୨୦ରୁ ଏହି ଯୋଜନା ଆରମ୍ଭ ହୋଇଥିବା ବେଳେ ଏବେ ସୁଦ୍ଧା ୧୭ଟି ଗ୍ରାମକୁ ଏଥିରେ ଅନ୍ତର୍ଭୁକ୍ତ ଯାଇଛି। ୨ବର୍ଷ ମଧ୍ୟରେ ଏହି କାର୍ଯ୍ୟ ଶେଷ ହେବାର ନିୟମ ରହିଛି। ତେବେ ଏ ପର୍ଯ୍ୟନ୍ତ ୧୦ଟି ଗ୍ରାମରେ ସମ୍ପୂର୍ଣ୍ଣ ଖର୍ଚ୍ଚ ସରିଥିଲେ ହେଁ ୭ଟି ଗ୍ରାମରେ କାମ ଅସମ୍ପୂର୍ଣ୍ଣ ରହିଛି । ଅର୍ଥ ଠିକ୍‌ଭାବେ ଆସୁ ନ ଥିବା ତଥା ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଓ ନିର୍ବାହୀ ଅଧିକାରୀଙ୍କ ଅପାରଗତା କାରଣରୁ ଆସିଥିବା ଅର୍ଥ ମଧ୍ୟ ଠିକ୍ ଢଙ୍ଗରେ ଖର୍ଚ୍ଚ ହୋଇ ପାରୁ ନ ଥିବା ଅଭିଯୋଗ ହୋଇଛି। ଚଳିତ ୨୦୨୫-୨୬ ପାଇଁ ସାମିଲ ଗ୍ରାମ ମଧ୍ୟରେ କଇଥଗଡ଼ିଆ ପଞ୍ଚାୟତର ମୁଣ୍ଡାହତା, ଶ୍ୟାମସୁନ୍ଦରପୁର ପଞ୍ଚାୟତର ପାର୍ବତୀପୁର, ମାଣିତ୍ରୀ ପଞ୍ଚାୟତର ମାଣିତ୍ରୀ, ମହତିପୁର ପଞ୍ଚାୟତର ଗନ୍ଧାଳୀ, ଗଡ଼ପୋଖରୀ ପଞ୍ଚାୟତର ଶରତ, ରଜିଆ ପଞ୍ଚାୟତର ଶରତ ଗାଁ ରହିଛି। ଏହି ଖବର ପହଞ୍ଚିବା ପରେ ସମ୍ପୃକ୍ତ ଗ୍ରାମଗୁଡ଼ିକର ଅଧିବାସୀମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଯଦି ଠିକ୍ ସମୟରେ ଅର୍ଥ ଯୋଗାଇ ଦିଆଯାଏ ତେବେ ୨ବର୍ଷ ମଧ୍ୟରେ କାମ ସରିଯିବ ବୋଲି ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦ୍ରୁପଦ ନାୟକ କହିଛନ୍ତି ।


ଖଇରା ବ୍ଲକ୍ କାର୍ଯ୍ୟାଳୟ।

# ସଦର ଥାନା ଅଞ୍ଚଳରୁ ପୁଣି ଚୋରି

## ପୋଲିସ ନୀରବ

ରସାଲପୁର,୯।୧୧(ଶରତ ସାମଲ)

ବାଲେଶ୍ୱର ଜିଲ୍ଲା ସଦର ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି, ଛିନତାଇ ଭଳି ଘଟଣା ଘଟିଚାଲିଥିବା ବେଳେ ଲୁଟେରାଙ୍କୁ ଧରିବାରେ ପୋଲିସ ବିଫଳ ହୋଇଥିବା ଅଭିଯୋଗ ହେଉଛି। ଗତ ବୋଇତ ବନ୍ଦାଣ ସନ୍ଧ୍ୟାରେ ବଇଞ୍ଚା ଗ୍ରାମର ପୂର୍ଣ୍ଣଚନ୍ଦ୍ର ରାଉତ ଓ ତାଙ୍କ ପରିବାର ଲୋକେ ଘରେ ତାଲା ପକାଇ ସନ୍ଧ୍ୟାରେ ବୋଇତ ବନ୍ଦାଣ ଦେଖିବାକୁ ବାଲି ଘାଟ ଯାଇଥିଲେ। ସାଢ଼େ ୮ଟାରେ ଘରେ ପହଞ୍ଚି ତାଲା ଭାଙ୍ଗି ସୁନା ଅଳଙ୍କାର ଚୋରି ହୋଇଥିବା ଦେଖିଥିଲେ। ବାରମ୍ବାର ଏଭଳି ଘଟଣାକୁ ନେଇ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଘର ଦ୍ୱାର ଛାଡ଼ି ଲୋକେ କୁଆଡ଼େ ଯିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଚୋରି ପରେ ଲୋକେ ଥାନାରେ ଏତଲା ଦେଉଥିଲେ ହେଁ ପୋଲିସ କେବଳ ମାମଲା ରୁଜୁ କରି ଚୁପଚାପ ବସିରହୁଛି। ବାରମ୍ବାର ଚୋରି ସମ୍ପର୍କରେ ପୋଲିସକୁ ପଚାରି ବୁଝୁଥିଲେ ହେଁ ତଦନ୍ତ ଜାରି ରହିଥିବା ପୋଲିସ କହୁଛି। ଏନେଇ ପୋଲିସ ଉପରୁ ଲୋକଙ୍କ ଭରସା ତୁଟୁଥିବା ଜଣାପଡ଼ିଛି। ଗତ ୭/୮ ମାସ ମଧ୍ୟରେ ଅନେକ ଘରୁ ଚୋରମାନେ କଳାକନା ବୁଲାଇ ସାରିଥିବା ବେଳେ ସରକାରୀ ସ୍କୁଲଗୁଡ଼ିକୁ ମଧ୍ୟ ଛାଡ଼ୁ ନାହାନ୍ତି। ଏଭଳି ସ୍ଥଳେ ପୋଲିସ କୌଣସି ଚୋରଙ୍କୁ ଧରିବାରେ ସକ୍ଷମ ହୋଇନାହିଁ। ଗତ ଏପ୍ରିଲ ୧୭ତାରିଖ ରାତିରେ ଦୁର୍ବୃତ୍ତ ପଳାସପୁର ସ୍କୁଲର ତାଲା ଭାଙ୍ଗି ଏଲ୍ଇଡି ଟିଭି ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିବା ବେଳେ ଜୁଲାଇ ୯ ତାରିଖରେ ବାଙ୍ଗରା ଗ୍ରାମର ୨ ଜଣଙ୍କ ଘର ତାଲା ଭାଙ୍ଗି ଟଙ୍କା ଏବଂ ସୁନା ଗହଣା ଲୁଟି ନେଇଥିଲେ। ସେହିପରି ଗେଲୁଟି ପଞ୍ଚାୟତ ସରପଞ୍ଚଙ୍କ ଘରେ କେହି ନ ଥିବା ସୁଯୋଗ ନେଇ ଚୋରମାନେ ଲୁଟ କରିଥିଲେ। ବାଙ୍ଗରା ଗ୍ରାମର ଜଣେ ଯୁବତୀ ସ୍କୁଟି ଯୋଗେ ଘରକୁ ଫେରୁଥିବା ବେଳେ ଗାଁ ମୁଣ୍ଡ ରାସ୍ତାରେ ଅପରାହ୍ନ ୪ଟା ସମୟରେ ୨ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଲୁଟ୍ କରିବା ଉଦ୍ଦେଶ୍ୟରେ ଯୁବତୀଙ୍କୁ ଆକ୍ରମଣ କରିଥିଲେ। ଯୁବତୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଆସିଯିବାରୁ ଦୁର୍ବୃତ୍ତ ଦ୍ୱୟ ସେଠାରୁ ଖସି ପଳାଇ ଯାଇଥିଲେ। ସିସିଟିଭିରେ କଏଦ ହୋଇଥିବା ୨ ଦୁର୍ବୃତ୍ତଙ୍କ ଫଟୋ ସହିତ ଯୁବତୀଙ୍କ ବାପା ଏତଲା ଦେଇଥିଲେ। ଫଟୋରୁ ଦୁର୍ବୃତ୍ତଙ୍କ ପରିଚୟ ଏବଂ ଠିକଣା ମିଳିଥିଲେ ହେଁ ପୋଲିସ ସେମାନଙ୍କୁ ଧରିବାରେ ବିଫଳ ହୋଇଛି।

# ୧୨ ଛାତ୍ରୀଛାତ୍ର ରାଜ୍ୟସ୍ତରକୁ ଉନ୍ନୀତ

## ବାଲିଆପାଳରେ ଜିଲ୍ଲାସ୍ତରୀୟ ବିଜ୍ଞାନମେଳା

କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ), ୯।୧୧

ବାଲିଆପାଳ ଶିଶୁ ମନ୍ଦିର ପରିସରରେ ରବିବାର ଜିଲ୍ଲାସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱର ଜିଲ୍ଲାର ଶିକ୍ଷା ବିକାଶ ସଂସ୍ଥାନ ଅଧୀନରେ ଥିବା ୧୮ଟି ବିଦ୍ୟାଳୟରୁ ୧୩୫ ଜଣ ଛାତ୍ରୀଛାତ୍ର ୧୩୫ଟି ପ୍ରକଳ୍ପରେ ଅଂଶ ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ରାଜ୍ୟ ସଂଯୋଜକ ଗୌରାଙ୍ଗ କୁମାର ବିଶ୍ୱାଳ, ବାଲେଶ୍ୱର ଜିଲ୍ଲା ସଂଯୋଜକ ଦୀପ୍ତିକାନ୍ତ ପାଢ଼ୀ, ରବିନାରାୟଣ ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉପ ଶିଶୁ ବର୍ଗରୁ ପ୍ରଥମ ଆର୍ଯ୍ୟସ୍ମିତା ଜେନା, ଦ୍ୱିତୀୟ ପ୍ରୀତି ପ୍ରଭା ପ୍ରାମାଣିକ, ତୃତୀୟ ଏସ୍‌ଏସ୍ ତ୍ରୀଶା ବ୍ରହ୍ମା, ଶିଶୁ ବର୍ଗରୁ ଶିଶୁ ପ୍ରଥମ ଆତ୍ମାନ ପଣ୍ଡା, ଦ୍ୱିତୀୟ ଦେବାଂଶ ବେହେରା, ତୃତୀୟ ପ୍ରତିମା ନନ୍ଦ, ବାଲବର୍ଗରୁ ପ୍ରଥମ ସ୍ୱୟଂ ସମ୍ପୂର୍ଣ୍ଣ ବେହେରା, ଦ୍ୱିତୀୟ ଇପ୍ସିତା ଭୂୟାଁ, ତୃତୀୟ ଅଭିଳିପ୍ସା ଦାସ, କିଶୋର ବର୍ଗରୁ ପ୍ରଥମ ରଶ୍ମିତା ପ୍ରଧାନ, ଦ୍ୱିତୀୟ ସାଇ ଆର୍ଯ୍ୟଜିତ୍ ପରିଡ଼ା, ତୃତୀୟ ସୁବର୍ଣ୍ଣ ସେତୁ ଗୋଛାୟତ ସ୍ଥାନ ଅଧିକାର କରିଛନ୍ତି। ବାଲିଆପାଳ ବ୍ଲକରେ ଥିବା ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପବିତ୍ର ପଣ୍ଡା, ପୁଷ୍କର ଜେନା, ଡ.ଚିନ୍ମୟ କୁମାର ନନ୍ଦୀ, ପ୍ରଦୀପ ପଣ୍ଡା, ଜଗବନ୍ଧୁ ଜେନା, ଅମିତ କୁମାର ନାୟକ, ପତିତପାବନ ପ୍ରଧାନ, ଜଗନ୍ନାଥ ଭଞ୍ଜ, ପବନ କୁମାର ଦେ, ପରମାନନ୍ଦ ସାହୁ, ବିଜୟ କୁମାର ବାରିକ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ନିରୂପଣ କରିଥିଲେ। ଚାରି ବିଭାଗରୁ ୧୨ ଜଣ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ସରସ୍ୱତୀ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସନ୍ଧ୍ୟାରାଣୀ ଜେନା କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବିଜ୍ଞାନ ବିଭାଗର ପ୍ରମୁଖ ପୁଲିନ କୁମାର ନନ୍ଦି, ରିଜିକ୍ ଖାନ୍ ଏବଂ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।


ପର୍ଯ୍ୟବେକ୍ଷକ ପ୍ରକଳ୍ପଗୁଡ଼ିକ ଅନୁଧ୍ୟାନ କରୁଛନ୍ତି।

# ରେମୁଣାରେ ଶକ୍ତି ପ୍ରଦର୍ଶନ କଲେ ସୁଧାଂଶୁ


ସଭାରେ ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଉଦ୍‌ବୋଧନ ଦେଉଛନ୍ତି।

ରେମୁଣା,୯।୧୧(ରବୀନ୍ଦ୍ର ମହାନ୍ତ)

ଦେଢ଼ ବର୍ଷ ପରେ ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା ରେମୁଣା ବଜାରରେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ଯାହାକୁ ନେଇ ବାଲେଶ୍ୱର ବିଜେଡି ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଛି। ଖବର ଅନୁଯାୟୀ, ରବିବାର ପୂର୍ବାହ୍ନରେ ବିଜେଡି ନେତା ତଥା ପୂର୍ବତନ ବିଧାୟକ ସୁଧାଂଶୁ ପରିଡ଼ାଙ୍କ ନେତୃତ୍ୱରେ ରେମୁଣା ଏନ୍‌ଏସି ୯ ନମ୍ବର ୱାର୍ଡରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଜନସମ୍ପର୍କ ଯାତ୍ରାରେ ହଜାର ହଜାର ବିଜେଡି କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଗତ ୨୦୨୪ ନିର୍ବାଚନରେ ସୁଧାଂଶୁଙ୍କୁ ବିଜେଡି ଦଳୀୟ ଟିକେଟରୁ ବଞ୍ଚିତ କରି ବିଦ୍ୟୁସ୍ମିତା ମହାଳିକଙ୍କୁ ପ୍ରାର୍ଥୀ କରିଥିଲେ। କିନ୍ତୁ ବିଦ୍ୟୁସ୍ମିତା ଭାଜପା ପ୍ରାର୍ଥୀ ଗୋବିନ୍ଦ ଦାସଙ୍କଠାରୁ ପରାଜିତ ହୋଇଥିଲେ। ନିର୍ବାଚନ ପରେ ରାଜ୍ୟରେ ଭାଜପା ସରକାର ଗଠନ କରିଥିଲା। ତେବେ ରେମୁଣା ନିର୍ବାଚନମଣ୍ଡଳୀରେ ବିଜେଡି ନେତୃତ୍ୱକୁ ନେଇ ଦଳୀୟ କର୍ମୀ ମହଲରେ ଅସମାଞ୍ଜସ୍ୟ ସ୍ଥିତି ଦେଖିବାକୁ ମିଳିଥିଲା। ଗୋଟିଏ ଗୋଷ୍ଠୀ ବିଦ୍ୟୁସ୍ମିତା ମହାଳିକଙ୍କୁ ସମର୍ଥନ କରୁଥିବା ବେଳେ ଅନ୍ୟ ଏକ ବୃହତ ଗୋଷ୍ଠୀ ବିଶେଷ କରି ରେମୁଣା ଏନ୍‌ଏସିର ସମସ୍ତ ବିଜେଡି କାଉନସିଲର ଓ ଅଧିକାଂଶ ପଞ୍ଚାୟତ ସରପଞ୍ଚ ଓ ସମିତିସଭ୍ୟ ସୁଧାଂଶୁଙ୍କୁ ସମର୍ଥନ କରୁଥିଲେ। ତେବେ ଏହି ଜନସମ୍ପର୍କ ଯାତ୍ରାରେ ହଜାର ହଜାର ବିଜେଡି କର୍ମୀ ଓ ଜିଲ୍ଲା ବିଜେଡି ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗ ଦେବା ଘଟଣା ସୁଧାଂଶୁଙ୍କ ସମର୍ଥକଙ୍କୁ ଉତ୍ସାହିତ କରିଥିବା ବେଳେ ଅନ୍ୟ ଗୋଷ୍ଠୀଙ୍କୁ ଶକ୍ତ ଝଟ୍‌କା ଦେଇଥିବା ସ୍ପଷ୍ଟ ହୋଇଛି। ଆୟୋଜିତ ସଭାରେ ଜିଲ୍ଲା ବିଜେଡି ସଭାପତି ପାଣିଗ୍ରାହୀ ଯୋଗ ଦେଇ ରାଜ୍ୟରେ ଭାଜପା ସରକାରଙ୍କ ବିଫଳତା ସମ୍ପର୍କରେ ଉପସ୍ଥିତ କର୍ମୀ ମାନଙ୍କୁ ଅବଗତ କରାଇଥିଲେ। ସେହିପରି ସରକାର ପରିବର୍ତ୍ତନ ପରେ ରେମୁଣା ନିର୍ବାଚନ ମଣ୍ଡଳରେ ବିକାଶର ଧାରା ବନ୍ଦ ହୋଇ ଯାଇଛି ବୋଲି ସୁଧାଂଶୁ ଅଭିଯୋଗ କରିବା ସହିତ ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଓ ରାସ୍ତା ଘାଟ ନିର୍ମାଣ କ୍ଷେତ୍ରରେ ରେମୁଣା ପଛେଇ ଯାଇଛି ବୋଲି ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳଗିରି ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ରେମୁଣା ପୌର ପରିଷଦର ଅଧ୍ୟକ୍ଷା ତାରାମଣି ଗିରି, ଆଇଶାନ ଖାନ, ରେମୁଣା ଏନ୍‌ଏସି ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ ଅଭିମନ୍ୟୁ ଧଳ, ଦୁଷ୍ମନ୍ତ ଦାସ, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତ ବରାଳ, ବାଲେଶ୍ୱର ସଦର ବିଜେଡି ସଭାପତି ବସନ୍ତ କୁମାର ପଣ୍ଡା, ରେମୁଣା ଏନ୍‌ଏସି ମହିଳା ସଭାପତି, ବିଦ୍ୟୁଲ୍ଲତା ସାହୁ, ସରପଞ୍ଚ ଚୈତନ୍ୟ ମାଝି, ଦୟାନିଧି ମହାପାତ୍ର, ସମଲେଶ୍ୱରୀ ଜେନା, ରେମୁଣା ବ୍ଲକ ଉପାଧ୍ୟକ୍ଷ ସୁମତି ବେହେରା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ତେବେ ବିଜେଡିର ଏହି ସମାବେଶକୁ ନେଇ ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି।

# ଭାଇରାଲ୍ ଭିଡିଓକୁ ନେଇ ବର୍ଷିଲେ ପଦ୍ମଲୋଚନ

## ଭାଜପାକୁ ବଦନାମ କରିବାକୁ ଏଆଇର ଅପବ୍ୟବହାର କରାଯାଉଛି

ଖଇରା,୯।୧୧(ଉତ୍କଳବନ୍ଧୁ ପଣ୍ଡା)

କିଛି ଦିନ ତଳେ ସାମାଜିକ ଗଣମାଧ୍ୟମରେ ଭାଇରାଲ ଏକ ଭିଡିଓକୁ ନେଇ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ବିରୋଧୀ ବିଜେଡି ଓ କଂଗ୍ରେସ ଉପରେ ପ୍ରବଳ ବର୍ଷିଛନ୍ତି। ରବିବାର ରିକିଳିଆଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ପଣ୍ଡା ବିରୋଧୀଙ୍କ ଉପରେ ଆରୋପ ଲଗାଇବା ଅବସରରେ ସେ ନୂଆପଡ଼ା ନିର୍ବାଚନ ସମ୍ପର୍କରେ କହୁଥିବା ଭିଡିଓରେ ସମ୍ପୂର୍ଣ୍ଣ ଭାବେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଦୁରୁପଯୋଗ କରାଯାଇଛି ବୋଲି ସୂଚନା ଦେଇଛନ୍ତି। କିଛିଦିନ ତଳେ ସେ ଏକ ଗଣମାଧ୍ୟମକୁ ଦେଇଥିବା ବିବୃତିରେ ନୂଆପଡ଼ା ନିର୍ବାଚନରେ ଲଢୁଥିବା ବିଜେଡି ଓ କଂଗ୍ରେସକୁ ହାରିବା ଘୋଡ଼ା ବୋଲି କହିଥିଲେ। ହେଲେ ତାଙ୍କୁ ଓ ଭାଜପାକୁ ବଦନାମ କରିବାକୁ ଏବଂ ନୂଆପଡ଼ା ନିର୍ବାଚନରେ ପରାସ୍ତ ହେବା ଭୟରେ ଏଆଇର ଅପବ୍ୟବହାର କରି ବସନ୍ତ ପଣ୍ଡା ହାରିବା ଘୋଡ଼ା ଏଣୁ ଦଳ ତାଙ୍କୁ ବାହାରେ ଲଗାଇନାହିଁ ବୋଲି ତାଙ୍କ ମୁହଁରେ କୁହାଇବା ଅତ୍ୟନ୍ତ ନିନ୍ଦନୀୟ । ରାଜ୍ୟ ଭାଜପାର ପୂର୍ବତନ ସଭାପତି ବସନ୍ତ ପଣ୍ଡାଙ୍କ ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନ ଅଛି । ନୂଆପଡ଼ା ନିର୍ବାଚନ ପ୍ରଚାରରେ ସେ ପଠାଯାଇଛନ୍ତି । କିନ୍ତୁ ବିରୋଧୀ କିଛି ଗଣମାଧ୍ୟମକୁ ହାତବାରିସି କରି ତାଙ୍କର ଏବଂ ବସନ୍ତ ପଣ୍ଡାଙ୍କ ମଧ୍ୟରେ ବିଭେଦ ସୃଷ୍ଟି ପାଇଁ ଏଭଳି ହୀନ ଚକ୍ରାନ୍ତ କରିଛନ୍ତି ବୋଲି ବିଧାୟକ ପଣ୍ଡା କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ ସମିତି ସଭ୍ୟ କୈଳାସ ମାଝୀ ଓ ପ୍ରଫୁଲ୍ଲ ଦାସ, ବ୍ଲକ ଅଧ୍ୟକ୍ଷା ଅଭିଳିପ୍ସା ସାହୁ, ସରପଞ୍ଚ ପ୍ରତିନିଧି ଅଜୟ ସାମଲ, ସନ୍ତି ସାହୁ ରଶ୍ମିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ରାଶନକାର୍ଡ ଯାଞ୍ଚକୁ ନେଇ ଗର୍ଜିଲା କଂଗ୍ରେସ

ଭୋଗରାଇ,୯।୧୧(ପ୍ରଦୀପ ଦାସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ପିଏମ କିଷାନ ତାଲିକାଭୁକ୍ତ ରାଶନକାର୍ଡ ଯାଞ୍ଚ ପ୍ରକ୍ରିୟାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଏବେ ଆଶଙ୍କା ଘନୀଭୂତ ହେବାରେ ଲାଗିଛି। ଏହି ବ୍ଲକରେ ୬୭ ହଜାର ୯୨ଜଣ ରାଶନକାର୍ଡ ଧାରୀ ଥିବାବେଳେ ଏମାନଙ୍କ ମଧ୍ୟରୁ ୪୬ହଜାର ୮ଶହ ୨୦ ଜଣଙ୍କର ରାଶନକାର୍ଡ ପୁନଃ ଯାଞ୍ଚ କରାଯାଇ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେବା ପ୍ରକ୍ରିୟା ଜାରିରହିଛି ବୋଲି ସରକାରୀ ରିପୋର୍ଟରେ ଦର୍ଶାଯାଇଛି। ଏଥି ପାଇଁ ବ୍ଲକ ଯୋଗାଣ ବିଭାଗ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ରାଶନକାର୍ଡ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଥିବାବେଳେ ଭୋଗରାଇ କଂଗ୍ରେସ ଶାଖା ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଛି। ଶନିବାର ସନ୍ଧ୍ୟାରେ ଭୋଗରାଇ ଉଲେଶ୍ୱରପୁରସ୍ଥିତ କଂଗ୍ରେସ ଭବନଠାରେ ଏକ ଖବରଦାତା ସମ୍ମିଳନୀରେ ଜିଲ୍ଲା ସଭାପତି ସଦାଶିବ ଦାସ ଯୋଗଦେଇ ସରକାର ଗରିବଙ୍କୁ ହାତରେ ନ ମାରି ଭାତରେ ମାରିବାକୁ ଯେଉଁ ଯୋଜନା କରିଛନ୍ତି ତାହା ଅତ୍ୟନ୍ତ ଉଦ୍ବେଗଜନକ ବୋଲି ପ୍ରକାଶ କରିଛନ୍ତି। ସରକାର ଏଭଳି କୃଷକ ମାରଣ ନୀତିକୁ ପ୍ରତ୍ୟାହାର ନ କଲେ ଓ ଭୋଗରାଇ ବ୍ଲକରେ ରାଶନକାର୍ଡ କଟାଗଲେ ଜନସାଧାରଣଙ୍କୁ ନେଇ ଦୁର୍ବାର ଗଣଆନ୍ଦୋଳନ ଗଢ଼ିତୋଳିବା ସହିତ ଆବଶ୍ୟକ ପଡ଼ିଲେ ଭୋଗରାଇ ବ୍ଲକ୍‌କୁ ଅଚଳ କରିଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ଖବର ଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭୋଗରାଇ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକ, ଜିଲ୍ଲା ଉପସଭାପତି ଗୋପବନ୍ଧୁ ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଜେନା, ମହିଳା କଂଗ୍ରେସ ସଭାନେତ୍ରୀ ମୀନାରାଣୀ ପୁରୁ, ସରପଞ୍ଚ ମମତା ରାଣୀ ସାହୁ, ରାଜେନ୍ଦ୍ର ଦଳାଇ, ବରିଷ୍ଠ ନେତା ରାଜେନ୍ଦ୍ର ପଣ୍ଡା, ରାଧା ବିନୋଦ ଦାସ, ଦୀପେଶ ଚନ୍ଦ୍ର ରାୟ, ଶତ୍ରୁଘ୍ନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ନୀଳଗିରିରେ ପଶିଲା ପାଇଲଟ ଦନ୍ତା

ନୀଳଗିରି,୯।୧୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ ପ୍ରବେଶ କରିଛି ପାଇଲଟ ଦନ୍ତା। ଝାଡ଼ଖଣ୍ଡ ଦଳମା ଜଙ୍ଗଲରୁ ଗତ ୨୦୧୦ରୁ ନୀଳଗିରିକୁ ପ୍ରଥମେ ପାଇଲଟ ଦନ୍ତା ଆସେ ଓ ପରେ ହାତୀ ପଲ ଆସିଥାନ୍ତି। ଶନିବାର ଭୋର ସମୟରେ ପାଇଲଟ ଦନ୍ତା ନୀଳଗିରି ରେଞ୍ଜ ଅଧୀନ ଦୁର୍ଗାଦେବୀ, ପୁଡ଼ାଳ, କାଠପାଳ, ପାଟଣା ଅଯୋଧ୍ୟା ପିଚୁ ରାସ୍ତା ପାର ହୋଇ ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଥିଲା। ଦନ୍ତା ଆସୁଥିବା ରାସ୍ତାରେ ଧାନ ଫସଲ ନଷ୍ଟ କରିଛି। ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ପାଇଲଟ ଦନ୍ତା ତିନିକୋଶିଆ ସଂରକ୍ଷିତ ଜଙ୍ଗଲ ମୁହାଁ ହୋଇଥିବା ଦେଖିବାକୁ ମିଳିଛି। ଏନେଇ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ସେହିପରି କୁଲଡ଼ିହା ଜଙ୍ଗଲର ଏକ ଦନ୍ତା ହାତୀ ଆକ୍ରମଣରେ ଜଣେ ଚାଷୀ ଗୁରୁତର ହୋଇଛନ୍ତି। ସେ ହେଲେ କେନ୍ଦୁନାଳ ଗାଁର ଯୋଗେନ୍ଦ୍ର ସିଂ (୪୦)।

# ନିଟ୍‌ରେ କୃତକାର୍ଯ୍ୟ ଭରତ ଭୂଷଣଙ୍କୁ ସମ୍ବର୍ଦ୍ଧନା


ଭରତ ଭୂଷଣ ମହାନ୍ତଙ୍କୁ ମେଧାବୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧନା ମଞ୍ଚ ତରଫରୁ ସମ୍ବର୍ଦ୍ଧିତ କରାଯାଉଛି।

ପାଟଣା,୯।୧୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ଦାମାପୁର ପଞ୍ଚାୟତ ଗୋଜାପାଠର ହାଇସ୍କୁଲ ପରିସରରେ ଶନିବାର ନିଟ୍ କୃତକାର୍ଯ୍ୟ ଛାତ୍ର ଭରତ ଭୂଷଣ ମହାନ୍ତଙ୍କୁ ମେଧାବୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧନା ମଞ୍ଚ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ସେ ଚଳିତ ବର୍ଷ ନିଟ୍ ପରୀକ୍ଷାରେ ସାରା ଭାରତରେ ୩୦ହଜାର ୮୬୩ ଓ ରାଜ୍ୟରେ ୨୦୮୨ ର୍‍ୟାଙ୍କରେ କୃତକାର୍ଯ୍ୟ ହୋଇଥିଲେ। ଭବାନୀପାଟଣା ମେଡିକାଲ କଲେଜରେ ଡ଼ାକ୍ତରୀ ପାଠ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଦମାପୁଡ଼ା ବାଳିକା ହାଇସ୍କୁଲ ୱାର୍ଡ଼ମ୍ୟାନ ତଥା ସଫଳ ବୋଉରାଜୁ ଚାଷୀ ଦୟାନିଧି ମହାନ୍ତ ଓ ଶକୁନ୍ତଳା ମହାନ୍ତଙ୍କ ପୁଅ। ଆୟୋଜିତ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଅବସର ପ୍ରାପ୍ତ ଗୋଜା ପାଠ ହାଇସ୍କୁଲର ପ୍ରଧାନ ଶିକ୍ଷକ ମହେଶ୍ୱର ମହାନ୍ତ, ସମ୍ମାନିତ ଅତିଥିଭାବେ ବିଜ୍ଞାନ ଶିକ୍ଷକ ପାର୍ଥ ସାରଥୀ ବେଜ, ଶିକ୍ଷକ ନେତା ପ୍ରମୋଦ ମହାନ୍ତ, ସାମାଜିକ କର୍ମୀ ବିଦ୍ୟାଧର ମହାନ୍ତ ପ୍ରମୁଖ ଯୋଗଦେଇ ଭରତ ଭୂଷଣ ଓ ତାଙ୍କ ପିତା ଦୟାନିଧିଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ।

# ଝିଅକୁ ବଳାତ୍କାର, ବାପା ଗିରଫ

ବାଲେଶ୍ୱର(ବାଞ୍ଛାନିଧି ଦେ)/ ବସ୍ତା(ହରିଶଙ୍କର ପାଢ଼ୀ),୯।୧୧

ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ନିଜ ଝିଅକୁ ବଳାତ୍କାର ଅଭିଯୋଗରେ ଅଭିଯୁକ୍ତ ବାପାକୁ ପୋଲିସ ଗିରଫ କରିଛି। ଏ ସମ୍ପର୍କରେ ଥାନାରେ ଏକ ମାମଲା (ନଂ.୪୭୫/୨୫) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ନିଜର ପ୍ରଥମ ସ୍ତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଘରୁ ବାହାର କରିଦେଇ ଦ୍ୱିତୀୟ ବିବାହ କରିଥିଲା। ଏପରିକି ପ୍ରଥମ ସ୍ତ୍ରୀ ଓ ପିଲାଙ୍କୁ ରହିବା ପାଇଁ କୌଣସି ଜାଗା ଦେଇ ନ ଥିଲା। କିନ୍ତୁ ଘର ଅଭିଯୁକ୍ତ ସେମାନଙ୍କୁ ସେଠାରୁ ଚାଲିଯିବା ପାଇଁ ବାରମ୍ବାର ମାନସିକ ଚାପ ପକାଉଥିଲା। ଏପରିକି ପ୍ରଥମ ସ୍ତ୍ରୀଙ୍କ ଝିଅକୁ ଘରେ ପଶି ବଳାତ୍କାର କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଶନିବାର ରାତିରେ ଚଢ଼ାଉ କରି ଅଭିଯୁକ୍ତକୁ ଗିରଫ ପରେ କୋର୍ଟଚାଲାଣ କରିଛି।

# ସହର ପରିକ୍ରମା କଲା ସାଇକେଲ ଶୋଭାଯାତ୍ରା

## ସାଇବର ସୁରକ୍ଷା ଅଭିଯାନ

ବାଲେଶ୍ୱର,୯।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲ୍ଲା ପୋଲିସ୍ ପକ୍ଷରୁ ରବିବାର ସାଇବର ସୁରକ୍ଷା ଅଭିଯାନ ପରିପ୍ରେକ୍ଷୀରେ ସାଇକ୍ଲୋଥନ୍-୨୦୨୫ ଅନୁଷ୍ଠିତ ହୋଇଯାଇଛି। ପୋଲିସ ଲାଇନ୍ ଛକଠାରେ ଆଇ ଲଭ୍ ବାଲେଶ୍ୱର ପଏଣ୍ଟ ନିକଟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଏସ୍‌ପି ପ୍ରତ୍ୟୁଷ ଦିବାକର ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ସାଇବର କ୍ରାଇମ୍ ବଢ଼ି ବଢ଼ି ଚାଲିଛି, ସରକାରୀ ସୁଯୋଗ ନେଇ ମୁହୂର୍ତ୍ତକ ମଧ୍ୟରେ ସାଇବର ଅପରାଧୀମାନେ ଲୋକଙ୍କୁ ଠକି ଚାଲିଛନ୍ତି। ଏପରିକି ସାଇବର କ୍ରାଇମ୍ ସମ୍ପର୍କରେ ସଚେତନ ନ ଥିବା ଲୋକଙ୍କୁ ଭୟଭୀତ କରିବା ସହ ଲୋଭ ଦେଖାଇ ହ୍ୟାକରମାନେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଲୁଟି ନେଉଛନ୍ତି। ଅନଲାଇନ୍ ସପିଂ ହେଉ କିମ୍ବା ବ୍ୟାଙ୍କିଙ୍ଗ ମାଧ୍ୟମରେ ଅର୍ଥ କାରବାର ସମୟରେ ସତର୍କତା ଅବଲମ୍ବନ କରିବା, ଓଟିପି ଅନ୍ୟକୁ ସେୟାର ନ କରିବା, ଅଜଣା ଲିଙ୍କକୁ କ୍ଲିକ୍ ନ କରିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଏସ୍‌ପି ଦେବଜ୍ୟୋତି ଦାଶ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ପ୍ରମୁଖ ଯୋଗଦେଇ ଜନସାଧାରଣ ସଚେତନ ହେଲେ ସାଇବର କ୍ରାଇମକୁ ରୋକିବା ସମ୍ଭବ ବୋଲି କହିଥିଲେ। ଏହାପରେ ଅତିଥିମାନେ ପତାକା ଦେଖାଇ ସାଇକେଲ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ସହର ପରିକ୍ରମା କରି ସାଇବର ଅପରାଧ ରୋକାଯିବା ଦିଗରେ ସଚେତନତା ବାର୍ତ୍ତା ବାଣ୍ଟି ପୁଣି ସେଠାରେ ପହଞ୍ଚିଥିଲା।


ଅତିଥିମାନେ ସାଇକେଲ ଶୋଭାଯାତ୍ରା ଶୁଭାରମ୍ଭ କରୁଛନ୍ତି।

# ଜାତୀୟ ଆଇନ୍ ସେବା ଦିବସ

ଚମ୍ପୁଆ,୯।୧୧(ମହେଶ୍ୱର ଦାସ)

ତାଲୁକ ଆଇନ ସେବା କମିଟି ପକ୍ଷରୁ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ଚମ୍ପୁଆ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ତାଲୁକ୍ ଆଇନ ସେବା କମିଟିର ଅଧ୍ୟକ୍ଷ ପ୍ରଣୟ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଏକ ପଦଯାତ୍ରା ପିତ୍ତିବୁଡ଼ି ଆଇଟିଆଇରୁ ଆରମ୍ଭ ହୋଇ ଚମ୍ପୁଆ ଉପଖଣ୍ଡ ପରିକ୍ରମା କରି ଚମ୍ପୁଆ କୋର୍ଟ ପରିସରରେ ସମାପ୍ତ ହୋଇଥିଲା। ଏହି ପଦଯାତ୍ରାରେ ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ସବ୍ ଜଜ୍ କିରେନ୍ଦ୍ର ଦାସ, ଜେଏମ୍‌ଏଫ୍‌ସି ଶ୍ରୀ ସୁସ୍ମିତା ମିଶ୍ର, ସମ୍ପୃକ୍ତ କାର୍ଯ୍ୟାଳୟ ରିଟେନର ମହେନ୍ଦ୍ର ନାୟକ, ପାରାଲ ଆଇନଜୀବୀ ବିଷ୍ଣୁଚରଣ ରାଉତ ଏବଂ ମହାବୀର ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ପଦଯାତ୍ରାରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କମିଟିର ସହକାରୀ ଅବଦୁଲ୍ ରସୁଲ୍ ଖାନ୍ ପରିଚାଳନା କରିଥିଲେ। ରାମକୃଷ୍ଣ ଜୀତ, ମନୋଜ କୁମାର ଜେନା, ଦୁଷ୍ମନ୍ତ ନାୟକ ସହଯୋଗ କରିଥିଲେ।

## ରାସ୍ତାକଡ଼କୁ ଓଲଟିଲା ଟ୍ରାକ୍ଟର

ଛେନାପଦି,୯।୧୧(ନିରାକାର ପରିଡା): କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅନ୍ତର୍ଗତ ଅଣା ସମଣା ରାସ୍ତାର ବଡ଼ରମ୍ପାସ ପଞ୍ଚାୟତ ଗୁହାଳଗଡ଼ିଆଠାରେ ରବିବାର ପୂର୍ବାହ୍ନରେ ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଛି। ଦୁର୍ଘଟଣାରେ ଚାଳକ ସୁରକ୍ଷିତ ଅଛନ୍ତି। ଷ୍ଟିୟରିଂର ଏକ ନଟ ଭାଙ୍ଗି ଯିବାରୁ ଟ୍ରାକ୍ଟରଟି ରାସ୍ତାକଡ଼କୁ ଓଲଟି ପଡ଼ିଥିଲା।

## ଖାସି ଚୋରି କରୁଥିବା ୨ ଜଣଙ୍କୁ ପୋଲିସ ଜିମା ଦେଲେ

ଆନନ୍ଦପୁର,୯।୧୧(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ଥାନା କାଠକଟା ଚକ୍ରତୀର୍ଥ ନିକଟରୁ ଖାସି ଚୋରି ସମୟରେ ୨ ଯୁବକଙ୍କୁ ଗ୍ରାମବାସୀ କାବୁ କରି ପୋଲିସ ଜିମା ଦେଇଛନ୍ତି। ୨ ଯୁବକ ସାଙ୍ଗଙ୍କ ସହ ଚକ୍ରତୀର୍ଥକୁ ବୁଲିବାକୁ ଆସିଥିଲେ। ସେଠାରେ ଭୋଜିଭାତ କରି ଖାଇଥିଲେ। ସେଠାରେ ଚରୁଥିବା ଗ୍ରାମର ଉତ୍କଳ ମହାପାତ୍ରଙ୍କ ଖାସିକୁ କୌଶଳ କ୍ରମେ ବାଇକ୍ ଯୋଗେ ନେଇଯାଉଥିବା ବେଳେ ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ିଯାଇଥିଲେ। ଲୋକେ ଉତ୍ତମ ମଧ୍ୟମ ଦେଇ ପୋଲିସ ଜିମା ଦେଇଥିଲେ। ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

# ଜମୁଛି ହଳଦୀପତ୍ର, ଧାନ ମେଣ୍ଟା ବ୍ୟବସାୟ

- ପ୍ରଥମାଷ୍ଟମୀ, ମାର୍ଗଶିର ଗୁରୁବାର ପ୍ରସ୍ତୁତି
- ଲାଭବାନ ହେଉଛନ୍ତି ବନବାସୀ, ଚାଷୀ

କେନ୍ଦୁଝର,୯।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ମାର୍ଗଶିର ମାସ ଗୁରୁବାର ଦିନ ପ୍ରତ୍ୟେକ ଓଡ଼ିଆଙ୍କ ଘରେ ମାଣବସା ପାଳନ ହୋଇଥାଏ। ଏହି ଦିନ ବିଶେଷକରି ଘରେ ଘରେ ମହିଳାମାନେ ମା' ଲକ୍ଷ୍ମୀଙ୍କ ଉପାସନା କରିଥାନ୍ତି। ଏହି ଦିନରେ ଅମଳ ହୋଇଥିବା ଧାନ କେଣ୍ଡାରେ ବିଭିନ୍ନ ପ୍ରକାରର ମେଣ୍ଟା(ବେଣୀ) ପ୍ରସ୍ତୁତ କରି ପୂଜା ହୋଇଥାଏ। ଆଜିକାଲି ଏହା ସହରରେ ବିକ୍ରି ହେଉଥିବାରୁ ହାଟ ବଜାରରେ ପସରା ମେଲିଲାଣି। ଏଥିସହ ଆସନ୍ତା ବୁଧବାର ପ୍ରଥମାଷ୍ଟମୀ ପୂଜା ରହିଥିବାରୁ ଘରେ ଘରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ତେଣୁ କେନ୍ଦୁଝର ବଜାରରେ ଧାନ ମେଣ୍ଟା ଓ ହଳଦୀପତ୍ର ବ୍ୟବସାୟ ଜମୁଥିବା ଦେଖାଯାଇଛି।

ପ୍ରକାଶ ଯେ, ଆଜିକାଲି ଚାଷ କାମ ପ୍ରାୟତଃ କମିଗଲାଣି। ଗ୍ରାମାଞ୍ଚଳରେ ଲୋକମାନେ ଚାଷ କରୁଥିବା ବେଳେ ଜମିରୁ ସଂଗୃହୀତ ଧାନକେଣ୍ଡାକୁ ବାନ୍ଧି ମେଣ୍ଟା କରି ମାଣବସା ଗୁରୁବାରେ ପୂଜାର୍ଚ୍ଚନା କରୁଛନ୍ତି। ସହରାଞ୍ଚଳର ଲୋକମାନେ ବଜାରରେ ମିଳୁଥିବା ଧାନ ମେଣ୍ଟା ଉପରେ ନିର୍ଭର କରୁଥିବାରୁ ଏହା ଏକ ବ୍ୟବସାୟରେ ପରିଣତ ହୋଇଯାଇଛି। ଚାଷୀ ଏହାକୁ ବଜାରରେ ବିକ୍ରି କରି ଭଲ ରୋଜଗାର କରୁଛନ୍ତି। ୨୦ ଟଙ୍କାରୁ ଆରମ୍ଭ କରି ୫୦ ଟଙ୍କା ପର୍ଯ୍ୟନ୍ତ ସୁନ୍ଦର ଭାବରେ ପ୍ରସ୍ତୁତ ମେଣ୍ଟା ବିକ୍ରି ହୋଇଥାଏ। କେତେକ ସ୍ଥାନରେ ବ୍ୟବସାୟୀ କମ୍ ଦାମ୍‌ରେ ଚାଷୀଙ୍କଠାରୁ କିଣି ଅଧିକ ଦରରେ ବାହାରେ ବିକ୍ରି କରୁଥିବା ସ୍ଥାନୀୟ ବାସିନ୍ଦା ସଚ୍ଚିଦାନନ୍ଦ ମହାପାତ୍ର କହିଛନ୍ତି। ଗୃହିଣୀ ସବିତା ନାୟକ କହିଛନ୍ତି, ମା' ଲକ୍ଷ୍ମୀଙ୍କୁ ପୂଜା କଲେ ଘରକୁ ଧନର ଆଗମନ ହୋଇଥାଏ। ଏଣୁ ଘରେ ବାହାରେ ମହିଳାମାନେ ଚାଉଳ ଚୂନାରେ ପ୍ରସ୍ତୁତ ଚିତା ଲଗାଇଥାନ୍ତି। ମା' ଲକ୍ଷ୍ମୀଙ୍କୁ ସ୍ୱାଗତ କରିବା ସହ ଭୋରୁ ଉଠି ମହିଳାମାନେ ଗାଧୋଇ ଧାନ ମେଣ୍ଟାଙ୍କୁ ଖଟୁଲିରେ ରଖି ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରିଥାନ୍ତି। ଅନ୍ୟପକ୍ଷେ ଆସନ୍ତା ବୁଧବାର ପ୍ରଥମାଷ୍ଟମୀ ଅବସରରେ ଓଡ଼ିଆ ଘରେ ପଢ଼ୁଆଁ ବା ଘରର ପ୍ରଥମ ପୁଅ, ଝିଅଙ୍କୁ ପୂଜା କରାଯାଏ। ଉକ୍ତ ଦିନ ବଡ଼ପୁଅ, ଝିଅ ନୂଆ ପୋଷାକ ପିନ୍ଧିବା ସହ ଘରେ ହଳଦୀପତ୍ରରେ ସ୍ୱତନ୍ତ୍ର ଏଣ୍ଡୁରି ପିଠା କରାଯିବାର ପରମ୍ପରା ରହିଛି। ଏ ନେଇ ମଧ୍ୟ ସହରରେ ହଳଦୀପତ୍ରର ବ୍ୟବସାୟ ଜମୁଛି। ନୂଆ ପୋଷାକ ଓ ହଳଦୀପତ୍ର କିଣିବାକୁ ବଜାରରେ ଭିଡ଼ ଜମୁଛି। ହଳଦୀପତ୍ର ବିଡ଼ା ୨୦ ଟଙ୍କାରେ ଚାଷୀ ତଥା ବନବାସୀ ଆଣି ହାଟ ବଜାରରେ ବିକ୍ରି କରୁଛନ୍ତି। ସ୍ଥାନୀୟ ଅରୁଣ ମହାନ୍ତ କହିଛନ୍ତି, ବିଶେଷକରି ଏହି ଦିନରେ ହଳଦୀ ଗଛ ଶୁଖିବାକୁ ଲାଗିଥାଏ। ହଳଦୀକୁ ମାଟିରୁ ଖୋଳି ବାହାର କରିବା ପୂର୍ବରୁ ଏହାର ପତ୍ରକୁ ଚାଷୀ ଓ ବନବାସୀ ତୋଳି ବିକ୍ରି କରି ଲାଭବାନ୍ ହେଉଛନ୍ତି। ବ୍ୟବସାୟୀ ମଧ୍ୟ ଏହାକୁ କମ୍ ଦାମ୍‌ରେ କିଣି ଦୁଇରୁ ତିନିଗୁଣା ଅଧିକ ଦରରେ ବିକ୍ରି କରି ଲାଭବାନ ହୋଇଥାନ୍ତି।




ମହିଳା ଚାଷୀ ହଳଦୀପତ୍ର ଓ ଧାନ ମେଣ୍ଟା ବିକ୍ରି କରୁଛନ୍ତି।

# ମରାମତି ଆରମ୍ଭ

## ଜାତୀୟ ରାଜପଥ ସର୍ଭିସ ରୋଡ୍ ମରଣଯନ୍ତା ପ୍ରସଙ୍ଗ



ବଞ୍ଚୋ/ଘସିପୁରା,୯।୧୧(ପ୍ରଦୋଷ କୁମାର ବିଶ୍ୱାଳ /ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଦେଇ ଯାଇଥିବା ଜାତୀୟ ରାଜପଥ ସର୍ଭିସ ରୋଡ୍ ମରଣଯନ୍ତା ପାଲଟିଛି। ଏ ନେଇ ବିଭିନ୍ନ ଅନୁଷ୍ଠାନ ଓ ସ୍ଥାନୀୟ ଲୋକଙ୍କ ପକ୍ଷରୁ ବାରମ୍ବାର ଦାବି ସତ୍ତ୍ୱେ କୌଣସି ଫଳ ମିଳୁ ନ ଥିଲା। 'ମେ ଆଇ ହେଲ୍ପ ୟୁ' ଓ ବ୍ୟବସାୟୀ ସଂଗଠନ ପକ୍ଷରୁ ଗତ ୭ ତାରିଖରେ ରାସ୍ତାରୋକୋ ନେଇ ପ୍ରଶାସନକୁ ପତ୍ର ମାଧ୍ୟମରେ ଜଣାଯାଇଥିଲା। ଏ ନେଇ ଅନୁଷ୍ଠିତ ଏକ ବୈଠକରେ ଶୀଘ୍ର ମରାମତି ଆରମ୍ଭ ହେବ ବୋଲି ଏନ୍ଏଚ୍ଏଆଇ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ତଦ ଅନୁଯାୟୀ ରବିବାରଠାରୁ ମରାମତି କାମ ଆରମ୍ଭ ହୋଇଥିବା ଦେଖାଯାଇଛି। ପ୍ରକାଶ ଯେ, 'ମେ ଆଇ ହେଲ୍ପ ୟୁ' ଓ ବ୍ୟବସାୟୀ ସଂଗଠନ ପକ୍ଷରୁ ରାସ୍ତାରୋକୋ ଡାକରା ପରେ ୬ ତାରିଖ ସନ୍ଧ୍ୟାରେ ଘସିପୁରା ଥାନାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା, ଆଇଆଇସି କିଶୋର ପ୍ରଧାନ, ଏନ୍ଏଚ୍ଏଆଇର ସାଇଡ ଇଞ୍ଜିନିୟର ଅରୁଣ କୁମାର ଦାଶ, କ୍ଲବ୍ ସଭାପତି ଦେବରଞ୍ଜନ ସାହୁ, ସଦସ୍ୟ ଓ ଠିକସଂସ୍ଥାର ପ୍ରତିନିଧି ଉପସ୍ଥିତ ରହି ଆଲୋଚନା କରିଥିଲେ। ଏନ୍ଏଚ୍ଏଆଇର ଇଞ୍ଜିନିୟର ସର୍ଭିସରୋଡ୍ କାର୍ଯ୍ୟ ଆରମ୍ଭ, ୪୫ଦିନ ମଧ୍ୟରେ ମୁଖ୍ୟ ରାସ୍ତା କାମ ଶେଷ କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା। ଠିକାସଂସ୍ଥା ସର୍ଭିସ ରୋଡ଼ର କାମ ପ୍ରତିଶ୍ରୁତି ମୁତାବକ ଆରମ୍ଭ କରିଛି।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ, ପ୍ରାଣୀସମ୍ପଦ ମେଳା

ଛେନାପଦି,୯।୧୧(ନିରାକାର ପରିଡା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅଧୀନସ୍ଥ ମରେଇଗାଁଠାରେ ଶୁକ୍ରବାର ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ହାଟଡ଼ିହୀ ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ଚିତ୍ତରଞ୍ଜନ ଦାସଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ହାଟଡ଼ିହୀ ବିଡିଓ ରଞ୍ଜନ ପରିଡ଼ା, ସମ୍ମାନିତ ଅତିଥିଭାବେ କେନ୍ଦୁଝର ଜିଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଏମ୍‌ପିଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ପ୍ରାଣୀସମ୍ପଦ ବିଭାଗର ଏମିପଙ୍କ ପ୍ରତିନିଧି ଯୁଧିଷ୍ଠିର ମଲ୍ଲିକ, କଟକସ୍ଥିତ ରାଜ୍ୟ ପ୍ରାଣୀସମ୍ପଦ ଅତିରିକ୍ତ ଅଧିକାରୀ ଅଶୋକ ତ୍ରିପାଠୀ, ଆନନ୍ଦପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଚିନ୍ମୟ ଦାସ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀ ସ୍ମରଣିକା ବିଶ୍ୱାଳ, ପ୍ରାଣୀଚିକିତ୍ସା ସହାୟକ ସତ୍ୟନାରାୟଣ ଜେନା, ବ୍ଲକ୍ ମତ୍ସ୍ୟ ଅଧିକାରୀ ଶୁଭମ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଆଲୋଚନା ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଘସିପୁରା ବ୍ଲକ୍ ପ୍ରାଣୀ ଚିକିତ୍ସାଧିକାରୀ ସରୋଜ ମହାନ୍ତି, ଦେଓଗାଁ ପ୍ରାଣୀ ଚିକିତ୍ସାଧିକାରୀ ଶିବପ୍ରସାଦ ନାୟକ, ଆନନ୍ଦପୁର ପ୍ରାଣୀ ଚିକିତ୍ସାଧିକାରୀ ଭାଗ୍ୟଶ୍ରୀ ଓଝା, ବନ୍ତ ବ୍ଲକ୍ ମତ୍ସ୍ୟ ଅଧିକାରୀ ସୁଶ୍ରୀ ଦୀପାଞ୍ଜଳି ବେହେରା ଚାଷୀଙ୍କୁ ବିଭାଗର ବିଭିନ୍ନ ଚାଷ ସମ୍ପର୍କରେ ଆଲୋକପାତ କରିଥିଲେ। ଗୋପାଳନ, ଛେଳି ପାଳନ, ଘାସଚାଷ, ମତ୍ସ୍ୟ ଚାଷ ପାଇଁ ସଫଳ ଚାଷୀ ଓ ଏସ୍ଏଚ୍‌ଜି ଗ୍ରୁପକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥି ସହ ମାଛ ଚାଷ ପାଇଁ ଗୋଷ୍ଠୀ ଓ ଚାଷୀଙ୍କ ସହାୟତା ପ୍ରଦାନ କରାଯାଇଥିଲା।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



ଶୋଭାଯାତ୍ରାରେ ଯୋଗଦେଇଥିବା ବିଜେଡି ନେତୃବୃନ୍ଦ।

କେନ୍ଦୁଝର,୯।୧୧
(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବିଜୁ ଜନତା ଦଳର ଜନସମ୍ପର୍କ ଅଭିଯାନ ରବିବାର ଦିନ ଉଦ୍‌ଯାପିତ ହୋଇଯାଇଛି। ବିଜେଡି ଜିଲା ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ବିଜୁ ପଟ୍ଟନାୟକ ଛକଠାରୁ ଏକ ପଦଯାତ୍ରା ଆରମ୍ଭ ହୋଇ ନଗର ପରିକ୍ରମା କରିଥିଲା। ଏଥିରେ ପୂର୍ବତନ ବିଜେଡି ଜିଲା ସଭାପତି ମାଧବ ସର୍ଦ୍ଦାର, ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାୟକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସଦର ବ୍ଲକ୍ ସଭାପତି ଚକ୍ରଧର ପରିଡ଼ା, ମ୍ୟୁନିସିପାଲିଟି ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ, ଜିଲା ପରିଷଦ ସଦସ୍ୟ ରଥ ମୁଣ୍ଡା, ପୂର୍ବତନ ପୌର ଅଧ୍ୟକ୍ଷା ମୀନା ମାଝୀ, ବରିଷ୍ଠ ଉପସଭାପତି ପ୍ରମୋଦ ପଟ୍ଟନାୟକ, ପୂର୍ବତନ କାଉନ୍‌ସିଲର ପରେଶ ପ୍ରଧାନ, ପରେଶ ସାହୁ, କାଉନ୍‌ସିଲର ଶରତ ସାହୁ, ଭଗବାନ ନାଏକ, ଅବିନାଶ ମିଶ୍ର, କେକୀକାକଳି କୁମୁରା, ବରିଷ୍ଠ ନେତା କୈଳାସ ନାଏକ, ମନସୁର ଆଲାମ, ପୂର୍ବତନ ମ୍ୟୁନିସିପାଲିଟି ଚେୟାରମ୍ୟାନ ପ୍ରଭଞ୍ଜନ ପଟ୍ଟନାୟକ, ଜ୍ଞାନରଞ୍ଜନ ପତି, ଯୁବନେତା ଜଗଦୀଶ ଆପଟ, ବାବି ପଟ୍ଟନାୟକ, ସଫିକ, ଦେବୁ ପଟ୍ଟନାୟକ, ଗଦାଧର ପଟ୍ଟନାୟକ, ଧନୁର୍ଜୟ ମହାନ୍ତ, ସତ୍ୟ ନାଏକ, ବାସୁଦେବ ଜେନା, ପରମେଶ୍ୱର ବାରିକ, କୁଳମଣି ସିଂ, ବସନ୍ତ ସାହୁ, ରୁନୁ ମହାଳିକ, ଝୁନୁ ଦାସ, ରଶ୍ମି ମଲିକ, ଝୁନୁ ଦାସ, ଅଜୟ ଘଡ଼େଇ, ଅରୁଣ ମନ୍ତ୍ରୀ, ପ୍ରତାପ ମହାକୁଡ଼, ଟିଙ୍କିନା ବ୍ରହ୍ମ, ନାରୀ ନେତ୍ରୀ ପୁନମ କୁମାରୀ, ମଞ୍ଜୁଲତା ନାୟକ, ଗୀତାଞ୍ଜଳି ମହାନ୍ତି, ଗୀତାଞ୍ଜଳି ପରିଡା, ଟିଙ୍କି ମଲିକ ପ୍ରମୁଖ ଯୋଗଦେଇ ଡବଲ ଇଞ୍ଜିନ ସରକାରରେ ଜନସାଧାରଣ ଡବଲ ଦୁଃଖ ଭୋଗ କରୁଛନ୍ତି ବୋଲି ପ୍ରକାଶ କରିଥିଲେ। ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଥିବା ବେଳେ ବିକାଶମୂଳକ କାର୍ଯ୍ୟ ଏକ ପ୍ରକାର ଠପ ହୋଇଯାଇଛି। ସ୍ଥାଣୁ ସରକାର ଲୋକଙ୍କୁ ସୁଶାସନ ଦେବାରେ ବିଫଳ ହୋଇଛି ବୋଲି ବିଜେଡି ନେତାମାନେ ବକ୍ତବ୍ୟ ରଖିଥିଲେ।

## ସଂଗ୍ରାମ ଜିଲା କ୍ରୀଡ଼ା ସଂସ୍ଥା ସାଧାରଣ ସମ୍ପାଦକ ମନୋନୀତ

କେନ୍ଦୁଝର,୯।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)



କେନ୍ଦୁଝର ଜିଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ଭାବେ ବରିଷ୍ଠ କ୍ରୀଡ଼ାବିତ, ରାଜ୍ୟ କ୍ରିକେଟ ଆସୋସିଏଶନର ସର୍ବପୁରାତନ ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ସଂଗ୍ରାମ ପଟ୍ଟନାୟକ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଦୀର୍ଘ ୮ଥର ସେ କେନ୍ଦୁଝର ଜିଲା କ୍ରୀଡ଼ା ସଂସ୍ଥାର ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହେବା ସହ ଏବେ ମଧ୍ୟ ଯୁଗ୍ମ ସମ୍ପାଦକ ଭାବେ କାର୍ଯ୍ୟରତ ଥିଲେ। ସାଧାରଣ ସମ୍ପାଦକ ଥିବା ଡ଼. ଜନାର୍ଦ୍ଦନ ଦାଶଙ୍କ ପରଲୋକ ପରେ ରବିବାର ଜିଲା କ୍ରୀଡା ସଂସ୍ଥାର କାର୍ଯ୍ୟନିର୍ବାହୀ ପରିଷଦ ବା କାଉନ୍‌ସିଲର ଏକ ଜରୁରୀ ବୈଠକ ଉପ ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସର୍ବବରିଷ୍ଠ ଯୁଗ୍ମ ସମ୍ପାଦକ ଭାବେ ସେ କାର୍ଯ୍ୟ ସମ୍ପାଦନ କରୁଥିବାରୁ ତାଙ୍କୁ ସାଧାରଣ ସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ଜିଲା କ୍ରୀଡା ସଂସ୍ଥାର ଆଗାମୀ ନିର୍ବାଚନ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ତେବେ ନିର୍ବାଚିତ କାଉନ୍‌ସିଲର ସମୟ ଅବଧି ଶେଷ ହୋଇଥିବାରୁ ଖୁବଶୀଘ୍ର ନିର୍ବାଚନ କରିବା ପାଇଁ ଏକ ପ୍ରତିନିଧିଦଳ ସୋମବାର ଜିଲାପାଳ ତଥା ସଂସ୍ଥାର ସଭାପତିଙ୍କୁ ଭେଟିବେ ବୋଲି ସଂଗ୍ରାମ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସଂଗ୍ରାମ ପଟ୍ଟନାୟକ ରାଜ୍ୟର ଜଣେ ପରିଚିତ କ୍ରିକେଟ ଅମ୍ପାୟାର ସହିତ ବିଭିନ୍ନ ଆନ୍ତର୍ଜାତୀୟ ଓ ଜାତୀୟସ୍ତରୀୟ ମ୍ୟାଚରେ ମ୍ୟାଚ ରେଫରୀ ଏବଂ ରଣଜି ଟ୍ରଫିରେ ଓଡିଶା ଦଳର ମ୍ୟାନେଜର ଭାବରେ ଦାୟିତ୍ୱ ସୂଚାରୁ ଭାବେ ସମ୍ପାଦନ କରିଛନ୍ତି। ତାଙ୍କ ନେତୃତ୍ୱରେ କେନ୍ଦୁଝର ଫ୍ରେଣ୍ଡସ କ୍ଲବ୍ ପକ୍ଷରୁ ମୀନକେତନ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଥିଲା। ନୂତନ ଦାୟିତ୍ୱ ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଢେଙ୍କା ପଞ୍ଚାୟତ ପକ୍ଷରୁ ରାଣୀଙ୍କୁ ସହାୟତା



ସରପଞ୍ଚ, ସମିତି ସଭ୍ୟା, ୱାର୍ଡ ସଭ୍ୟ ଫୁଲତୋଡ଼ା ଦେଇ ରାଣୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବଡଲା,୯।୧୧(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଢେଙ୍କା ପଞ୍ଚାୟତ ସଙ୍ଗମ ଗ୍ରାମର ଗରିବ ପରିବାର ଆଦିବାସୀ ଛାତ୍ରୀ ରାଣୀ ହେମ୍ବ୍ରମ୍ ଡାକ୍ତରୀ ଶିକ୍ଷା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବିଭିନ୍ନ ସଂଗଠନ, ବ୍ୟକ୍ତି ବିଶେଷ ଓ ସ୍ୱେଚ୍ଛାସେବୀ ତାଙ୍କୁ ସହଯୋଗର ହାତ ବଢ଼ାଉଛନ୍ତି। ରବିବାର ଢେଙ୍କା ପଞ୍ଚାୟତ ପକ୍ଷରୁ ସରପଞ୍ଚ ସୁବାସିନୀ ସେଠୀ, ସମିତି ସଭ୍ୟା ସୁକାନ୍ତି ବିଶ୍ୱାଳ, ୱାର୍ଡ ସଭ୍ୟ ନିରଞ୍ଜନ ମୁଦୁଲି, ସୁବାଷ ବିଶ୍ୱାଳ, ସନ୍ଦିପ ସେଠୀ ପ୍ରମୁଖ ରାଣୀ ହେମ୍ବ୍ରମଙ୍କ ବାସଭବନରେ ପହଞ୍ଚି ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ତାଙ୍କର ଶିକ୍ଷା ଗ୍ରହଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ରାଣୀ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ରାଣୀ ଶନିବାର ଫୁଲବାଣୀ ମେଡିକାଲ କଲେଜରେ ନାମ ଲେଖାଇଛନ୍ତି। ଏହି ସମୟରେ ଯେଶୋଦା ମା' ଫାଉଣ୍ଡେଶନର ନିବେଦିତା ଲେଙ୍କା ତାଙ୍କ ସହିତ ଉପସ୍ଥିତ ଥିଲେ।

## ରଘୁଆଳ ସାହି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ଅଂସେଇଁକଳା ଚାମ୍ପିୟନ




ଅତିଥିଙ୍କ ଗହଣରେ ୨ ଦଳର ଖେଳାଳି।

ଯୋଡ଼ା,୯।୧୧(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ କଣ୍ଡରା ପଞ୍ଚାୟତ ରଘୁଆଳସାହି ଫୁଟବଲ ପଡ଼ିଆରେ ନୀଳକଣ୍ଠେଶ୍ୱର ଯୁବକ ସଂଘ ପକ୍ଷରୁ ରବିବାର ୧୪ତମ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଖେଳରେ ସମୁଦାୟ ୩୨ ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ କଣ୍ଡରା ଫୁଟ୍‌ବଲ ଦଳକୁ ହରାଇ ଅଂସେଇଁକଳା ଦଳ ଚାମ୍ପିୟନ ହୋଇଛି। ମୁଖ୍ୟ ଅତିଥିଭାବରେ ଭାଜପା ଜିଲା ଉପ ସଭାପତି ଗଣେଶ୍ୱର ମହାନ୍ତ, ସମ୍ମାନିତ ଅତିଥିଭାବେ ୨୮ ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ ଡମ୍ବରୁଧର କୁଦାଦା, ଯୋଡ଼ା ବ୍ଲକ୍ ଏମ୍‌ପିଙ୍କ ପ୍ରତିନିଧି ଅଗନୁଚରଣ ମହାନ୍ତ, ମୁଖ୍ୟ ବକ୍ତାଭାବେ ବିଶ୍ୱ ହିନ୍ଦୁ ପରିଷଦ ଯୋଡ଼ା ଶାଖା ସଭାପତି ରଣଜିତ୍ ମହାକୁଡ଼, ଚମ୍ପୁଆ ବାର ଆସୋସିଏଶନ ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ଯୋଡ଼ା ପାତ୍ରତନ୍ତୀ ସମାଜ କାର୍ଯ୍ୟକାରୀ ସମ୍ପାଦକ ସଞ୍ଜୟ ପାତ୍ର, କଣ୍ଡରା ସମିତି ସଭ୍ୟ ସୋମନାଥ ମହାନ୍ତ, କଣ୍ଡରା ସରପଞ୍ଚ ପ୍ରତିନିଧି ସୁନିଲ ନାଏକ ପ୍ରମୁଖ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ପୁରସ୍କୃତ କରିଥିଲେ।

# କୋଣାର୍କର ପଞ୍ଚବଟ ମଧ୍ୟରୁ ଅର୍କବଟ ଥିଲା ସିଦ୍ଧିପ୍ରଦ

### ଶ୍ରୀପଦ୍ମକେଶର ମନ୍ଦିର ପାଇଁ ନିର୍ମାଣ ହୋଇଥିଲା ଆଦିତ୍ୟଙ୍କର ତିନୋଟି ବିଗ୍ରହ




ଡ. ସୁରେନ୍ଦ୍ର କୁମାର ମିଶ୍ର

ଗତ ସଂଖ୍ୟାରେ ବିଶ୍ୱ ମହାରଣାଙ୍କ ଗାଁ ନୂଆଗଡ଼ କଥା ଲେଖିଥିଲୁ। ନୂଆଗଡ଼ ଗାଁ ୧୬୨୬ରେ ହୋଇଥିବା ସୁନାମିରେ ମହୋଦଧିରେ ଲୀନ ହୋଇଯାଇଥିଲା। ଗଡ଼ ସହିତ ସାମିଲ ଥିଲା 'ଗୋ-ଧନପଡ଼ା'। ଆଶ୍ଚର୍ଯ୍ୟଜନକ ଭାବରେ ଏହି ପଡ଼ା ରହିଯାଇଥିଲା। ନୂଆଗଡ଼ର ଆରାଧ୍ୟା ଥିଲେ ଜାଗୁଳାଇ। ତାଙ୍କ ମନ୍ଦିରଟି ଦର୍ଶନୀବନ୍ତ ଯୋଗୁ ରକ୍ଷା ପାଇଯାଇଥିଲା। ଗଡ଼ ଓ ପଡ଼ାର ଅଧିବାସୀ ମିଳିତ ଭାବରେ ଦେବୀଙ୍କୁ ଉପାସନା କରୁଥିଲେ। ନୂଆଗଡ଼ରେ କିଛି ବାଲିବନ୍ତ ସୃଷ୍ଟି ହୋଇଥିଲା ସୁନାମି ସମୟରେ। ଆଶା କରାଯାଇପାରେ ଏହି ବନ୍ତ ତଳେ ଗଡ଼ର ସ୍ମୃତି ଏବଂ ଐତିହ୍ୟ ସ୍ମାରକୀ କିଛି ରହିଥାଇପାରେ। ଜାଗୁଳାଇ ଏକ ଅପଭ୍ରଂଶ ନାମ। ଯକ୍ଷରୁ ଉଦ୍ଭବ ଦେବୀ ଯକ୍ଷର ଈଶ୍ୱରୀ। ମନେହୁଏ ଗାଁଟି ବହୁ ପ୍ରାଚୀନ। ସେହି ପ୍ରାଚୀନ ଗାଁରେ ବିଶ୍ୱ ମହାରଣା ଜନ୍ମ ନେଇଥିଲେ। ବିଶ୍ୱ ମହାରଣାଙ୍କ ପ୍ରସଙ୍ଗ ପୂର୍ବ ସଂଖ୍ୟାରେ ଆମେ ଦେଇଥିଲୁ। ଧର୍ମପଦ ଥିଲେ ସଦାଶିବ ସାମନ୍ତରାୟ ମହାପାତ୍ରଙ୍କ ପୁତ୍ର। ବିଶ୍ୱ ମହାରଣାଙ୍କ ପୁତ୍ର ବୋଲି ଜାଣିଶୁଣି ଭ୍ରମାତ୍ମକ ଧାରଣା ପ୍ରଚାର କରାଯାଇଥିଲା। ପୂର୍ବରୁ ଶିଳ୍ପୀ ନାୟକ ଗଦାଧରଙ୍କ ଅବଦାନ ପ୍ରସଙ୍ଗ ଅବତାରଣା କରିବାର ଅଭିପ୍ରାୟ ସ୍ପଷ୍ଟ। ତାଙ୍କର କାର୍ଯ୍ୟ ତାଲିକା ଆମେ ପ୍ରସ୍ତୁତ କରିଛୁ। ପଚାଶରୁ ଊର୍ଦ୍ଧ୍ୱ କାର୍ଯ୍ୟ ସେ ନିର୍ବାହ କରିଛନ୍ତି। ଆମେ ଉଦାହରଣ ଦେଲୁ ଜଣଙ୍କର ଅବଦାନ, କିନ୍ତୁ ଅନ୍ୟମାନଙ୍କର ନାମ ଓ କାର୍ଯ୍ୟର ତାଲିକା ପ୍ରସ୍ତୁତ କରିଛୁ, ଯାହା 'ପରିଶିଷ୍ଟ' ଶୀର୍ଷକରେ ପାଠକଙ୍କ ଅବଗତି ପାଇଁ ଦେବୁ।

ପ୍ରଶ୍ନ ହୋଇପାରେ କାହିଁକି ଦେବେ! ଏଇଥିପାଇଁ ଦେଉଛୁ ଅତୀତରେ କୋଣାର୍କଠାରେ ନିର୍ମାଣ ହୋଇଥିବା ମନ୍ଦିରର ଇତିହାସରୁ ଓଡ଼ିଆଙ୍କୁ ଦୂରେଇ ଦିଆଯିବାର ପ୍ରବଳ ପ୍ରଚେଷ୍ଟା ହୋଇଛି। ଗୌରବମୟ ଭାବାବେଗରୁ ଉଦାସ ଭାବାବେଗ ଆଡ଼କୁ ରାସ୍ତା ଦେଖେଇ ଦିଆଯାଇଛି। ପ୍ରଭାବ ସ୍ୱାଭାବିକ। କିଛି ମାତ୍ରାରେ କେତେକ ଆନମନା ହୋଇଛନ୍ତି। ଏବେ ବି ସାମାଜିକ ଗଣମାଧ୍ୟମରେ ଯୁବକମାନଙ୍କ ଯୁକ୍ତି ଆମକୁ ଛୁଇଁଛି। ଯୁକ୍ତି ହେଲା- ବୌଦ୍ଧସ୍ତୂପ ଭାଙ୍ଗି ଲାଙ୍ଗୁଳା ନରସିଂହଦେବ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ କରିଛନ୍ତି! ବାହାରିଆ ଲେଖକଙ୍କୁ ସେ ପଢ଼ିଛନ୍ତି। ତେଣୁ କହିବା ସ୍ୱାଭାବିକ।



ଅଶ୍ୱ ଉପରେ ବସିଥିବା ଶ୍ରୀ ଆଦିତ୍ୟ। ଅର୍ଦ୍ଧଭଗ୍ନ। (ଫଟୋ: କୁମାର ଅରଜ୍ୟୋତି, କୋଣାର୍କ)

ପୂର୍ବରୁ ପ୍ରମାଣିତ କରିଛୁ ଗଜପତି ଲାଙ୍ଗୁଳା ନରସିଂହ ଦେବ ନିର୍ମାଣ କରିଥିବା ମନ୍ଦିର ଶ୍ରୀସୂର୍ଯ୍ୟଙ୍କର ତୃତୀୟ ମନ୍ଦିର। ପ୍ରଥମ ମନ୍ଦିର ନିର୍ମାଣ ପୂର୍ବରୁ କୋଣାଦିତ୍ୟ କ୍ଷେତ୍ର ଅଖଣ୍ଡ ଭାରତବର୍ଷରେ ମହାନ୍ ତୀର୍ଥ ରୂପେ ପ୍ରସିଦ୍ଧ ଥିଲା। ଦ୍ୱିତୀୟ ମନ୍ଦିରରେ ଶ୍ରୀମହାଭାସ୍କରଙ୍କ ଯେଉଁ ମୂର୍ତ୍ତି ପୂଜା ପାଉଥିଲା- ତାହା ଥିଲା ଦୁଇ ହାତ ଆଠ ଆଙ୍ଗୁଳ। ସେ ବିଗ୍ରହ ଜୀର୍ଣ୍ଣଶୀର୍ଣ୍ଣ ହୋଇଯାଇଥିଲା। ନୂତନ ବିଗ୍ରହ ବାସ୍ତୁଶାସ୍ତ୍ର ଅନୁଯାୟୀ ୫ ହାତ ୪ ଆଙ୍ଗୁଳ ହୋଇଥିଲା। ସନାତନ ପରମ୍ପରା ଅନୁଯାୟୀ ଜୀର୍ଣ୍ଣଶୀର୍ଣ୍ଣ ପୁରାତନ ବିଗ୍ରହଙ୍କୁ ମହୋଦଧିରେ ବିସର୍ଜନ କରାଯାଇଥିଲା। ପଣ୍ଡିତ ନାରାୟଣ ମହାପାତ୍ର ବିସର୍ଜନ ଜନିତ ଅନୁଷ୍ଠାନ କରି ଦୁଇମାଢ଼ ସୁନା ଦକ୍ଷିଣା ସ୍ୱରୂପ ଦେଇଥିଲେ। ବୌଦ୍ଧସ୍ତୂପ ଥିଲା, ପୁରାତନ ବିଗ୍ରହ କେଉଁଠୁ ଆସିଲା।

ନୂତନ ମନ୍ଦିରରେ ଆଦିତ୍ୟଙ୍କର ତିନୋଟି ବିଗ୍ରହ ପ୍ରତିଷ୍ଠା ହୋଇଥିଲା। ସେତିକିବେଳେ ଗଙ୍ଗା ଓ ଯମୁନାଙ୍କର ଦୁଇଟି ବିଗ୍ରହ ହୋଇଥିଲା। ଏହି ଦୁଇ ବିଗ୍ରହଙ୍କୁ ମହାଗାୟତ୍ରୀଙ୍କ ମନ୍ଦିରର ସାମନା ଖମ୍ବରେ ସ୍ଥାନିତ କରାଯାଇଥିଲା। କେବଳ ସେତିକି ନୁହେଁ, ମନ୍ଦିରର ତିନି ପାର୍ଶ୍ୱରେ ପାର୍ଶ୍ୱଦେବତାଙ୍କ ନ୍ୟାସ ସେହି ସମୟରେ ହୋଇଥିଲା। ପ୍ରତ୍ୟେକ ଆନୁଷ୍ଠାନିକ କାମ ପାଇଁ ଅଲଗା ଅଲଗା ବ୍ରାହ୍ମଣ ଆଚାର୍ଯ୍ୟ ବରଣ ହୋଇଥିଲେ। ସମସ୍ତେ ବିଭିନ୍ନ ବ୍ରାହ୍ମଣ ଗ୍ରାମର ମହାଜନ ଥିଲେ। ନାରାୟଣ ମହାରଣା 'ଶ୍ୱେତ ବିରଞ୍ଚି' ବିଗ୍ରହ ନିର୍ମାଣ କରିଥିଲେ। ତାହା ମନ୍ଦିର କାନ୍ଥରେ ସ୍ଥାନିତ ହୋଇଥିଲା। ପ୍ରତିଷ୍ଠା କାର୍ଯ୍ୟର ପ୍ରଧାନ ପରିଚାଳକ ଥିଲେ ଭୁବନେଶ୍ୱର ରାଜଗୁରୁ। ଗଜପତିଙ୍କ ନିର୍ଦ୍ଦେଶରେ ତାଙ୍କୁ ଭୂସମ୍ପତ୍ତି ଦାନ କରାଯିବା ସହିତ ଏକ 'କନକାସନ' ଦାନ କରାଯାଇଥିଲା।

ପୂର୍ବରୁ ଥରେ ଆମେ ଲେଖିଥିଲୁ ଶ୍ରୀକ୍ଷେତ୍ରରେ 'ସପ୍ତବଟ' ଯେପରି ପ୍ରସିଦ୍ଧ, କୋଣାର୍କରେ 'ପଞ୍ଚବଟ' ସେହିପରି ପ୍ରସିଦ୍ଧ ଥିଲା। ପାଞ୍ଚୋଟିଯାକ ବଟବୃକ୍ଷ ଶ୍ରୀସୂର୍ଯ୍ୟଙ୍କର ଉପାସନା ସହିତ ଯେପରି ଜଡ଼ିତ, ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ସହିତ ସେହିପରି ସବୁଠାରୁ ସିଦ୍ଧିପ୍ରଦ ବଟବୃକ୍ଷ ଥିଲେ ଅର୍କବଟ। ଅର୍କବଟ ତଳେ ଆଚାର୍ଯ୍ୟମାନେ ଲକ୍ଷେ କୋଡ଼ିଏ ହଜାର ସୂର୍ଯ୍ୟମନ୍ତ୍ର ଜପ କରିଥିଲେ। ଏହା ସାମାନ୍ୟ କଥା ନୁହେଁ। ବାତାବରଣ ସନ୍ତୁଳନ ରଖିବା ପାଇଁ ବଟବୃକ୍ଷର ତ ଦକ୍ଷତା ଥିଲା, ଏବେ ଅଛି। ଦକ୍ଷତା ସହିତ ମନ୍ତ୍ରର ଅନୁରଣନ ମିଶିବା ପରେ ସମ୍ପୃକ୍ତ ମାନବବୋଧର ମାନସିକତା ଗୋଟିଏ ବିନ୍ଦୁରେ ମିଳିତ ହୋଇଥିବ। କିଛି ବୁଝୁ ନ ଥିବା ମନଟିଏ ମଧ୍ୟ ସେହି ବିନ୍ଦୁର ନିକଟତର ହୋଇଥିବ। ଏହା ହିଁ ଯଜ୍ଞ ଅନୁଷ୍ଠାନର 'ଅଧିବାସ' ଅବସ୍ଥା।

ବର୍ଣ୍ଣନା ମିଳୁଛି ମନ୍ଦିର ପରିସରରେ ଏହି ବଟବୃକ୍ଷ ଥିଲା, ଠିକ୍ ଶ୍ରୀମନ୍ଦିରରେ କଳ୍ପବଟ ପରି। ଏବେ ଅର୍କବଟ ଅଛନ୍ତି। ଏକାଧିକ ମଧ୍ୟରୁ କେଉଁଟି 'ଅର୍କବଟ', ଆମେ ଚିହ୍ନଟ କରିଛେ ଓ ଯାହା ମୂଳରେ ବସି ଘଡ଼ିଏ ଗୁରୁମନ୍ତ୍ର ଜପ କଲେ ମୁକ୍ତିର ମାର୍ଗ ଖୋଲିଯିବ! କରିପାରିନେ ଆମେ। ଯାହାକୁ ପଚାରିବେ- ସେ କହିବେ... ହେ... ସେଇଟା ହୋଇଥିବ। ବାହାରିଆ ଲେଖକ ଏହାକୁ ଭେଦ କରିପାରି ନ ଥିଲେ, ନ ହେଲେ ଲେଖିଥାନ୍ତେ- ବାହାର ସାମ୍ରାଜ୍ୟର ଲୋକେ ପରା ଏହି ବଟବୃକ୍ଷ ଲଗେଇଥିଲେ। ଓଡ଼ିଆ ତ ଖାଇବାକୁ ପାଉ ନ ଥିଲେ, ଗଛ ଲଗେଇବେ କ'ଣ ?

ଜଳାବନ୍ଧୁ ସେବା ପାଇଁ ସାତଜଣ ଆଚାର୍ଯ୍ୟ 'ସୂର୍ଯ୍ୟ ଗଙ୍ଗା' ତୀର୍ଥରୁ ଜଳ ଆଣିଥିଲେ, ତାହା ପ୍ରଥମେ ଅର୍କବଟ ତଳେ ରହିଥିଲା। ଶ୍ରୀରୁଦ୍ର ପୂଜା ସ୍ଥାନକୁ ଆସିବାବେଳେ ଶୁକ୍ଳ ଯଜୁର୍ବେଦର ଅଷ୍ଟାଧ୍ୟାୟୀ ପାଠ ହୋଇଥିଲା ଅର୍କବଟ ତଳେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ................................


ଅର୍ଣ୍ଣବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବାଲି ଚାଲାଣକୁ ନେଇ ପୋଲିସ-ଗ୍ରାମବାସୀ ମୁହାଁମୁହିଁ

**ମୋରଡ଼ା,୯।୧୧(ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ଠେଙ୍ଗାଡାଣ୍ଡି ଗ୍ରାମରେ ରବିବାର ବାଲି ଚାଲାଣକୁ ନେଇ ପୋଲିସ-ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ସୂଚନା ଅନୁଯାୟୀ, ପୂର୍ବାହ୍ନ ୯ଟା ସମୟରେ ଜମ୍ବୀରା ନଦୀର ଠେଙ୍ଗାଡାଣ୍ଡି ଘାଟରେ ବେଆଇନ ବାଲି ଚାଲାଣ ହେଉଥିବା ଖବରପାଇ ମୋରଡ଼ା ଥାନା ଅଧିକାରୀ ସୁମିତ କୁମାର ସୋରେନ ଏବଂ ଚିତ୍ରଡ଼ା ଫାଣ୍ଡି ଅଧିକାରୀ ଭୀମସେନ ମଲ୍ଲିକ ପୋଲିସ ଫୋର୍ସ ସହ ଚଢ଼ାଉ କରି ଏକ ଟ୍ରାକ୍ଟର ଜବତ କରିଥିଲେ। ଜବତ ଟ୍ରାକ୍ଟର ଥାନାକୁ ଆଣିବା ସମୟରେ ଠେଙ୍ଗାଡାଣ୍ଡି ଗ୍ରାମର ଗ୍ରାମବାସୀ ଅଟକାଇ ଥିଲେ। ଏହାପରେ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଗ୍ରାମବାସୀ ୧ ଘଣ୍ଟା ସମୟ ଧରି ପୋଲିସକୁ ଅଟକ ରଖିଥିଲେ। ପରେ ଥାନା ଅଧିକାରୀ ସୋରେନ ବେତନଟୀ ପୋଲିସ ଫୋର୍ସକୁ ଡକାଇ ଟ୍ରାକ୍ଟରକୁ ମୋରଡ଼ା ଥାନାକୁ ଆଣିଥିଲେ। ଏହି ଘଟଣାରେ ଟ୍ରାକ୍ଟର ମାଲିକ କୁଆଁର ମୁର୍ମୁଙ୍କୁ ପୋଲିସ ଅଟକ ରଖିଛି। ଏନେଇ ଥାନା ଅଧିକାରୀ ସୋରେନଙ୍କୁ ପଚାରିବାରୁ ଉକ୍ତ ଘାଟରେ ବେଆଇନ ଭାବେ ବାଲି ଚାଲାଣ ହେଉଛି। ସେଠାରେ ଗ୍ରାମବାସୀ ନୁହେଁ କେବଳ ଟ୍ରାକ୍ଟର ମାଲିକଙ୍କ ପରିବାର ଲୋକେ ଉତ୍ତେଜନା ସୃଷ୍ଟି କରିଥିଲେ ବୋଲି କହିଛନ୍ତି।


ପୋଲିସ-ଗ୍ରାମବାସୀଙ୍କ ମଧ୍ୟରେ ଯୁକ୍ତିତର୍କ ଚାଲିଛି।

# ଏସ୍ଏସ୍ ଫାଇଟର, ଜସସି ଫାଇଟର ବିଜୟୀ



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

## ବୈରାଟପୁର ପ୍ରିମିୟର ଲିଗ୍ କ୍ରିକେଟ

**ଉଦଳା, ୯।୧୧(ସନ୍ତୋଷ କୁମାର ବାଛିନି)**

ଉଦଳା ବ୍ଲକର ବୈରାଟପୁର ଖେଳପଡ଼ିଆରେ ଚାଲିଥିବା ବୈରାଟପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଥିଲା ୫ମ ଦିନ ମ୍ୟାଚ୍। ପ୍ରଥମେ ଦୁର୍ଗା ଫାଇଟର ଏବଂ ଏସ୍ଏସ୍ ଫାଇଟର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏସ୍ଏସ୍ ଫାଇଟର ପକ୍ଷରୁ ଦୀପକ ବେହେରା ୪୫ ବଲ୍‌ରେ ୯୦ ରନ୍ କରି ଟିମ୍‌କୁ ଜିତାଇବାରେ ସହଯୋଗ କରିଥିଲେ। ଏସ୍ଏସ୍ ଫାଇଟର ଟିମ୍‌ର ଦୀପକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ଏଲିଟ ଇଲେଭେନକୁ ଭେଟିଥିଲା ଜସସି ଫାଇଟର। ଏଲିଟ ଇଲେଭେନ ଟସ୍ ଜିତି ଜସସି ଫାଇଟରକୁ ବ୍ୟାଟିଂର ଆହ୍ୱାନ ଦେଇଥିଲା। ଜସସି ଫାଇଟର ୧୫ ଓଭରରେ ୧୩୬ ରନ୍ କରିଥିବା ବେଳେ ଏଲିଟ ଇଲେଭେନ ୧୫ ଓଭରରେ ୧୨୦ ରନ୍ କରି ମ୍ୟାଚ୍ ହାରିଯାଇଥିଲା। ଜସସି ଫାଇଟର ପକ୍ଷରୁ ରତିକାନ୍ତ ନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କୃତ ହୋଇଥିଲେ। ମୁଖ୍ୟଅତିଥି ଭାବେ ଉପଖଣ୍ଡ ପୋଲିସ ଅଧିକାରୀ ହୃଷୀକେଶ ନାୟକ ଏବଂ ଯୁବନେତା କାହ୍ନୁ ଚରଣ ଖଣ୍ଡେଇ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ହୃଦୟ ରଞ୍ଜନ ବେହେରା ଓ ହେମନ୍ତ ବେହେରା ପରିଚାଳନା କରିଥିଲେ। ବିପିଏଲ୍‌ର ଉପଦେଷ୍ଟା ଦୀପକ ମିଶ୍ର, ସ୍ୱରୂପ ମହାପାତ୍ର, ମୁକେଶ ରଣା, ସପ୍ନେଶର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ସୁରଭିକୁ ୨ ଦିବ୍ୟାଙ୍ଗ ଛାତ୍ର ମନୋନୀତ

**ବାରିପଦା,୯।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲାସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମରେ ୨ ଦିବ୍ୟାଙ୍ଗ ଛାତ୍ର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ମନୋନୀତ ହୋଇଛନ୍ତି। ସଙ୍ଗିତରେ ଦାମୋଦରପୁର କ୍ଲଷ୍ଟରର ବିର୍ସା ମୁଣ୍ଡା ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ପବିତ୍ର କୁମାର ମୁର୍ମୁ ଏବଂ ବାଙ୍କୀଶୋଳ କ୍ଲଷ୍ଟର ବାକ ଓ ଶ୍ରବଣ ବାଧିତଙ୍କ ସ୍ୱତନ୍ତ୍ର ବିଦ୍ୟାଳୟ ଲକ୍ଷ୍ମୀପୋଷିର ୯ମ ଶ୍ରେଣୀ ଛାତ୍ର ଆକାଶ ଟୁଡୁ ଚିତ୍ରାଙ୍କନରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଦୁହେଁ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ। ଦାମଦୋରପୁର ସିଆରସିସି ଧନପତି ମିଶ୍ର, ବାଙ୍କିଶୋଳ ସିଆରସିସି ରାଜକିଶୋର ସେଠୀ, ବିର୍ଷାମୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତି ରାଣୀ ମୁର୍ମୁ, ଶିକ୍ଷକ ପ୍ରଭାତ ସାହୁ, ବାକ ଓ ଶ୍ରବଣ ବାଧିତ ପିଲାଙ୍କ ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ମନବୋଧ ମହାନ୍ତ, ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ଦାସ, ସମନ୍ୱିତ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ, ବାରିପଦା ବ୍ଲକ୍‌ର ବିଆରଟି ଦିଲ୍ଲୀପ କୁମାର ଦାସ ୨ କୃତୀ ଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ରାଜ୍ୟସ୍ତରରେ ସଫଳତା କାମନା କରିଛନ୍ତି।

# ୧୫୭ ୟୁନିଟ ରକ୍ତ ସଂଗ୍ରହ


ଅତିଥି ରକ୍ତଦାନ ଶିବିର ଉଦ୍‌ଘାଟନ କରୁଛନ୍ତି।

## ଭଞ୍ଜସେନା ପକ୍ଷରୁ ରକ୍ତଦାନ ଶିବିର

**ବାରିପଦା,୯।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ ପୂରଣ କରିବା ନେଇ ଭଞ୍ଜସେନା ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ରବିବାର ହୋଇଥିବା ଶିବିରରେ ମୋଟ ୧୫୭ ୟୁନିଟ ରକ୍ତ ସଂଗୃହୀତ ହୋଇଛି।

ବାରିପଦା ପିଆର୍‌ଏମ୍ ଓ ଉଦଳା ହସ୍ପିଟାଲରେ ପ୍ରତ୍ୟେକ ଦିନ ରୋଗୀଙ୍କୁ ଆବଶ୍ୟକ ଅନୁଯାୟୀ ତତ୍‌କ୍ଷଣାତ ସଂଗଠନ ପକ୍ଷରୁ ରକ୍ତଦାନ କରାଯାଇଥାଏ। ଏପରିକି ରାଇରଙ୍ଗପୁର ଏବଂ କରଞ୍ଜିଆ ହସ୍ପିଟାଲରେ ମଧ୍ୟ ବେଳେ ବେଳେ ରୋଗୀଙ୍କୁ ରକ୍ତଦାନ କରାଯାଇଥାଏ। ଏମିତିକି ପ୍ରତ୍ୟେକ ଦିନ ଭଞ୍ଜସେନା ରକ୍ତ ଭଣ୍ଡାର ଶାଖା ତରଫରୁ ରକ୍ତ ଅଭାବରୁ କେହି ନ ମରନ୍ତୁ ଲକ୍ଷ୍ୟ ନେଇ ସଂଗଠନ ପକ୍ଷରୁ ଜିଲାରେ ୨୫ରୁ ୩୦ଜଣ ରୋଗୀଙ୍କୁ ରକ୍ତଦାନ କରାଯାଇଥାଏ। ଅୟୋଜିତ ଶିବିରକୁ ବାରିପଦା ଉପଜିଲାପାଳ ଦୟାସିନ୍ଧୁ ପରିଡ଼ା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ଉଦ୍‌ଘାଟନ କରିଥିଲେ। ସାମାଜିକ କର୍ମୀ ଅମରସେଠୀ ମଧ୍ୟ ସାମିଲ ଥିଲେ। କାର୍ଯ୍ୟକ୍ରମରେ ସଂଗଠନରୁ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଶୃଙ୍ଖଳାଗତ କମିଟି ଅଧ୍ୟକ୍ଷ ସତ୍ୟ ସ୍ୱରୂପ ଦାଶ, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ଜିତେନ୍ଦ୍ର ହେମ୍ବ୍ରମ, କନିକା ବୋଷ,ଦକ୍ଷିଣା ମହାନ୍ତ, ଜିଲା ସଭାପତି ପିଣ୍ଟୁ ମାଇତି, ଜିଲା ଆବାହକ ରାକେଶ ବେହେରା, ଜିଲା ସୋସିଆଲ ମିଡିଆ ସଂଯୋଜକ ସନ୍ତୋଷ ଗିରି, ବାମନଘାଟି ଉପଖଣ୍ଡ ସଭାପତି ସୁନ୍ଦର ମୋହନ ଟୁଡୁ, ଜିଲା କାର୍ଯ୍ୟକାରୀ ସଭାପତି ରବିନ ମହାନ୍ତି, କପ୍ତିପଦା ଉପଖଣ୍ଡ ସଭାପତି ସିପୁନ ପଣ୍ଡା, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି, ଉପସଭାପତି ଏସ.କେ ଫିରୋଜ, ମନୋରଞ୍ଜନ ବାରିକ, ସଞ୍ଜୟ ମହାନ୍ତ, ସଞ୍ଜୟ ମାହାନ୍ତା, ସୁନିଲ ମହାପାତ୍ର, ପ୍ରଦୀପ ପଣ୍ଡା, ଗୌରାଙ୍ଗ ଘଡେଇ, ପଙ୍କଜ କରନ, ଦୀପକ କୁମାର୍ ବେହେରା, ରୁଦ୍ର ପଟ୍ଟନାୟକ, ପଙ୍କଜ ପରିଡା, ଦିବ୍ୟରଞ୍ଜନ ଦାସ, ମନୋଜ ମହାନ୍ତି, ଜିତୁ ସିଂ, ଶୁଭମ ସିଂ, ସନାତନ ସାହୁ, ସିଂରାୟ ହେମ୍ବ୍ରମ, ସୁମିତ ମହାନ୍ତ, ମୁକ୍ତିଦତ୍ତ ପରିଡ଼ା, ପ୍ରଶାନ୍ତ ମହାକୁଡ, ଦୀପେଶ ଅଗ୍ରୱାଲଙ୍କ ସହିତ ବହୁ ରକ୍ତଦାତା ଓ ଯୁବଛାତ୍ର ଉପସ୍ଥିତ ଥିଲେ। ଆଗାମୀ ଦିନରେ ସଂଗଠନ ପକ୍ଷରୁ ରକ୍ତର ଅଭାବକୁ ଦୂର କରିବା ପାଇଁ ବିଭିନ୍ନ ବ୍ଲକ୍‌ରେ ରକ୍ତଦାନ କରାଯିବ ବୋଲି ଜିଲ୍ଲା ସଭାପତି ପିଣ୍ଟୁ ମାଇତି ସୂଚନା ଦେଇଛନ୍ତି।

# ରାଷ୍ଟ୍ରୀୟ ଆଇନ ସେବା ଦିବସ



ଆଇନ ସେବା ଦିବସ ପାଳନ ଅବସରରେ ବାହାରିଥିବା ଶୋଭାଯାତ୍ରା।


**ବାରିପଦା,୯।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ରବିବାର ବାରିପଦା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଆଇନ ସେବା ଦିବସ ପାଳିତ ହୋଇଛି। ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଓ ଦୌରା ଜଜ୍ ସୁଦୀପ୍ତ ଆଚାର୍ଯ୍ୟଙ୍କ ପୌରହିତ୍ୟରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ରାଲିକୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିବା ସହ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ସଚେତନତା ପଦଯାତ୍ରା ଜିଲା କୋର୍ଟ, ପୋଲିସ ଲାଇନ ଓ ଭଞ୍ଜପୁର ହେଇ ମହାବିଦ୍ୟାଳୟ ପହଞ୍ଚିଥିଲା। ପରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଆଇନସେବା ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଆଇନ ସେବା ପ୍ରାଧିକରଣର ମହତ୍ତ୍ୱ, କାର୍ଯ୍ୟ ପ୍ରଣାଳୀ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସେବା ସମ୍ବନ୍ଧରେ ସଚେତନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରବୋଧ ଦେ ମୁଖ୍ୟ ବକ୍ତାଭାବରେ ଯୋଗଦେଇ ପିଲାଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ। ଅଧିକାର ମିତ୍ର ରବୀନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟ ଓ ଆଇନ ସେବା ପ୍ରାଧିକରଣର କର୍ମଚାରୀ ସହଯୋଗ କରିଥିଲେ।

# ନକଲି ବିଦେଶୀ ମଦ ଜବତ, ୨ ଗିରଫ

**ବେତନଟୀ,୯।୧୧(ଧରଣୀଧର ମହାନ୍ତି)**

ବେତନଟୀ ଅବକାରୀ ପୋଲିସ ରବିବାର ସକାଳେ ନକଲି ବିଦେଶୀ ମଦ, ସ୍ପିରିଟ, ବାଇକ ଓ ମୋବାଇଲ ଜବତ କରିଛି। ବେଆଇନ ନିଶା କାରବାରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରି ତଦନ୍ତ କରୁଛି। ଗିରଫ ଅଭିଯୁକ୍ତ ରୁପ୍‌ସା ଅଞ୍ଚଳର ସମେଶ୍ୱର ରାଉତ ଓ ବେତନଟୀ ଅଞ୍ଚଳର ଜଣେ ମଦ ବ୍ୟବସାୟୀ ଥିବା ବେଳେ ତାଙ୍କ ନାମ ମିଳିପାରିନାହିଁ। ସୂଚନା ଅନୁସାରେ, ବାଲେଶ୍ୱର ଜିଲା ରୁପ୍‌ସା ଅଞ୍ଚଳରୁ ବେତନଟୀକୁ ବେଆଇନ ଭାବେ ନକଲି ବିଦେଶୀ ମଦ ଚାଲାଣ ହେଉଥିଲା। ବିଶେଷ ସୂତ୍ରରୁ ଖବର ପାଇ ମୟୂରଭଞ୍ଜ ଜିଲା ଅବକାରୀ ସୁପେରିଣ୍ଟେଣ୍ଡେଣ୍ଟ ପ୍ରଶାନ୍ତ କୁଅଁରଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଅବକାରୀ ଇନ୍ସପେକ୍ଟର ପ୍ରଦୀପ ବେହେରାଙ୍କ ନେତୃତ୍ୱରେ ଫାୟାର ଷ୍ଟେଶନ ନିକଟରେ ଚଢ଼ାଉ କରାଯାଇଥିଲା। ସମେଶ୍ୱରଙ୍କ ନିକଟରୁ ସିଲ୍ ନ ଥିବା ୪୫ ଲିଟର ନକଲି ବିଦେଶୀ ମଦ, ୨୦ଲିଟର ସ୍ପିରିଟ, ଏକ ବାଇକ ଓ ମୋବାଇଲ ଜବତ କରିଛି। ଯାଞ୍ଚ ବେଳେ ବେତନଟୀ ଅଞ୍ଚଳର ଜଣେ ମଦ ବ୍ୟବସାୟୀଙ୍କୁ ମଧ୍ୟ ପୋଲିସ ଗିରଫ କରିବା ସହ ତାଙ୍କ ନିକଟରୁ ବହୁ ବିଦେଶୀ ମଦ ଜବତ କରିଛି। ନକଲି ବିଦେଶୀ ମଦ ବେତନଟୀର କେଉଁ କେଉଁ ସ୍ଥାନକୁ ଚାଲାଣ ହେଉଛି, ସେ ନେଇ ଅଧିକ ତଦନ୍ତ ଜାରି ରହିଛି।


Classified Everyday
0674-2580101, 9692975378


REAL ESTATE
SALE

**Khordha Municipality** ଏରିଆରେ ୨ଏକର ଜାଗା ପିଚୁ ରାସ୍ତାକୁ ଲାଗି ବିକ୍ରିହେବ। ଧ-୦୮

**Apartment sale near Sum Hospital, Bhubaneswar @4500/- Sqft. - 9777433701.** D-09

Bhubaneswar Gothapatna 100ft ମେନ୍‌ରୋଡକୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952. D- 07

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ- 9776974912. D- 10

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834. D-06

AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated- 30.10.2025, I, Arti Reddy, Resident of L/P-542, Prasanti Bihar, P.O.- KIIT, P.S.- Infocity, Bhubaneswar, Dist.- Khordha, PIN- 751024, Odisha declare that I have changed my name from Arati Reddy to Arti Reddy. Henceforth, I shall be known as ARTI REDDY for all purposes.
Arti Reddy
D-11

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before Executive Magistrate, kanika, Dated- 07.11.2025, I, Subesh Chandra Dash, At- Charapara, P.O.- Kandiahat,P.S.-Rajkanika, Dist.- Kendrapara, PIN-755016, Odisha declare that I have changed my name from Subhesha Dash to Subesh Chandra Dash. Henceforth, I shall be knwon as Subesh Chandra Dash for all purposes.
Subesh Chandra Dash
D-2531

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


**ସ୍ୱର୍ଗତ ଇଂ.ଶଚ୍ଚିନନ୍ଦନ ଦାସ**
ଜନ୍ମସ୍ଥାନ- ଦଇତା ପଡ଼ା ସାହି, ପୁରୀ
ବାସସ୍ଥାନ- ଗୋଲାପଲ୍ଲୀ ସାହି, ବ୍ରହ୍ମପୁର
ଆବିର୍ଭାବ- ୩୧.୦୭.୧୯୩୫
ତିରୋଧାନ- ୨୧.୧୧.୨୦୦୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ। ଏହା ହିଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ-
ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀ।
ଧ-୨୫୨୬

**ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**

**ଦିବ୍ୟନାରାୟଣ ବାବୁ**
(ବରିଷ୍ଠ କଂଗ୍ରେସ ନେତା)
ବିନାଖଣ୍ଡି, ଜିଲ୍ଲା- ସମ୍ବଲପୁର
ଆବିର୍ଭାବ- ୦୫.୧୨.୧୯୩୭
ତିରୋଧାନ- ୦୯.୧୧.୨୦୧୫
ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଦୟାଭାବ ଆମର ଚିର ପାଥେୟ ହେଉ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମାଁ ସମଲେଇଙ୍କଠାରେ ପ୍ରାର୍ଥନା କରୁଛୁ।
-ଶୋକସନ୍ତପ୍ତ-
ସ୍ତ୍ରୀ- ସଂଯୁକ୍ତା ବାବୁ, ପୁଅ- ସୌମିକ
ଧ-୨୫୨୭

**ଦ୍ୱାଦଶାହ ଉପଲକ୍ଷେ**

**ସ୍ୱର୍ଗତ କରୁଣାକର କର**
ଦୁମୁକାହାଟ, ଡେରାବିଶ, କେନ୍ଦ୍ରାପଡ଼ା
ଆବିର୍ଭାବ- ୦୩।୦୨।୧୯୬୦
ତିରୋଧାନ-୩୦।୧୦।୨୦୨୫
ତୁମର ପାର୍ଥିବ ଅନୁପସ୍ଥିତି ଆମ ଜୀବନରେ ଯେଉଁ ଶୂନ୍ୟତା ଭରିଦେଇଛି ତାହା ଅପୂରଣୀୟ। ତୁମ ସ୍ମୃତି ଆମ ହୃଦୟରେ ସଦା ବିଦ୍ୟମାନ। ତୁମ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ମହାପ୍ରଭୁ ଶ୍ରୀବଳଦେବଜୀଉ ଓ ଶ୍ରୀଦଧିବାମନଜୀଉଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର ବିଭୂତି ଭୂଷଣ କର, ମାନସରଞ୍ଜନ କର, ଦୁଇ ବୋହୂ, ନାତି ନାତୁଣୀ ଓ ବନ୍ଧୁ ପରିବାରବର୍ଗ।
ଧ-୨୫୨୫

**ତୁମ ସ୍ମୃତିରେ**

**✓ ନିରଞ୍ଜନ ମିଶ୍ର**
ଆବିର୍ଭାବ- ୨୭.୦୮.୧୯୩୩
ତିରୋଧାନ- ୧୦.୧୧.୨୦୧୯
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ଧର୍ମପତ୍ନୀ (ସୁରମା) ଓ ଆତ୍ମୀୟସ୍ୱଜନ
ଧ-୨୫୨୮

# ବିଭିନ୍ନ ପ୍ରକାର କ୍ଷୀର ଓ ଦୀର୍ଘାୟୁ ଜୀବନ



ଡା. ବସନ୍ତ କୁମାର ଷଡ଼ଙ୍ଗୀ

''ମା' କ୍ଷୀରରେ ଜଳୀୟ ଅଂଶ, ଶ୍ୱେତସାର, ସ୍ନେହସାର, ପୁଷ୍ଟିସାର, ଜୀବସାର, ଧାତବଲବଣ, ହରମୋନ, ଏନଜାଇମ ଓ ଜୀବନୀୟ ତନ୍ତୁ ରହିଛି। ଏଗୁଡିକର ସମ୍ମିଶ୍ରଣରେ ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱ ସୃଷ୍ଟି ହୋଇଥାଏ। ତେଣୁ ମା' କ୍ଷୀର ପିଲା ପିଇଲେ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ଏହାବ୍ୟତୀତ ସେମାନଙ୍କର ଶାରୀରିକ ଓ ମାନସିକ ବିକାଶ ମଧ୍ୟ ହୁଏ। ପିଲାମାନଙ୍କୁ ସୁସ୍ଥ ସବଳ ନୀରୋଗ ରଖିବାରେ ଏହା ସହାୟକ ହୋଇଥାଏ।''





ଆମେ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ଖାଦ୍ୟପେୟ ପ୍ରତି ଗୁରୁତ୍ୱ ଦେଇଥାଉ। ପୃଥିବୀରେ ଯେଉଁସବୁ ଖାଦ୍ୟସାମଗ୍ରୀ ରହିଛି ସେହିସବୁ ମଧ୍ୟରେ କେତେକ ପ୍ରାକୃତିକ ଉପାୟରେ ମିଳିଥାଏ। ତନ୍ମଧ୍ୟରୁ କ୍ଷୀର ଅନ୍ୟତମ। ଏହା ସ୍ୱାସ୍ଥ୍ୟପ୍ରଦ ଭାବେ ଅନ୍ୟତମ ଶ୍ରେଷ୍ଠ ଖାଦ୍ୟ ବୋଲି ଆମରି ଭାରତୀୟ ମୌଳିକ ଚିକିତ୍ସା ଶାସ୍ତ୍ରରେ ଉଲ୍ଲେଖ ରହିଛି। କ୍ଷୀର ଅମୃତ ସମାନ ଅଟେ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କ୍ଷୀର ସ୍ୱାସ୍ଥ୍ୟ ପାଇଁ ହିତକର। ପିଲା ଜନ୍ମ ହେବା ମାତ୍ରେ ମା' କ୍ଷୀର ନିତାନ୍ତ ଜରୁରୀ ଅଟେ। ପ୍ରାକୃତିକ ପ୍ରଣାଳୀରେ ଆମେ ପାଉଥିବା କ୍ଷୀରରେ ପର୍ଯ୍ୟାପ୍ତ ପରିମାଣର ବିଭିନ୍ନ ପ୍ରକାରର ଭିଟାମିନ, ଖଣିଜପଦାର୍ଥ, କ୍ୟାଲସିୟମ ଆଦି ଜୀବନୀୟ ଶକ୍ତି ସହ ରୋଗପ୍ରତିରୋଧକ ଶକ୍ତିର ମାତ୍ରା ଭରପୁର ରହିଥାଏ। ଏହାକୁ ପିଇବା ଦ୍ୱାରା ପିଲାକୁ ଓ ଆମ ଶରୀରରେ ହେଉଥିବା ବିଭିନ୍ନ ରୋଗକୁ ପ୍ରତିରୋଧ କରିବାରେ ସହାୟକ ହୋଇ ଦୀର୍ଘାୟୁ ରଖିବାରେ ସହାୟକ ହୋଇଥାଏ।

ପିଲା ଜନ୍ମ ହେବା କ୍ଷଣି ମା' କ୍ଷୀର ଆବଶ୍ୟକ। ଅନ୍ୟପକ୍ଷରେ ବିଭିନ୍ନ ସ୍ତନ୍ୟପାୟୀ ପ୍ରାଣୀସମୂହ ନିଜ ଛୁଆଙ୍କ ପାଇଁ ମା' କ୍ଷୀରର ଆବଶ୍ୟକତା ରହିଥାଏ। ମନୁଷ୍ୟ ପିଲା ଜନ୍ମଠାରୁ କିଛି ବର୍ଷ ମଧ୍ୟରେ ନିଜ ମା' କ୍ଷୀର ସେବନ ସହ ଗାଈ, ମଇଁଷି, ଛେଳି, ମେଣ୍ଢା, ଗଧ ଆଦି ପ୍ରାଣୀଙ୍କ କ୍ଷୀର ପାନ କରାଇବା ପାଇଁ ଚିକିତ୍ସା ଶାସ୍ତ୍ରରେ ଉଲ୍ଲେଖ ରହିଛି। ବିଭିନ୍ନ ପ୍ରକାର କ୍ଷୀରରେ କିଛି ଭିନ୍ନ ଭିନ୍ନ ପ୍ରକାରର ତଥା ପ୍ରଚୁର ପରିମାଣରେ ଉପକାରୀ ତତ୍ତ୍ୱ ରହିଛି। ଶିଶୁଠାରୁ ବୟସ୍କ ବ୍ୟକ୍ତିମାନେ ଏହିସବୁ କ୍ଷୀର ସେବନ କରିବା ଦ୍ୱାରା ଶରୀରକୁ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ, ସବଳ ଓ ସତେଜ ରଖିବା ସହ ମନୁଷ୍ୟ ଦୀର୍ଘ ଦିନ ବଞ୍ଚି ରହିବାରେ ସହାୟକ ହୋଇଥାଏ ବୋଲି ଆମ ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ବର୍ଣ୍ଣିତ ରହିଛି।

ସାମ୍ପ୍ରତିକ ପରିସ୍ଥିତିରେ ଆଧୁନିକ ଚିକିତ୍ସା ବିଜ୍ଞାନ ମା' କ୍ଷୀର ସହ ଗାଈ, ମଇଁଷି, ଛେଳି, ମେଣ୍ଢା ଓ ଗଧ ଆଦି ବିଭିନ୍ନ ପ୍ରାଣୀଙ୍କ କ୍ଷୀରକୁ ନେଇ ବହୁ ପରୀକ୍ଷା ନିରୀକ୍ଷା କରାଯାଇଛି। ଏହା ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ ଉପକାରୀ ବୋଲି ଆୟୁର୍ବେଦ ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। ମା' କ୍ଷୀରରେ ଜଳୀୟ ଅଂଶ, ଶ୍ୱେତସାର, ସ୍ନେହସାର, ପୁଷ୍ଟିସାର, ଜୀବସାର, ଧାତବଲବଣ, ହରମୋନ, ଏନଜାଇମ ଓ ଜୀବନୀୟ ତନ୍ତୁ ରହିଛି। ଏଗୁଡିକର ସମ୍ମିଶ୍ରଣରେ ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱ ସୃଷ୍ଟି ହୋଇଥାଏ। ତେଣୁ ମା' କ୍ଷୀର ପିଲା ପିଇଲେ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ଏହାବ୍ୟତୀତ ପିଲାମାନଙ୍କର ଶାରୀରିକ ଓ ମାନସିକ ବିକାଶ ମଧ୍ୟ ହୁଏ। ପିଲାମାନଙ୍କୁ ସୁସ୍ଥ ସବଳ ନୀରୋଗ ରଖିବାରେ ଏହା ସହାୟକ ହୋଇଥାଏ।

ଗାଈ କ୍ଷୀରକୁ ଜନ୍ମଠାରୁ ବୟସ୍କ ଓ ବିଭିନ୍ନ ରୋଗରେ ପୀଡିତ ବ୍ୟକ୍ତି ସେବନ ପାଇଁ ପରାମର୍ଶ ଦିଆଯାଇଥାଏ। ସ୍ତନ୍ୟପାନ ସମୟରେ ମା' କ୍ଷୀରର ଅଭାବ ପରିସ୍ଥିତିରେ ପିଲାକୁ ଗାଈ କ୍ଷୀର ଦିଆଯାଇଥାଏ। ଗାଈ କ୍ଷୀରରେ ଜଳୀୟ ଅଂଶ, ସ୍ନେହସାର, ପୁଷ୍ଟିସାର, ଲାକ୍ଟୋସ, ଖଣିଜପଦାର୍ଥ, କ୍ୟାଲସିୟମ, ଫସଫରସ, ଏନଜାଇମ ସମେତ ଭିଟାମିନ ଏ, ଡି ଏବଂ ବି-୧୨ ଆଦି ପୋଷକ ତତ୍ତ୍ୱ ରହିଥିବାରୁ ଏହା ସ୍ୱାସ୍ଥ୍ୟପ୍ରଦ ଅଟେ। ଛେଳି ଏକ ସାକାହାରୀ ପ୍ରାଣୀ। ବିଭିନ୍ନ ବୃକ୍ଷ,ଲତା ଆଦିର ପତ୍ର ଡାଳକୁ ଖାଦ୍ୟଭାବେ ଖାଉଥିବା ହେତୁ ଏହାର କ୍ଷୀର ସ୍ୱାସ୍ଥ୍ୟ ପାଇଁ ବହୁ ଉପଯୋଗୀ। ଛେଳି କ୍ଷୀରରେ ପୁଷ୍ଟିସାର, ସ୍ନେହସାର, ଲକ୍ଟୋସ, ଖଣିଜପଦାର୍ଥ, କ୍ୟାଲସିୟମ, ଫସଫରସ, ପୋଟାସିୟମ, ବିଭିନ୍ନ ପ୍ରକାର ଭିଟାମିନ ଏବଂ ଏନଜାଇମ ଆଦି ପୋଷକ ତତ୍ତ୍ୱ ରହିଥିବା ହେତୁ ଏହା ସ୍ୱାସ୍ଥ୍ୟ ପାଇଁ ହିତକର। ଛେଳି କ୍ଷୀର ମନୁଷ୍ୟ ଶରୀରରେ ରୋଗପ୍ରତିରୋଧକ କ୍ଷମତା ବୃଦ୍ଧି କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଛେଳି କ୍ଷୀର ଦୁର୍ବଳତା, ହାଲିଆପଣ ଆଦିକୁ ଦୂର କରିବା ସହ ଯକ୍ଷ୍ମା, କର୍କଟ ଭଳି ମାରାତ୍ମକ ତଥା ଦୀର୍ଘଦିନ ଧରି ଲାଗିରହିଥିବା ବିଭିନ୍ନ ଜଟିଳ ରୋଗକୁ ପ୍ରତିରୋଧ କରିବାରେ କେତେକାଂଶରେ ସହାୟକ ହୋଇଥାଏ ବୋଲି ଆୟୁର୍ବେଦ ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି। କେବଳ ସେତିକି ନୁହେଁ, ଆଧୁନିକ ଚିକିତ୍ସା ବିଜ୍ଞାନ ଏଥିରେ ସହମତି ପ୍ରକାଶ କରିଛନ୍ତି।

ମେଣ୍ଢା କ୍ଷୀର ମନୁଷ୍ୟ ସ୍ୱାସ୍ଥ୍ୟ ନିମନ୍ତେ ଉପଯୋଗୀ ହୋଇଥାଏ। ଏଥିରେ ପ୍ରଚୁର ପରିମାଣରେ ଶ୍ୱେତସାର, ପୁଷ୍ଟିସାର, ଖଣିଜ ପଦାର୍ଥ, କ୍ୟାଲସିୟମ ସହ ଜୈବିକ ପଦାର୍ଥ ଭରି ରହିଛି। ଏହାକୁ ପିଇଲେ ତାହା ମନୁଷ୍ୟ ଶରୀରରେ ତନ୍ତୁ ଓ ଅସ୍ଥିକୁ ମଜଭୁତ କରିବାରେ କେତେକାଂଶରେ ସହାୟକ ହୋଇଥାଏ। ରୋଗପ୍ରତିରୋଧକ କ୍ଷମତା ବୃଦ୍ଧି ପାଇ ଶରୀରରେ ହେଉଥିବା ମଧୁମେହ, କର୍କଟ ରୋଗ ବ୍ୟତୀତ ବହୁ ଜଟିଳ ରୋଗ ହେବାକୁ କେତେକାଂଶରେ ପ୍ରତିରୋଧ ମଧ୍ୟ କରିଥାଏ। ମଇଁଷି କ୍ଷୀର ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ ସାମାନ୍ୟ ବାୟୁ ବର୍ଦ୍ଧକ ହୋଇଥିଲେ ସୁଦ୍ଧା ସ୍ୱାସ୍ଥ୍ୟ ପାଇଁ ହିତକର। ଏଥିରେ ଜଳୀୟ ଅଂଶ, ପୁଷ୍ଟିସାର, ଲାକ୍ଟୋସ, ଖଣିଜ ପଦାର୍ଥ, ଫସଫରସ ଆଦି ଥିବା ବେଳେ ପର୍ଯ୍ୟାପ୍ତ ପରିମାଣରେ ପୁଷ୍ଟିସାର, ସ୍ନେହସାର ଭିଟାମିନ ଏ, ବି-୧୨, ଥାୟାମିନ, ରିବୋଫ୍ଲୋବିନ ଆଦି ରହିଛି। ଏହାକୁ ସେବନ କରିବା ଦ୍ୱାରା ଶରୀରରେ ବିଭିନ୍ନ ରୋଗକୁ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ। ଗଧ କ୍ଷୀରରେ ପ୍ରଚୁର ପରିମାଣରେ ଜୀବନୀୟ ତତ୍ତ୍ୱ ସହ ରୋଗପ୍ରତିରୋଧକ କ୍ଷମତା ରହିଛି। ଗଧ କ୍ଷୀର ପିଲାମାନଙ୍କ ନିମନ୍ତେ ଅତ୍ୟନ୍ତ ଦରକାରୀ ବୋଲି ଆମର ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ଉଲ୍ଲେଖ ରହିଛି। ଏଥିରେ ଲେକଟସ, ସ୍ନେହସାର, ଗାଈ କ୍ଷୀର ଅପେକ୍ଷା ପୁଷ୍ଟିସାର କମ ରହିବା ସହ କ୍ୟାଲସିୟମ, ଭିଟାମିନ- ସି ମଧ୍ୟ ରହିଛି।

ବର୍ତ୍ତମାନ ବଜାରରେ କୃତ୍ରିମ ଉପାୟରେ ମିଳୁଥିବା କ୍ଷୀର, ବିଭିନ୍ନ ରାସାୟନିକ ପଦାର୍ଥ ମିଶ୍ରଣରେ ପ୍ରସ୍ତୁତି ହୋଇଥିବା ହେତୁ ଏହା ସ୍ୱାସ୍ଥ୍ୟ ପାଇଁ ଅହିତକର ହୋଇଥାଏ। ଅମୃତଭଣ୍ଡା, ଅରଖ, କନିଅର ଆଦି କେତେକ ବୃକ୍ଷର ଡେମ୍ଫ ଓ ଫଳ ଛିଣ୍ଡେଇବା ବେଳେ କ୍ଷୀର ଭଳି ଏକ ତରଳ ପଦାର୍ଥ ବାହାରିଥାଏ। ଏଗୁଡିକ ସ୍ୱାସ୍ଥ୍ୟ ପାଇଁ ଆଦୌ ହିତକର ନୁହେଁ। ଏହାକୁ ସେବନ କରିବା ମନୁଷ୍ୟ ଶରୀର ପାଇଁ କ୍ଷତି କାରକ ଓ ବିଷ ତୁଲ୍ୟ ହୋଇଥାଏ। ଏହାକୁ ସେବନ କରିବା ଦ୍ୱାରା ଜୀବନ ହାନି ହେବାର ଆଶଙ୍କା ରହିଥିବା ହେତୁ ପୁରାତନ ଚିକିତ୍ସା ଶାସ୍ତ୍ର ଓ ଆଧୁନିକ ଚିକିତ୍ସା ଶାସ୍ତ୍ରରେ ଏହାକୁ ସେବନ କରିବାପାଇଁ ସମ୍ପୂର୍ଣ୍ଣ ବାରଣ କରାଯାଇଛି।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଚନ୍ଦାହାଣ୍ଡି,
ନବରଙ୍ଗପୁର
ମୋ : ୭୮୯୪୧୧୨୪୮୭

## ସକାରାତ୍ମକ ମାନସିକତା ଅନ୍ତରାଳେ...



ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି କେତେକେ ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଅବଶ୍ୟ ଏଥିନେଇ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ କେବଳ ବ୍ୟାୟାମ ନୁହେଁ ଯୋଗ ଆଦି କରନ୍ତି, ତେବେ ସେ ନିଜର ମାନସିକତାକୁ ଅନେକାଂଶରେ ସକାରାତ୍ମକ ରଖିପାରିବେ। 'ସକାରାତ୍ମକ ମାନସିକତା ଏବଂ ଯୋଗ' ବିଷୟକୁ ନେଇ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ତର୍ଜମା କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ଏହାଦ୍ୱାରା ସକାରାତ୍ମକ ରହୁଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସୁସ୍ଥ ରହିବ କିଡ୍‌ନୀ



କିଡ୍‌ନୀକୁ ସୁସ୍ଥ ରଖିବା ଲାଗି କେତୋଟି ବିଷୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡିଥାଏ। ଏଥିପାଇଁ ଯଥେଷ୍ଟ ପାଣି ପିଅନ୍ତୁ। ଦିନକୁ ଅତିକମ୍‌ରେ ଆଠ ଗ୍ଲାସ ପାଣି ପିଅନ୍ତୁ। ପାଣି ପିଇଲେ ଶରୀରରୁ ବିଷାକ୍ତ ଉପାଦାନ ନିଷ୍କାସିତ ହୋଇଥାଏ। ସୁଷମ ଖାଦ୍ୟ ଖାଆନ୍ତୁ। ଯଥେଷ୍ଟ ଫଳ ଏବଂ ତଟକା ପନିପରିବା ଖାଆନ୍ତୁ। ନିଶାଦ୍ରବ୍ୟ ସେବନ ବର୍ଜନ କରନ୍ତୁ। ଡାଇବେଟିସ୍ କିମ୍ବା ରକ୍ତଚାପ ଥିଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ନିୟମିତ ବ୍ୟାୟାମ କରନ୍ତୁ। ସପ୍ତାହରେ ଅନ୍ତତଃ ୧୫୦ମିନିଟ୍ ଚାଲନ୍ତୁ। ବେଶି ଲୁଣ ଖାଆନ୍ତୁ ନାହିଁ। ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ଖାଆନ୍ତୁ ନାହିଁ। କିଡ୍‌ନୀ ରୋଗର ନିର୍ଣ୍ଣୟ ପାଇଁ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ମନେରଖନ୍ତୁ ଯେ, କିଡ୍‌ନୀ ରୋଗ ହେଲେ ଅନେକ କ୍ଷେତ୍ରରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥାଏ। ମାନସିକ ଚାପଠାରୁ ଦୂରେଇ ରୁହନ୍ତୁ। ରାତିରେ ୭-୮ ଘଣ୍ଟା ଶୁଅନ୍ତୁ। କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ନିଜେ ସଚେତନ ରହିବା ସହ ଜନସଚେତନତା ସୃଷ୍ଟି କରନ୍ତୁ। ନିଜର ଜୀବନଶୈଳୀକୁ ସ୍ୱାସ୍ଥ୍ୟ ଅନୁକୂଳ କରାନ୍ତୁ। ମନେ ରଖନ୍ତୁ, ଆଜିର ସାମାନ୍ୟ ସାବଧାନତା ଆସନ୍ତାକାଲି କିଡ୍‌ନୀକୁ ସୁସ୍ଥ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇପାରିବ।

## ସ୍କିଜୋଫ୍ରେନିଆ: କିଛି କଥା




ଯେତେପ୍ରକାର ମାନସିକ ରୋଗ ରହିଛି ସେଥିମଧ୍ୟରୁ ସ୍କିଜୋଫ୍ରେନିଆ ହେଉଛି ଏକ ଗମ୍ଭୀର ମାନସିକ ସମସ୍ୟା। ଏହା ମଣିଷର ଭାବନା ଆବେଗ, ବ୍ୟବହାର ଏବଂ କାର୍ଯ୍ୟଦକ୍ଷତାକୁ ବିଶେଷଭାବରେ ପ୍ରଭାବିତ କରିଥାଏ। ପ୍ରାରମ୍ଭିକ ଅବସ୍ଥାରେ ରୋଗୀ ଏକୁଟିଆ ରହିବାକୁ ପସନ୍ଦ କରେ। ଅନ୍ୟମାନଙ୍କ ସହ ମିଳାମିଶା କରେନାହିଁ। ନିଜର ଦୈନନ୍ଦିନ କାର୍ଯ୍ୟକୁ ଠିକ୍‌ଭାବରେ କରିପାରେ ନାହିଁ ଏବଂ ନିଦ କମିଯାଏ। ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତି ଅନ୍ୟମାନଙ୍କ ଉପରେ ସନ୍ଦେହ କରିଥାଏ। ରୋଗୀ ମନରେ ସବୁବେଳେ ଡର ଓ ଭୟର ଭାବନା ଦେଖାଯାଇଥାଏ। ଏହି ରୋଗୀମାନେ କେତେକ କଥାକୁ ନିଜ ମନରେ ଗଣ୍ଠି ବାନ୍ଧି ଧରିବସନ୍ତି ଏବଂ ଯାହା ଅନ୍ୟମାନଙ୍କ ଦ୍ୱାରା ସହଜରେ ଗ୍ରହଣୀୟ ହୋଇ ନ ଥାଏ। ରୋଗର କାରଣ ମସ୍ତିଷ୍କରେ ମୁଖ୍ୟତଃ 'ଡୋପାମିନ' ନାମକ ଏକ ରାସାୟନିକ ତତ୍ତ୍ୱର ମାତ୍ରା ବୃଦ୍ଧି ଯୋଗୁ ଏହି ରୋଗ ହୋଇଥାଏ। ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୨.୫ କୋଟି ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି। ସ୍କିଜୋଫ୍ରେନିଆ ଏକ ଜଟିଳ ରୋଗ। ଏହାର ଚିକିତ୍ସା ବିଷୟରେ ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଜରୁରୀ।

## ନିଶାଦ୍ରବ୍ୟ ବର୍ଜନର ସହଜ ଉପାୟ



ଧୂମପାନ ହେଉ ଅବା କୌଣସି ନିଶାଦ୍ରବ୍ୟ ସେବନ-ଜଣେ ଏହା ଦ୍ୱାରା କବଳିତ ହେବା ପରେ ସେଥିରୁ ମୁକୁଳିବା ସହଜ ହୋଇ ନ ଥାଏ। ବିଶେଷଭାବରେ ପରିବାର, ବନ୍ଧୁମାନଙ୍କର ଦିଗ୍‌ଦର୍ଶନ, ଅନୁରୋଧ, ସହଯୋଗ ଏବଂ ବାରମ୍ବାର ନିରୀକ୍ଷଣ ଧୂମପାନ ତ୍ୟାଗ କରିବା ଲାଗି ଉତ୍ସାହ ବଢ଼ାଇଥାଏ। ଗୋଟିଏ ଥରରେ ଧୂମପାନକୁ 'ନା' କରିବା ଉଚିତ। ଏଥିପାଇଁ ସୁଗାର ନ ଥିବା ଚୁଇଙ୍ଗମ ବ୍ୟବହାର କରିପାରନ୍ତି। ସ୍ଥଳବିଶେଷରେ ଚୁଇଙ୍ଗମ ସ୍ଥାନରେ ଲବଙ୍ଗ ଓ ଗୁଜୁରାତି ମଧ୍ୟ ବ୍ୟବହାର କରାଯାଇପାରେ। ଯେଉଁମାନେ ଚେନ୍ ସ୍ମୋକର ଏବଂ ଦୀଘଦିନ ଧରି ଧୂମପାୟୀ ସେମାନେ ଏଥିରେ ବୈଷୟିକ ଜ୍ଞାନ ଥିବା ବ୍ୟକ୍ତିମାନଙ୍କଠାରୁ ପରାମର୍ଶ ନେବା ଉଚିତ। ଏଥିପାଇଁ ମଧ୍ୟ 'କୁଇଟ୍ ସ୍ମୋକ୍ ଥେରାପି' (ଧୂମପାନ ତ୍ୟାଗ ଚିକିତ୍ସା) ଉପଲବ୍ଧ। ଧୂମପାନ ତ୍ୟାଗର ମାତ୍ର କେଇଦିନ ମଧ୍ୟରେ ଶୁଙ୍ଘିବା ଶକ୍ତି ଏବଂ ଜିଭର ସ୍ୱାଦ ଅନୁଭବ କରିବା ଶକ୍ତିରେ ଉନ୍ନତି ପରିଲକ୍ଷିତ ହୋଇଥାଏ। ସେହିପରି ମାତ୍ର କେଇ ସପ୍ତାହରେ କଫର ପରିମାଣ କମି ଯାଇଥାଏ ଏବଂ ଫୁସଫୁସର କାର୍ଯ୍ୟରେ ଉନ୍ନତି ଘଟିଥାଏ। ଧୂମପାନ ତ୍ୟାଗର ବର୍ଷେ ଭିତରେ ହୃଦ୍‌ଜନିତ ରୋଗ ହେବାର ଆଶଙ୍କା ପ୍ରାୟ ୫୦ ପ୍ରତିଶତ କମିଯାଏ। ଧୂମପାନ ତ୍ୟାଗ କରିବା ଦ୍ୱାରା ଜୀବନକାଳ ବଢ଼ିଥାଏ। ଏହାଦ୍ୱାରା ନିଜର ଉପକାର ହେବା ସହ ଅନ୍ୟମାନେ ମଧ୍ୟ ଲାଭବାନ ହୋଇଥାଆନ୍ତି। ନିଜକୁ ଅତ୍ୟଧିକ ପଜିଟିଭ ଏବଂ ସ୍ମାର୍ଟ ଲାଗେ। ନିଶାଦ୍ରବ୍ୟ ସେବନ ସହ ଜଡିତ ଥିଲେ ଏଥିରୁ ନିବୃତ୍ତ ରହିବା ଲାଗି ଅଭିଜ୍ଞ ନିଶା ନିବାରଣ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

## ଜାଣିରଖନ୍ତୁ



ମହୁରେ ଅନେକ ପ୍ରକାର ଉପକାରୀ ଗୁଣ ରହିଛି। ସକାଳେ ଖାଲି ପେଟରେ ଗୋଟିଏ ଗ୍ଲାସ ଉଷୁମ ପାଣି ସହ ଅଳ୍ପ ଲେମ୍ବୁ ରସ ଓ ଗୋଟିଏ ଚାମଚ ମହୁ ମିଶାଇ ପିଇଲେ ଓଜନ ହ୍ରାସ ପାଏ। ଏଥିରେ ଥିବା ଆଣ୍ଟି ଅକ୍ସିଡ଼ାଣ୍ଟ ଗୁଣ ଶରୀରରେ ରକ୍ତ ସଞ୍ଚାଳନକୁ ଠିକ୍ ଭାବରେ କରିବାକୁ କେତେକାଂଶରେ ସହାୟକ ହୋଇଥାଏ। ଉଚ୍ଚ ରକ୍ତଚାପ ଆଶଙ୍କାକୁ କେତେକାଂଶରେ ଦୂରେଇ ରଖିଥାଏ। ଶରୀରରେ ଶର୍କରାର ପରିମାଣକୁ ମଧ୍ୟ ସନ୍ତୁଳିତ ରଖେ। ସାଧାରଣତଃ ଡାଇବେଟିସ ଥିବା ଲୋକଙ୍କୁ ମିଠାଜାତୀୟ ଖାଦ୍ୟ ଖାଇବାକୁ ବାରଣ କରାଯାଇଥାଏ। କିନ୍ତୁ ମହୁ ସେମାନଙ୍କ ପାଇଁ ବେଶ୍ ଉପଯୋଗୀ। ରକ୍ତହୀନତା ସହ ଜଡିତ ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର।

## ସ୍ୱାସ୍ଥ୍ୟ ସୂଚନା

➢ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। କୌଣସି ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।


➢ ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ରାତିରେ ହାଲୁକା ଖାଦ୍ୟ ଖାଇଲେ ତାହା ସହଜରେ ହଜମ ହୋଇଥାଏ। ତେଲ,ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

➢ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି କି? ଯଦି ହଁ, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➢ପ୍ରତିଦିନ ଦାନ୍ତକୁ ଭଲ ଭାବେ ଘଷନ୍ତୁ। ଦିନକୁ ଅତି କମ୍‌ରେ ଦୁଇ ଥର ଯଥା ସକାଳେ ରାତିରେ ଘଷନ୍ତୁ। ମନେରଖନ୍ତୁ ଘଷିବାର ଅବଧି ୨ମିନିଟ୍‌ରୁ କେବେ ବି କମ୍ କରନ୍ତୁ ନାହିଁ।

➢ନିଜ ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। ଆଉ ଯଦି ଏଥିପ୍ରତି ଧ୍ୟାନ ନ ଦେବେ ତେବେ ପରୋକ୍ଷରେ ଆପଣ ଅନେକ ରୋଗକୁ ଆମନ୍ତ୍ରଣ କରିବାର ଆଶଙ୍କା ରହିଛି।

➢ଯେ ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ ତେବେ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ପୁରୁଣା ପ୍ରେସକ୍ରିପସନଗୁଡ଼ିକୁ ଏକ ଫାଇଲରେ ରଖନ୍ତୁ, ହୁଏତ ଆଗକୁ ଏହା ଦରକାରରେ ଆସିପାରେ।



## ସୌରଜଗତରେ ଅଜଣା ପରିବ୍ରାଜକ

(ଶେଷ ଭାଗ)

ଜେମ୍ସ ୱେବ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ଉତ୍ତୋଳିତ ପ୍ରତ୍ୟେକ ନୂତନ ଚିତ୍ର ସହିତ ରହସ୍ୟ ଆହୁରି ଗଭୀର ହେଉଛି। ୩ଇ/ ଆଟଲାସ ଆମକୁ ଭେଟିବାକୁ ଆସିଥିବା ପ୍ରଥମ ଅନ୍ତଃନକ୍ଷତ୍ରୀୟ ଭ୍ରମଣକାରୀ ନୁହେଁ। ୨୦୧୭ରେ ଜ୍ୟୋତିର୍ବିଜ୍ଞାନୀମାନେ ପ୍ରଥମ ଥର ପାଇଁ ଏହିପରି ଏକ ଅଜଣା ଅତିଥିକୁ ଦେଖିଥିଲେ। ତାହା ଥିଲା '୧ଇ/ ଓମୁଆମୁଆ'। ଏହା ଏକ ସିଗାର ଆକୃତିର ବସ୍ତୁ ଯାହା ଅଜବ ଭାବରେ ଗତି କରୁଥିଲା ଏବଂ ଏହାର କୌଣସି ଦୃଶ୍ୟମାନ ଲାଞ୍ଜ ନଥିଲା। ସେତେବେଳେ କେତେକ ବୈଜ୍ଞାନିକ ଅନୁମାନ ମଧ୍ୟ କରିଥିଲେ ଯେ ଏହା ଏକ ଏଲିଏନ ମହାକାଶ ଯାନ ହୋଇପାରେ! ତା'ପରେ ୨୦୧୯ରେ '୨ଇ/ ବୋରିଶୋଭ' ଆସିଥିଲା। ଏହା ଏକ ପ୍ରକୃତ ଅନ୍ତଃନକ୍ଷତ୍ରୀୟ ଧୂମକେତୁ, ଯାହାର ଏକ ଉଜ୍ଜ୍ୱଳ ଲାଞ୍ଜ ଏବଂ ଆମ ସୌରମଣ୍ଡଳରେ ଜନ୍ମିତ ଯେକୌଣସି ଧୂମକେତୁ ଠାରୁ ଭିନ୍ନ ଏକ ରାସାୟନିକ ଗଠନ ଥିଲା। ପ୍ରତ୍ୟେକ ପରିଦର୍ଶକ ଅନନ୍ୟ। ପ୍ରତ୍ୟେକ ଆମ ସୌରଜଗତ ବାହାର ବିଶ୍ୱର ବିବିଧତାର ଏକ କ୍ଷଣସ୍ଥାୟୀ ଝଲକ। ଆହୁରି ଅଧିକ ବ୍ରହ୍ମାଣ୍ଡର ରହସ୍ୟ ପ୍ରକାଶ କରିବାର ପ୍ରତିଶ୍ରୁତି ଦେଇ, ବର୍ତ୍ତମାନ ୩ଇ/ ଆଟଲାସ ଏହି ସମ୍ଭ୍ରାନ୍ତ ମହାଜଗତିକ ଶ୍ରେଣୀରେ ଯୋଗ ଦେଇଛି।

ଚଳିତ ବର୍ଷ ଗତ ମାସ ୩୦ ତାରିଖରେ ୩ଇ/ ଆଟଲାସ ମଙ୍ଗଳ ଗ୍ରହର କକ୍ଷ ପଥ ଭିତରେ ପ୍ରବେଶ କରି ସୂର୍ଯ୍ୟର ନିକଟତର ହୋଇସାରିଛି। ଏହି ସମୟ ଏହି ଅନ୍ତଃନକ୍ଷତ୍ରୀୟ ବସ୍ତୁକୁ ସବୁଠୁ ପାଖରୁ ଦେଖିବାର ଓ ଅଧ୍ୟୟନ କରିବାର ପ୍ରକୃଷ୍ଟ ସମୟ। ଏହା ଶୁଣି ଲୋପା ଟିକେ ଚିନ୍ତିତ ହୋଇ ପଚାରିଲେ, ଆମ ପୃଥିବୀ ପାଇଁ ଏହା କୌଣସି ବିପଦ ସୃଷ୍ଟି କରିବ ନାହିଁ ତ? ମୁଁ ଉତ୍ତର ଦେଲି ନା, ଚିନ୍ତା କର ନାହିଁ। ଏହା ପୃଥିବୀ ପାଇଁ କୌଣସି ବିପଦ ସୃଷ୍ଟି କରିବ ନାହିଁ କାରଣ ଏହା ପ୍ରାୟ ୨୭୦ ନିୟୁତ କିଲୋମିଟର ଦୂର ଦେଇ ପୃଥିବୀକୁ ଅତିକ୍ରମ କରିବ। ସାରା ବିଶ୍ୱରେ ଥିବା ବିଦ୍ୟାଳୟ ଦୂରବୀକ୍ଷଣ ଯନ୍ତ୍ରଠାରୁ ଆରମ୍ଭ କରି ମହାକାଶଭିତ୍ତିକ ଅତ୍ୟାଧୁନିକ ଉପକରଣ ପର୍ଯ୍ୟନ୍ତ ସମସ୍ତ ଦୂରବୀକ୍ଷଣ ଯନ୍ତ୍ର ଏହି ମହାଜାଗତିକ ଉଡ଼ାଣର ପ୍ରତ୍ୟେକ ମୁହୂର୍ତ୍ତକୁ ଅଭିଲିଖିତ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହା ଶୁଣି ଲୋପା ପୁଣି ପଚାରିଲେ ମହାକାଶ ଦେଇ ଗତି କରୁଥିବା ଏକ ଛୋଟ ବରଫ ଏବଂ ପଥର ଖଣ୍ଡ ବିଷୟରେ ଆମେ ଏତେ କାହିଁକି ଚିନ୍ତା କରୁଛେ? ମୁଁ କହିଲି କାରଣ ୩ଇ/ ଆଟଲାସ



ହେଉଛି ବ୍ରହ୍ମାଣ୍ଡର ଅନ୍ୟ କୋଣରେ ଥିବା ତାରାମାନଙ୍କର ଏକ ବାର୍ତ୍ତାବାହକ। ଏହାର ଧୂଳି ଏବଂ ଗ୍ୟାସ ବହୁ ପୂର୍ବରୁ ଅନ୍ୟ ଏକ ତାରା ମଣ୍ଡଳରେ ଗଠିତ ଅନ୍ୟ ଏକ ବିଶ୍ୱର ରାସାୟନିକ ପଦ ଚିହ୍ନ ବହନ କରେ। ଏହାକୁ ଅଧ୍ୟୟନ କରିବା ଦ୍ୱାରା ବୈଜ୍ଞାନିକମାନେ ବୁଝିପାରିବେ ଯେ ଅନ୍ୟାନ୍ୟ ନକ୍ଷତ୍ରପୁଞ୍ଜରେ ଗ୍ରହମାନେ କିପରି ସୃଷ୍ଟି ହୋଇଛନ୍ତି ଏବଂ ଜୀବନ ଅନ୍ୟାନ୍ୟ ଛାୟାପଥରେ ସୃଷ୍ଟି ହୋଇଛି କି ନାହିଁ। ଏହା ମଧ୍ୟ ଆମକୁ ସ୍ମରଣ କରାଇଦିଏ ଯେ ସୌରମଣ୍ଡଳ ଏକ ବିଚ୍ଛିନ୍ନ ଦ୍ୱୀପ ନୁହେଁ ବରଂ ଏହା ଏକ ବିଶାଳ, ଜୀବନ୍ତ ବ୍ରହ୍ମାଣ୍ଡର ଅଂଶ ଯେଉଁଠାରେ ଯାତ୍ରୀମାନେ ବେଳେ ବେଳେ ଆମକୁ ସଂକ୍ଷେପରେ ଭେଟିବା ପାଇଁ ଅକଳ୍ପନୀୟ ଦୂରତା ଅତିକ୍ରମ କରି ଆସନ୍ତି। ଲୋପା ଟିକେ ସ୍ମିତ ହାସ୍ୟ ଦେଇ କହିଲେ, ହୁଏତ ଏହା ଏଲିଏନ ଦ୍ୱାରା ନିର୍ମିତ ନହୋଇ ପାରେ କିନ୍ତୁ ଏହା ବ୍ରହ୍ମାଣ୍ଡ ଦାରା ନିର୍ମିତ ଏକ ପ୍ରକାରର ମହାକାଶ ଯାନ ଯେ ଆମକୁ ଜଣାଇବାକୁ ଆସିଛି ଯେ ଆମେ ବ୍ରହ୍ମାଣ୍ଡର ବହୁତ କମ ରହସ୍ୟ ଏଯାଏ ଜାଣିଛୁ ବୋଲି। ମୁଁ ହସି କହିଲି, ''ଠିକ୍, ଏବଂ ପ୍ରତ୍ୟେକ ଥର ଏହି ମହାକାଶୀୟ ପରିଦର୍ଶକମାନଙ୍କ ମଧ୍ୟରୁ ଜଣେ ଦେଖାଗଲେ, ଏହା ଏପରି ମନେ ହୁଏ ଯେପରି ବ୍ରହ୍ମାଣ୍ଡ ଚୁପ ଚୁପ କରି ଏହାର ରହସ୍ୟ ଆମକୁ ଜଣାଇବାକୁ ଚେଷ୍ଟା କରେ ଓ ଆମକୁ କୁହେ ଆବିଷ୍କୃତ ହେବା ପାଇଁ ସେଠାରେ ଆହୁରି ଅନେକ କିଛି ଅପେକ୍ଷା କରିଛି।''

**– ଦେବାଶିଷ ମହାନ୍ତି,** ବରିଷ୍ଠ ପ୍ରାଧ୍ୟାପକ
ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ,
ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ,
ଭୁବନେଶ୍ୱର
ମୋ: ୯୮୬୧୩୯୧୧୯୦

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ନଭେମ୍ବର ୧୦/୨୦୨୫ | Bhubaneswar, Monday, November 10/ 2025







# ଓଡ଼ିଶାରେ ହେବ ବିଚ୍ ଭଲିବଲ ଚ୍ୟାଲେଞ୍ଜର ଟ୍ରଫି

ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)



କଟକରେ ରବିବାର ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ)ର କାର୍ଯ୍ୟକାରିଣୀ ତଥା ବାର୍ଷିକ ସାଧାରଣ ବୈଠକ ରବିବାର କଟକସ୍ଥିତ ଓସିଏ କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭଲିବଲର ବିକାଶ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ତନ୍ମଧ୍ୟରୁ ଓଡ଼ିଶାରେ ଏଫ୍‌ଆଇଭିବି (ଅନ୍ତର୍ଜାତୀୟ ଭଲିବଲ ଫେଡେରେଶନ) ବିଚ୍ ଭଲିବଲ ଚ୍ୟାଲେଞ୍ଜର ଟ୍ରଫି ଆୟୋଜନ ଅନ୍ୟତମ। ୨୦୨୬ ଫେବୃଆରୀ ଶେଷ ଭାଗରେ ଏହି ପ୍ରତିଯୋଗିତା ଆୟୋଜନ ହେବ ଏବଂ ଏହି ଗ୍ଲୋବାଲ ଇଭେଣ୍ଟରେ ୪୦ ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏହା ବ୍ୟତୀତ ଏକ ୪ ଦିନିଆ ମହିଳା କୋଚେସ ଟ୍ରେନିଂ ପ୍ରୋଗ୍ରାମ ଆୟୋଜନ ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। 'କନ୍ୟା କିରଣ' ନାମରେ ଏହି ପ୍ରୋଗ୍ରାମ ଡିସେମ୍ବର ୧୧ରୁ ୧୪ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବ। ଏଫ୍‌ଆଇଭିବି ଇନ୍‌ଷ୍ଟ୍ରକ୍ଟର ଜନ କେସେଲ ଓ ଜାନା କୁଲାନଙ୍କ ତତ୍ତ୍ୱାବଧାନରେ ହେବାକୁଥିବା ଏହି ପ୍ରୋଗ୍ରାମର ଲକ୍ଷ୍ୟ ହେଉଛି ବିଶ୍ୱସ୍ତରୀୟ ଟ୍ରେନିଂ ମାଧ୍ୟମରେ ମହିଳା କୋଚ୍‌ଙ୍କୁ ସଶକ୍ତ କରିବା।

୭୨ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍ ଉତ୍ତର ପ୍ରଦେଶର ବାରାଣସୀରେ ୨୦୨୬ ଜାନୁଆରୀ ୪ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟ ଲାଗି ପ୍ରସ୍ତୁତ ହେବାକୁ ରାଜ୍ୟ ଚାମ୍ପିୟନଶିପ୍ ପାରାଦୀପ ପୋର୍ଟରେ ଆୟୋଜନ ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି। ଓଭିଏ ସଭାପତି ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଅନୁପସ୍ଥିତିରେ କାର୍ଯ୍ୟକାରୀ ସଭାପତି କମଳାକାନ୍ତ ପାଣ୍ଡେ ବୈଠକରେ ସଭାପତିତ୍ୱ କରିଥିଲେ। ଓଭିଏ ସମ୍ପାଦକ ଗଗନେନ୍ଦୁ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ବୈଠକ ପୂର୍ବରୁ ଓଭିଏର ପୂର୍ବତନ ଉପସଭାପତି ଜନାର୍ଦ୍ଦନ ଦାଶଙ୍କ ସ୍ମୃତିରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଅଲିମ୍ପିକ୍ସ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ, ଓଭିଏ ଉପସଭାପତି ସୟଦ ଆକମଲ ଅଲୀ, ବିଜୟ କୁମାର ଧଳ, ଶିବ ପ୍ରସାଦ ତ୍ରିପାଠୀ, ରବୀନ୍ଦ୍ର କୁମାର ଦାସ, ଭବାନୀ ପ୍ରସାଦ ପଣ୍ଡା, ମନୋରଞ୍ଜନ ଜିଉ, ବ୍ରହ୍ମାନନ୍ଦ ସାମନ୍ତରାୟ, ଯୁଗ୍ମ ସମ୍ପାଦକ ଆଦିତ୍ୟ କୁମାର ଆଚାର୍ଯ୍ୟ, ଜଗଦୀଶ ଚନ୍ଦ୍ର ବେହେରା ଓ କୋଷାଧ୍ୟକ୍ଷ ସୁଧାଂଶୁ ଭୂଷଣ ମିଶ୍ର ପ୍ରମୁଖ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ରାଜ୍ୟ ଭଲିବଲ ଚାମ୍ପିୟନଶିପ୍‌କୁ ଜୋନାଲ ଫର୍ମାଟରେ ଆୟୋଜନ ପାଇଁ ପ୍ରସ୍ତାବ ଆସିଥିବାରୁ ଏହାକୁ ତର୍ଜମା କରିବା ପାଇଁ ଏକ କମିଟି ଗଠନ କରାଯାଇଥିଲା।

# ଓଡ଼ିଶାର ପୁଣି ବ୍ୟାଟିଂ ବିପର୍ଯ୍ୟୟ

ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)

**ରଣଜୀ ଟ୍ରଫି**

**ଦ୍ୱିତୀୟ ଦିବସରେ ୧୧ ଉଇକେଟର ପତନ**

ଚଳିତ ରଣଜୀ ଟ୍ରଫି କ୍ରିକେଟ ସିଜନରେ ଓଡ଼ିଶା ଦଳର ଖରାପ ବ୍ୟାଟିଂ ଜାରି ରହିଛି। ନାଗପୁରରେ ଚାଲିଥିବା ବିଦର୍ଭ ବିପକ୍ଷ ଏଲିଟ ଗ୍ରୁପ୍ 'ଏ' ମ୍ୟାଚରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ରବିବାର ଦ୍ୱିତୀୟ ଦିବସ ଶେଷ ବେଳକୁ ଓଡ଼ିଶା ପ୍ରଥମ ଇନିଂସରେ ୧୨୨ ରନ ମଧ୍ୟରେ ୬ ଉଇକେଟ ହରାଇ ସାରିଛି। ଫଳରେ ବିଦର୍ଭର ପ୍ରଥମ ଇନିଂସ ସ୍କୋର (୨୮୬ ରନ)ଠାରୁ ଓଡ଼ିଶା ଆହୁରି ୧୬୪ ରନ ପଛରେ ରହିଛି। ସମସ୍ତ ସ୍ପେଶାଲିଷ୍ଟ ବ୍ୟାଟର ଆଉଟ ହୋଇ ସାରିଥିବାରୁ ଏହି ମ୍ୟାଚରେ ଓଡ଼ିଶା ପ୍ରଥମ ଇନିଂସ ପଛୁଆ ରହିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ଦ୍ୱିତୀୟ ଦିବସରେ ମୋଟ ୧୧ଟି ଉଇକେଟର ପତନ ଘଟିଛି। ପ୍ରକାଶଯୋଗ୍ୟ ଯେ, ଖରାପ ପ୍ରଦର୍ଶନ କାରଣରୁ ଓଡ଼ିଶା ଏହାର ପ୍ରଥମ ୩ ମ୍ୟାଚରୁ ୨ଟିରେ ପରାଜୟ ବରଣ କରିଥିବାବେଳେ ଅନ୍ୟ ମ୍ୟାଚଟି ଡ୍ର ରଖିଥିଲେ ହେଁ ପ୍ରଥମ ଇନିଂସ ପଛୁଆ ରହିବା କାରଣରୁ ମାତ୍ର ୧ ପଏଣ୍ଟ ପାଇଛି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୩୪/୫ରୁ ଖେଳ ଆରମ୍ଭ କରିଥିବା ବିଦର୍ଭ ଆଉ ୫୨ ରନ ଯୋଡ଼ି ଅବଶିଷ୍ଟ ୫ ଉଇକେଟ ହରାଇଥିଲା। ପୂର୍ବ ଦିନ ୧୨୮ ରନରେ ଅପରାଜିତ ରହିଥିବା ଧ୍ରୁବ ଶୋରେ ମୋଟ ୧୪୪ ରନକରି ଆଉଟ ହୋଇଥିଲେ। ଶେଷଭାଗ ବ୍ୟାଟରଙ୍କୁ ଅଧିକ ସମୟ ତିଷ୍ଠିବାକୁ ଦେଇ ନ ଥିଲେ ଓଡ଼ିଶା ବୋଲର। ଭ୍ରମଣକାରୀ ଦଳ ପକ୍ଷରୁ ସମ୍ବିତ ବରାଳ ସର୍ବାଧିକ ୩ଟି, ବାଦଲ ବିଶ୍ୱାଳ, ରାଜେଶ ମହାନ୍ତି ଓ ତାପସ ଦାସ ୨ଟି ଲେଖାଏ ଏବଂ ଜାମଲା ମହାପାତ୍ର ଗୋଟିଏ ଉଇକେଟ ନେଇଥିଲେ।

ଘରୋଇ ପିଚ୍‌ରୁ ଫାଇଦା ଉଠାଇ ବିଦର୍ଭ ବୋଲରମାନେ ଓଡ଼ିଶାକୁ ଭଲ ଆରମ୍ଭ ହେବାକୁ ଦେଇ ନ ଥିଲେ। ୩୩ ରନ ମଧ୍ୟରେ ୨ଟି ଉଇକେଟ ହରାଇ ଓଡ଼ିଶା ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଦୁଇ ଓପନର ଗୌରବ ଚୌଧୁରୀ ୨୪ ଓ ସ୍ୱସ୍ତିକ ସାମଲ ୯ ରନ କରିବାକୁ ସକ୍ଷମ ହୋଇଥିଲେ। ସନ୍ଦୀପ ପଟ୍ଟନାୟକ ମଧ୍ୟ ମାତ୍ର ୧୬ ରନ କରିବାକୁ ସକ୍ଷମ ହୋଇଥିଲେ। ରାଜେଶ ଧୂପର(୮)ଙ୍କୁ ପ୍ୟାଭିଲିୟନ ପଠାଇ ୟଶ କଦମ ଏବଂ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କୁ ଆଉଟ କରି ଗୌରବ ଫର୍ଦେ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟରରେ ନିଜ ନିଜର ପ୍ରଥମ ଉଇକେଟ ହାସଲ କରିଥିଲେ। ଆତ୍ମବିଶ୍ୱାସରେ ଥିବାପରି ଲାଗୁଥିବା ଶୁଭ୍ରାଂଶୁ ୧୧୨ ବଲ୍‌ରୁ ୪୧ ରନ କରିଥିବାବେଳେ ଫର୍ଦେଙ୍କ ବଲ୍‌ରେ ବୋଲ୍ଡ ହୋଇ ଯାଇଥିଲେ। ୫ ଉଇକେଟ ପତନ ହୋଇଯିବାରୁ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାରଙ୍କ ନିକଟରୁ ଦଳ ଅନେକ କିଛି ଆଶା କରୁଥିଲା। ମାତ୍ର ସେ ୧୭ ରନ କରିଥିବାବେଳେ ଫର୍ଦେଙ୍କ ବଲ୍‌ରେ ଉଇକେଟ କିପର ଅକ୍ଷୟ ୱାଡକରଙ୍କୁ କ୍ୟାଚ ଦେଇ କ୍ରିଜ୍ ଛାଡ଼ିଥିଲେ। ଫଳରେ ଓଡ଼ିଶା ସ୍କୋର ୧୨୨/୬ ହୋଇଯିବା ସହ ଅମ୍ପାୟର ଷ୍ଟମ୍ପ ନିଷ୍ପତ୍ତି ନେଇଥିଲେ। ସେତେବେଳେ ସମ୍ବିତ ବରାଳ ୨ ରନରେ ଅପରାଜିତ ରହିଥିଲେ। ବିଦର୍ଭ ବୋଲରଙ୍କ ମଧ୍ୟରୁ ଗୌରବ ଫର୍ଦେ ୨ଟି ଏବଂ ପାର୍ଥ ରେଖାଦେ, ନଚିକେତ ଭୁତେ, ପ୍ରଫୁଲ୍ଲ ହିଙ୍ଗେ ଓ ୟଶ କଦମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୮୬/ଅଲଆଉଟ (ଧ୍ରୁବ ଶୋରେ–୧୪୪, ରବିକୁମାର ସମର୍ଥ–୪୯, ସମ୍ବିତ ବରାଳ–୩/୬୯, ରାଜେଶ ମହାନ୍ତି–୨/୪୭, ତାପସ ଦାସ–୨/୩୩, ବାଦଲ ବିଶ୍ୱାଳ–୨/୨୭, ଜାମଲା ମହାପାତ୍ର–୧/୪୪)। ଓଡ଼ିଶା ପ୍ରଥମ ଇନିଂସ: ୧୨୨/୬ (ଶୁଭ୍ରାଂଶୁ ସେନାପତି–୪୧, ଗୌରବ ଫର୍ଦେ–୨/୨୦, ପାର୍ଥ ରେଖାଦେ–୧/୨୯, ନଚିକେତ ଭୁତେ–୧/୨୮, ପ୍ରଫୁଲ୍ଲ ହିଙ୍ଗେ–୧/୨୫, ୟଶ କଦମ–୧/୧୫)।

# ପ୍ରଥମଶ୍ରେଣୀ କ୍ରିକେଟରେ ଦ୍ରୁତତମ ଅର୍ଦ୍ଧଶତକ



ଆକାଶ କୁମାର ଚୌଧାରୀ

ସୁରଟ, ୯।୧୧ (ପି.ଟି.)

**୮ କ୍ରମାଗତ ଛକା, ୧୧ ବଲ୍‌ରେ ଅର୍ଦ୍ଧଶତକ**

ମେଘାଳୟର ଆକାଶ କୁମାର ଚୌଧାରୀ କ୍ରମାଗତ ୮ ଛକା ମାରି ପ୍ରଥମ ଶ୍ରେଣୀ କ୍ରିକେଟରେ ଏକ ନୂଆ ରେକର୍ଡ କରିଥିବା ବେଳେ ମାତ୍ର ୧୧ ବଲ୍‌ରେ ଦ୍ରୁତ ଅର୍ଦ୍ଧଶତକ ହାସଲ କରି ଏହି ଫର୍ମାଟରେ ଅନ୍ୟ ଏକ ନୂଆ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ଏଠାରେ ଅରୁଣାଚଳ ପ୍ରଦେଶ ବିପକ୍ଷରେ ଏକ ରଣଜୀ ଟ୍ରଫି ପ୍ଲେଟ୍ ଗ୍ରୁପ୍ ମ୍ୟାଚରେ ସେ ଏହି କୀର୍ତ୍ତିମାନ ଅର୍ଜନ କରିଛନ୍ତି। ସ୍ଥାନୀୟ ସି.କେ. ପିଠାୱାଲା ଗ୍ରାଉଣ୍ଡଠାରେ ମ୍ୟାଚର ଦ୍ୱିତୀୟ ଦିବସରେ ୮ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ୨୫ବର୍ଷୀୟ ଚୌଧାରୀ ଏହି ଚମକପ୍ରଦ ସଫଳତା ହାସଲ କରିଛନ୍ତି। ସେ ୧୪ବଲ୍‌ରେ ୫୦ ରନ କରି ଅପରାଜିତ ରହିଥିଲେ। ତାଙ୍କର ଏହି ଅର୍ଦ୍ଧଶତକ ସହାୟତାରେ ମେଘାଳୟ ଏହାର ପ୍ରଥମ ଇନିଂସ ୬୨୮/୬ରେ ଘୋଷଣା କରିଥିଲା। ଚୌଧାରୀ ପ୍ରଥମ ଶ୍ରେଣୀରେ ଦ୍ରୁତତମ ଅର୍ଦ୍ଧଶତକ ହାସଲରେ ରହିଥିବା ପୁରୁଣା ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ପୂର୍ବରୁ ଏହି ରେକର୍ଡ ଲିସେଷ୍ଟରଶାୟାର ୱେନ୍ ହ୍ୱାଇଟ୍‌ଙ୍କ ନାମରେ ରହିଥିଲା। ସେ ୨୦୧୨ରେ ଏସେକ୍ସ ବିପକ୍ଷ ମ୍ୟାଚରେ ମାତ୍ର ୧୨ଟି ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ଆହୁରି ମଧ୍ୟ ପ୍ରଥମ ଶ୍ରେଣୀ କ୍ରିକେଟର କ୍ରମାଗତ ୬ ଛକା ଲଗାଇବାରେ ତୃତୀୟ ଖେଳାଳି। ଅନ୍ୟ ଦୁଇ ଜଣ ହେଲେ କିମ୍ବଦନ୍ତୀ ସାର୍ ଗାର୍‌ଫିଲ୍ଡ ସୋବର୍ସ ଏବଂ ଭାରତର ରବି ଶାସ୍ତ୍ରୀ।

# ପ୍ରେସିଡେଣ୍ଟ୍ସ ଟ୍ରଫି ଗଲ୍ଫ; ଅସିତ, ଲକ୍ଷ୍ମୀ ଚାମ୍ପିୟନ



ମହିଳା ବର୍ଗ ଚାମ୍ପିୟନ ଲକ୍ଷ୍ମୀ ସ୍ୱାଇଁ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)

ଭୁବନେଶ୍ୱର ଗଲ୍ଫ କ୍ଲବ ଆନୁକୂଲ୍ୟରେ ଏଠାରେ ପ୍ରେସିଡେଣ୍ଟ୍ସ ଟ୍ରଫି ଗଲ୍ଫ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାର ୦–୧୬ ହାଣ୍ଡିକାପ ବର୍ଗରେ ଅସିତ ତ୍ରିପାଠୀ ଚାମ୍ପିୟନ ଓ ଦିଗ୍‌ବିଜୟ ସିଂ ରନରଅପ୍ ହୋଇଛନ୍ତି। ବେଷ୍ଟ ଗ୍ରସ୍ ବିବେଚିତ ହୋଇଛନ୍ତି କ୍ୟାପ୍‌ଟେନ ସୁଭାଷ ଦାସ। ସେହିପରି ୧୭–୨୪ ହାଣ୍ଡିକାପ ବିଭାଗରେ ଧନଞ୍ଜୟ ବୋଷ ଓ ପି.ଭି. ମୋହନ ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ହୋଇଛନ୍ତି। ମହିଳା ବର୍ଗରେ ଲକ୍ଷ୍ମୀ ସ୍ୱାଇଁ ଓ ସୁପର୍ଣ୍ଣା ପଣ୍ଡା ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ଟ୍ରଫି ହାସଲ କରିଛନ୍ତି। ସିନିୟର ବିଭାଗରେ ବ୍ରିଗେଡିୟର କେ.ସି. ବେହେରା ଚାମ୍ପିୟନ ଓ ସୂର୍ଯ୍ୟକାନ୍ତ ମିଶ୍ର ରନରଅପ୍ ହୋଇଛନ୍ତି।

# ପ୍ରମୋଦଙ୍କୁ ୩ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)

**ଜାପାନ ପାରା ବ୍ୟାଡ୍‌ମିଣ୍ଟନ**



ପଦକ ସହ ପ୍ରମୋଦ ଭଗତ।

ଜାପାନର ଟୋକିଓରେ ଅନୁଷ୍ଠିତ ହୁଲିକ୍ ଦାଇହାତସୁ ଜାପାନ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ୩ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଗତ ୫ରୁ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ ପ୍ରମୋଦ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସରେ ଏହି ସଫଳତା ପାଇଛନ୍ତି। ଏସ୍‌ଏଲ୍‌୩ ସିଙ୍ଗଲ୍ସ ଫାଇନାଲରେ ସେ ଜାପାନର ଦାଇସୁକେ ଫୁଜିହାରାଙ୍କୁ ୧୭–୨୧, ୨୧–୧୯, ୨୧–୧୦ରେ ହରାଇଥିଲେ। ଏସ୍‌ଏଲ୍‌୩–ଏସ୍‌ଏଲ୍‌୪ ପୁରୁଷ ଡବଲ୍ସ ଫାଇନାଲରେ ପ୍ରମୋଦ ଓ ସୁକାନ୍ତ କଦମଙ୍କୁ ଯୋଡ଼ି ଅନ୍ୟତମ ଭାରତୀୟ ଯୋଡ଼ି ଜଗଦୀଶ ଦେଲ୍ଲି ଓ ନବୀନ ଶିବକୁମାରଙ୍କୁ ୨୧–୧୭, ୧୮–୨୧, ୨୧–୧୬ରେ ପରାସ୍ତ କରିଥିଲେ। ସେହିପରି ମିକ୍ସଡ ଡବଲ୍ସ ଫାଇନାଲରେ ଏସ୍‌ଏଲ୍‌୩–ଏସ୍‌ୟୁ୫ ମିକ୍ସଡ ଡବଲ୍ସ ଫାଇନାଲରେ ପ୍ରମୋଦ ଓ ମନୀଷା ରାମଦାସଙ୍କ ଯୋଡ଼ି ଭାରତୀୟ ଯୋଡ଼ି ନୀତେଶ କୁମାର ଓ ଥୁଲସିମଥି ମୁରୁଗେଶନଙ୍କୁ ୨୧–୧୯, ୨୧–୧୯ରେ ହରାଇ ଦେଇଥିଲେ। ତେଣୁ ପ୍ରତିଯୋଗିତାରେ ଭାରତୀୟ ଖେଳାଳିମାନେ ହିଁ ପ୍ରାଧାନ୍ୟ ବିସ୍ତାର କରିଥିବା ପରିଲକ୍ଷିତ ହୋଇଥିଲା। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ପ୍ରମୋଦଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ସ୍କୁଲ୍ସ ଓପନ ଚେସ୍: ଦିବ୍ୟାଂଶ ଚାମ୍ପିୟନ

ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୪ର୍ଥ ସନ୍ତୋଷ କୁମାର ସିଂ ସ୍ମାରକୀ ସ୍କୁଲ୍ସ ଓପନ ଚେସ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଦିବ୍ୟାଂଶ ନାୟକ ଓ ସାଇ କ୍ରିଷ୍ଣା ସାମଲ ୪.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ହୋଇଛନ୍ତି। ଓମ୍ ଶତପଥୀ, ମନୀଷ କୁମାର ଦାସ ଓ ସ୍ଥିତପ୍ରଜ୍ଞ ପଟ୍ଟନାୟକ ୪ ପଏଣ୍ଟ ସହିତ ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ଅନ୍ୟ କୃତୀ ପ୍ରତିଯୋଗୀଙ୍କୁ ଏଜ୍ ଗ୍ରୁପ୍ ଏବଂ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଶେଷରେ ଭାଇସ୍ ପ୍ରିନ୍ସିପାଲ ପାରମିତା ସାହୁ ଓ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।



ସ୍କୁଲ୍ସ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ଓଡ଼ିଶା ଓପନ ଟେନିସ ଉଦ୍‌ଯାପିତ

ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)

ଖୋର୍ଦ୍ଧା ଜିଲା ଟେନିସ ଆସୋସିଏଶନ (କେଡିଟିଏ) ଆନୁକୂଲ୍ୟରେ ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ଓଡ଼ିଶା ଓପନ ଟେନିସ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ୮ ଓ ୯ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ପ୍ରତିଯୋଗିତାରେ ସିନିୟର ପୁରୁଷ ୪୫+ ଡବଲ୍ସ, ୫୫+ ଡବଲ୍ସ ଓ ୬୫+ ଡବଲ୍ସ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ୪୫+ ଡବଲ୍ସରେ ବିବେକ ତିବରୱାଲ–ଶାଶ୍ୱତ ଜେନା ଯୋଡ଼ି ଚାମ୍ପିୟନ ଓ ଗୁଲିଭର ଲୋଇ–ଅରୁଣ କୁମାର ନାୟକ ରନରଅପ୍ ହୋଇଛନ୍ତି। ୫୫+ ଡବଲ୍ସ ଫାଇନାଲରେ ପି.କେ. ମିଶ୍ର–ମନୋଜ ଭଟ୍ଟାଚାର୍ଜୀ ପ୍ରତିପକ୍ଷ ଏସ୍.ଏସ୍. ରଥ ଓ ଅଜୟ ସାହୁଙ୍କୁ ପରାସ୍ତ କରିଛନ୍ତି। ସେହିପରି ୬୫+ ଡବଲ୍ସ ଫାଇନାଲରେ ସୁଶୀଲ କୁମାର ମିଶ୍ର ଓ ପ୍ରଭାତ କୁମାର ବକ୍ସି ଯୋଡ଼ିଙ୍କୁ ହାଇ ଏସ୍.ଏସ୍. ରଥ ଓ ବି.ଏନ୍. ମହାନ୍ତି ଯୋଡ଼ି ଚାମ୍ପିୟନ ହୋଇଛନ୍ତି। ଓଡ଼ିଶା ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି ଚେୟାରମ୍ୟାନ ଅସିତ ମହାପାତ୍ର ମୁଖ୍ୟ ଅତିଥି ଏବଂ ଲଳିତ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କେଡିଟିଏ ସଭାପତି ମଧୁସୂଦନ ପାଢ଼ୀ, ସମ୍ପାଦକ ଅସିତ ପ୍ରଧାନ, କାର୍ଯ୍ୟକାରୀ ସଭାପତି ଦାମୋଦର ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ଏଟିପି ଫାଇନାଲ୍ସରୁ ଓହରିଲେ ଜୋକୋଭିଚ୍

ଏଥେନ୍ସ, ୯।୧୧ (ଏପି)

ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍ କ୍ରମାଗତ ଦ୍ୱିତୀୟ ବର୍ଷ ଏଟିପି ଫାଇନାଲ୍ସରୁ ଓହରି ଯାଇଛନ୍ତି। ଜୋକୋଭିଚ୍ କହିଛନ୍ତି, କାନ୍ଧରେ ଆଘାତପ୍ରାପ୍ତ ଯୋଗୁ ସେ ଶ୍ରେଷ୍ଠ ପୁରୁଷ ଟେନିସ ୮ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହୋଇ ଆସୁଥିବା ସିଜନ ଶେଷ ଇଭେଣ୍ଟରୁ ଓହରିଯାଇଛନ୍ତି। ଟୁର୍ନାମେଣ୍ଟ ଇଟାଲୀର ତୁରିନଠାରେ ରବିବାର ଆରମ୍ଭ ହୋଇଛି। ଏହି ନିଷ୍ପତ୍ତି ଯୋଗୁ ଜୋକୋଭିଚ୍‌ଙ୍କ ସ୍ଥାନ ମୁସେଟିଙ୍କୁ ମିଳିଛି।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ